# ମେଷଶାବକଙ୍କ ବିବାହ

ଧନ୍ୟବାଦ, ଭାଇ ଏଡମଣ୍ଡସ୍ । ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

ଶୁଭ ସନ୍ଧ୍ୟା, ବନ୍ଧୁଗଣ । ଆଜି ରାତି ପୁଣିଥରେ ଏଠାରେ ଫେଲୋସିପ୍ ଟ୍ୟାବର୍ନାକଲ୍‌ରେ ରହିବା ନିଶ୍ଚିତ ଭାବରେ ଏକ ସୌଭାଗ୍ୟ ଅଟେ । ଯେତେବେଳେ ମୁଁ ଆଜି ଅପରାହ୍ନରେ, ଅତିକ୍ରମ କରିଥିଲି, ଏବଂ ଏହାକୁ ସେଠାରେ ଦେଖିଲି ଯେଉଁଠାରେକି ତାହା ଥିଲା, ଏବଂ ମୁଁ ସେହି ଶବ୍ଦ "ଫେଲୋସିପ୍" ମକୁ ଦେଖିଲି, ତାହା ମୋତେ ସମ୍ପୂର୍ଣ୍ଣ ଭାବେ ଯଥାର୍ଥ ଲାଗିଲା । ଭାଇ ଏଡମଣ୍ଡସ୍, ମୋତେ ତାହା ଭଲ ଲାଗେ । ଫେଲୋସିପ୍ ଅର୍ଥାତ୍ ସହଭାଗିତା, ତାହାହିଁ ତ ଅଟେ ଯେଉଁଥିରେକି ଆମେମାନେ ବିଶ୍ୱାସ କରୁ ।

2 ମୋର ଜଣେ ପୁରୁଣା ବନ୍ଧୁ, ଯିଏକି ଅଳ୍ପ କେତେ ଦିନ ହେବ ପ୍ରଭୁଙ୍କ ସହିତ ରହିବା ନିମନ୍ତେ ଘରକୁ ଚାଲିଗଲେ, ଆପଣମାନଙ୍କ ମଧ୍ୟରୁ ଅନେକେ ହୁଏତ ତାଙ୍କୁ ଜାଣିଥିବେ, ଡାଃ. ଏଫ୍. ଏଫ୍. ବୋସ୍‌ୱର୍ଥ, ଆପଣମାନଙ୍କ ମଧ୍ୟରୁ ଅନେକେ । ମୁଁ ଭାବୁଛି, ଯେ ସେ ଥରେ ମୋ ସହିତ, ଏଠାରେ ଫିନିକ୍ସରେ ଥିଲେ, ଜଣେ ଅତି ସାହସିକ ପ୍ରାଣଟିଏ । ଏବଂ ସେ ଜଣେ…ଏକ—ଏକ ରହିଥିଲା…ସେ ଜଣେ ସାଧୁ ବୃଦ୍ଧ ବ୍ୟକ୍ତି ଥିଲେ, ମାତ୍ର ହାସ୍ୟରସରେ ପରିପୂର୍ଣ୍ଣ ଥିଲେ । ଏବଂ ସେ ମୋତେ, ଥରେ କହିଲେ, ସେ କହିଲେ…ମୁଁ ସହଭାଗିତା ବିଷୟରେ କହି ଚାଲିଥିଲି । ଏବଂ ସେ କହିଲେ, "ଭାଇ ବ୍ରାନହାମ୍, କଅଣ ଆପଣ ଜାଣିଛନ୍ତି ଯେ ସହଭାଗିତା କଅଣ?"

ମୁଁ କହିଲି, "ତେବେ, ମୁଁ ଜାଣେ ବୋଲି ଭାବୁଛି, ଭାଇ ବୋସ୍‌ୱର୍ଥ ।"

3 ସେ କହିଲେ, "ଏହା ଗୋଟିଏ ଜାହାଜରେ ଦୁଇଜଣ ବ୍ୟକ୍ତି ।" ତେଣୁକରି, ଏବଂ ତାହା ପ୍ରାୟଃ ସଠିକ୍ ଅଟେ, ପରସ୍ପର ସହିତରେ ନିଜର ସ୍ଥାନକୁ ବାଣ୍ଟିବା ।

4 ଏବଂ ମୁଁ ଦେଖିଲି ଯେ ଆପଣମାନଙ୍କ ମଧ୍ୟରୁ ଅନେକେ, ଭାଇ ବୋସୱର୍ଥଙ୍କୁ ଜାଣନ୍ତି ବୋଲି ନିଜର ହାତ ଉଠାଇଛନ୍ତି । ଏହା ଜାଣି ଯେ—ଯେ ଆପଣ ତାଙ୍କୁ ଜାଣିଛନ୍ତି, ମୁଁ ଏଠାରେ ପୃଥିବୀରେ ତାଙ୍କର ଶେଷ ମୁହୂର୍ତ୍ତର ଅଳ୍ପ କିଛି ଶବ୍ଦ କହିବାକୁ ଚାହେଁ । ମୁଁ ତାଙ୍କୁ ଅନେକ ସମୟ ହେବ ଜାଣିଥିଲି । ଏବଂ ମୋର ଜନ୍ମ ପୂର୍ବରୁ, ସେ ଏଠାରେ ସୁସମାଚାର ପ୍ରଚାର କରୁଥିଲେ ଏବଂ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରୁଥିଲେ । ଅତଏବ ଆପଣମାନେ ଦେଖିପାରନ୍ତି ଯେ ସେ କେତେ ବୟସର ଥିଲେ । ପ୍ରଭୁ ତାଙ୍କୁ ବଞ୍ଚିବାକୁ ଦେଲେ, ମୁଁ ଭାବୁଛି, ପ୍ରାୟଃ ପଞ୍ଚା-ଅଶି ବର୍ଷ, ସେହିପରି କିଛି ଗୋଟାଏ, ଏବଂ ତଥାପି ଯେତେବେଳେ ସେ ମୃତ୍ୟୁବରଣ କଲେ ଜଣେ ସାହସିକ ବୃଦ୍ଧ ବ୍ୟକ୍ତି ଥିଲେ ।

5 ଯେତେବେଳେ ସେ ପଞ୍ଚ-ସତୁରି ବର୍ଷର ହୋଇଥିଲେ, ମୁଁ ବିଶ୍ୱାସ କରେ ଯେ ଏହା ଥିଲା, ସେ ଏବଂ ମୁଁ ସେଠାରେ ଥିଲୁ…ମୁଁ ଭାବୁଛି, ମିଆମିରେ ଥିବା ଏଜମଣ୍ଟ ହୋଟେଲରେ । ଏବଂ ଆମେ ଆମର—ଆମର ରାତ୍ରିଭୋଜନ ନେଇ ସାରିଥିଲୁ, ଏବଂ ଚାଲି କରି ସେଠାରେ

ସମୁଦ୍ରକୂଳକୁ ଯାଇଥିଲୁ ଯେଉଁଠାରେକି ଢେଉଗୁଡିକ ମାଡି ଆସୁଥିଲା, ଯେପରିକି ଚନ୍ଦ୍ରର ଉଦୟ ଦେଖୁ। ଏବଂ ମୁଁ ଏଠାରେ, ପ୍ରାୟଃ ଚାଳିଶ ବର୍ଷ ବୟସରେ, ମୋର କାନ୍ଧଗୁଡିକ ତଳକୁ ଖସି ଯାଇଥିଲାପରି, ସେହିପରି ଭାବରେ ଚାଲୁଥିଲି। ଏବଂ ସେ, ପ୍ରାୟଃ ପଞ୍ଚ-ସତୁରି ବର୍ଷ ବୟସରେ, ଠିକ ସେତିକି ସଳଖ ଚାଲୁଥିଲେ ଯେତିକି ସେ ହୋଇପାରିବେ। ଏବଂ ମୁଁ ତାଙ୍କୁ ଅନାଇଲି, ଏବଂ ମୁଁ ତାଙ୍କୁ ପ୍ରଶଂସା କଲି। ଏବଂ ମୁଁ କହିଲି, "ଭାଇ ବୋସ୍‌ୱର୍ଥ, ମୁଁ ଆପଣଙ୍କୁ ଏକ ପ୍ରଶ୍ନ ପଚାରିବାକୁ ଚାହେଁ।"

ସେ କହିଲେ, "ଭାଇ ବ୍ରାନହାମ୍, ଠିକ୍ ଅଛି ପଚାରନ୍ତୁ।"

ଏବଂ ମୁଁ କହିଲି, "ଆପଣ ନିଜର ସବୁଠୁ ଶ୍ରେଷ୍ଠ ସମୟରେ କେବେ ଥିଲେ?"

6 ସେ କହିଲେ, "ଠିକ ବର୍ତ୍ତମାନ।" ତେବେ, ସେଠାରେ, ମୁଁ ନିଜକୁ ଲଜ୍ଜିତ ଅନୁଭବ କଲି। ଏବଂ ସେ କହିଲେ, "ତୁମେ ଭୁଲିଯାଉଛ ଯେ ମୁଁ କେବଳ ପିଲାଟିଏ ଅଟେ, ଯିଏକି ଗୋଟିଏ ପୁରୁଣା ଘରେ ରହୁଅଛି," ସେ କହିଲେ। ଏବଂ ତାହା ଭାଇ ବୋସ୍‌ୱର୍ଥ ଥିଲେ।

7 ଯେତେବେଳେ ମୁଁ ଶୁଣିଲି ଯେ ସେ ପ୍ରଭୁଙ୍କୁ ସାକ୍ଷାତ କରିବାକୁ ଯାଉଛନ୍ତି, ମୁଁ ତାଙ୍କୁ ଦେଖିବା ପାଇଁ, ମିଆମିକୁ ଯିବାରେ, ଏତେ କ୍ଷୀପ୍ର ବେଗରେ ଗାଡି ଚଲାଇଥିଲି ଯେ ତାର ଚକଗୁଡିକ ଘସି ହୋଇ ପ୍ରାୟଃ ପୋଡି ଯାଇଥିଲା। ଏବଂ ଯେତେବେଳେ ମୁଁ ଏବଂ ପତ୍ନୀ ସେଠାରେ ପହଞ୍ଚିଲୁ...ଆଉ ବୋସ୍‌ୱର୍ଥ ପରିବାର ଏବଂ ଆମ ପରିବାର ଅତ୍ୟନ୍ତ ଭଲ ବନ୍ଧୁ ଥିଲେ। ଏବଂ ଆମେମାନେ ଭିତରକୁ ଗଲୁ। ସେହି ବୃଦ୍ଧ ପିତୃପୁରୁଷ ଗୋଟିଏ ଛୋଟ ବିଛଣାରେ ଶୋଇ ରହିଥିଲେ। ଏବଂ ସେ ଉପରକୁ ଉଠିଲେ, ତାଙ୍କର ଛୋଟ ଚନ୍ଦା ମୁଣ୍ଡଟିକୁ, ଅଳ୍ପ ଟେକିଲେ, ପତଳା ବାହୁଗୁଡ଼ିକୁ ମୋ ଆଡକୁ, ସେହିପରି ଭାବରେ ବିସ୍ତାର କଲେ / ମୋ ଗାଲରୁ ଲୁହ ଝରି ଆସୁଥିଲା। ମୁଁ ତାଙ୍କୁ ମୋ ବାହୁରେ ଆଲିଙ୍ଗନ କଲି, ଏବଂ କାନ୍ଦିଲି, "ମୋର ପିତା, ମୋର ପିତା, ଇସ୍ରାଏଲର ରଥ ଏବଂ ଅଶ୍ୱାରୋହୀମାନେ!" କାରଣ, ଯଦି ଏପରି କେବେ କୌଣସି ଜଣେ ବୃଦ୍ଧ ବ୍ୟକ୍ତି ଥିଲେ ଯିଏକି ପେଣ୍ଟିକଷ୍ଟାଲ୍ ଆନ୍ଦୋଳନରେ ସମ୍ମାନ ପ୍ରଦର୍ଶନ କରିଥିଲେ, ତାହା ଭାଇ ବୋସ୍‌ୱର୍ଥ ଥିଲେ। ସେ ନିଶ୍ଚିତରେ ଥିଲେ। ସେ ଏକ ଅତି ମହାନ୍ ଫୁଲଟିଏ ଥିଲେ।

8 ଏବଂ ଆପଣମାନେ ଜାଣନ୍ତି, ପ୍ରଥମ ବିଷୟ ଯାହା ସେ କରିବାକୁ ଚାହୁଁଥିଲେ, ତାହା ହେଉଛି ମୋତେ ଏକ ଥଟ୍ଟାଳିଆ କଥା କହିବାକୁ, ସେହିପରି କିଛି, ଆପଣମାନେ ଜାଣନ୍ତି।

ଏବଂ ମୁଁ କହିଲି, "ଭାଇ ବୋସ୍‌ୱର୍ଥ, କଅଣ ଆପଣ ଭଲ ହେବାକୁ ଯାଉଛନ୍ତି କି?"

9 ସେ କହିଲେ, "ନା, ଭାଇ ବ୍ରାନହାମ୍। ମୁଁ ତ ଆରମ୍ଭରୁ ହିଁ, ଅସୁସ୍ଥ ନୁହେଁ।" ସେ କହିଲେ, "ମୁଁ ତ କେବଳ ଘରକୁ ଯାଉଅଛି।"

ମୁଁ କହିଲି, "ତେବେ, ତାହା ବହୁତ ଉତ୍ତମ ଅଟେ।"

10 ସେତେବେଳେ ଆମେମାନେ ଠିକ ଆଫ୍ରିକାର ମିଶନ କ୍ଷେତ୍ରରୁ ଆସିଥିଲୁ, ସେ ଏବଂ ମୁଁ। ସେ କହିଲେ, "ମୁଁ ଆଉ ଅଧିକ ବଞ୍ଚିବା ହେତୁ ଯଥେଷ୍ଟ ବୃଦ୍ଧ ହେଲିଣି।" ସେ କହିଲେ, "ମୁଁ ଘରକୁ ଯାଉଛି।"

ମୁଁ କହିଲି, "ଭାଇ ବୋସ୍‌ୱର୍ଥ, ଆପଣ ମୋତେ କଅଣ କରିବାକୁ ପରାମର୍ଶ ଦେବେ?"

11 ଏବଂ ସେ କହିଲେ, "ସୁସମାଚାର ସହିତ ରହିଥାଅ।" ଏବଂ ସେ କହିଲା, "ତୁମେ ଯେତେ ଶୀଘ୍ର ପାରିବ ସେତିକି ଶୀଘ୍ର ମିଶନ କ୍ଷେତ୍ରକୁ ଫେରିଯାଅ।" କହିଲେ, "ତାହାହିଁ ମୋର ପରାମର୍ଶ ହେବ।"

12 ଏବଂ ମୁଁ କହିଲି, "ଭାଇ ବୋସ୍‌ୱର୍ଥ, ଆଉ ଗୋଟିଏ କଥା ମୁଁ ଆପଣଙ୍କୁ ପଚାରିବାକୁ ଚାହେଁ।"

ସେ କହିଲେ, "ଭାଇ ବ୍ରାନହାମ୍, ତାହା କଅଣ ଅଟେ?"

13 ମୁଁ କହିଲି, "ତେବେ, ଆପଣ ପ୍ରଭୁଙ୍କ ପାଇଁ, ସେବାରେ, ପ୍ରାୟଃ ଷାଠିଏ ବର୍ଷ କିମ୍ବା ବୋଧହୁଏ ତାହାଠୁ ଅଧିକ ସମୟ ଦେଇଛନ୍ତି।" ଏବଂ ମୁଁ କହିଲି, "ଆପଣଙ୍କ ଜୀବନରେ ସବୁଠୁ ଖୁସିର ସମୟ କେବେ ରହିଥିଲା?"

ସେ କହିଲେ, "ଠିକ ବର୍ତ୍ତମାନ।"

ଏବଂ ମୁଁ କହିଲି, "ଭାଇ ବୋସ୍‌ୱର୍ଥ, କଅଣ ଆପଣ ଜାଣନ୍ତି ଯେ ଆପଣ ମରୁଅଛନ୍ତି?"

14 ସେ କହିଲେ, "ମୁଁ ମରିପାରେ ନାହିଁ। ମୁଁ ତ ବହୁତ ବର୍ଷ ପୂର୍ବେ ମରି ଯାଇଥିଲି।" ଏବଂ ମୁଁ...ସେ କହିଲେ, "ଭାଇ ବ୍ରାନହାମ୍, ଯାହାସବୁ ବିଷୟ ପାଇଁ ମୁଁ ଗତ ଷାଠିଏ ବର୍ଷ ହେଲା ଭଲ ପାଇଅଛି ଏବଂ ଯତ୍ନ ନେଇଅଛି, ମୁଁ ତାହାଙ୍କୁ ମୋ ପାଇଁ, ଯେକୌଣସି ସମୟରେ ବି ଆସି ସେହି ଦ୍ୱାରକୁ ଖୋଲି ମୋତେ ଗ୍ରହଣ କରିନେବା ପାଇଁ ଅପେକ୍ଷା କରୁଅଛି।"

ମୁଁ ସେହି ବିଷୟରେ ଭାବେ, *ଜୀବନର ଗୀତ*:

> ମହାନ ବ୍ୟକ୍ତିମାନଙ୍କର ଜୀବନଗୁଡିକ ଆମକୁ ମନେ ପକାଇ ଦିଏ
> ଯେ ଆମେ ଆମର ଜୀବନଗୁଡିକୁ ଉତ୍କୃଷ୍ଟ କରିପାରୁ,
> ପୃଥକୀକରଣର ବିଷୟ ସହିତ, ଆମକୁ ଛାଡି ଦେଇଯାଏ
> ସମୟର ବାଲି ଉପରେ ପଦଚିହ୍ନମାନ।

ଏବଂ ସେ ନିଶ୍ଚିତ ଭାବରେ ମୋ ପାଇଁ, ପଦଚିହ୍ନଗୁଡିକ ଛାଡି ଦେଇ ଗଲେ।

15 ଏହା ପୂର୍ବେକି ସେ ପ୍ରାଣତ୍ୟାଗ କରନ୍ତି, କିମ୍ବା, ପା-...ସେ ମହିମା ମଧ୍ୟକୁ ଚାଇଗଲେ, ପ୍ରାୟଃ ଗୋଟିଏ ଘଣ୍ଟା, କିମ୍ବା ହୁଏତ ଅଧିକ ସମୟ ହେବ, ଏହା ପୂର୍ବେକି ସେ ଚାଲିଯାଆନ୍ତି, ସେ କିଛି ଘଣ୍ଟା ଧରି ଏକ ପ୍ରକାର ଶୋଇ ରହିଲେ ଏବଂ ତାଙ୍କ ପତ୍ନୀ, ତାଙ୍କ ପୁଅମାନେ, ପ୍ରିୟଜନମାନେ ଚାରିପାଖରେ ଛିଡା ହୋଇଥିଲେ, ଏବଂ ସେହି ବୃଦ୍ଧ ବ୍ୟକ୍ତିଜଣକ ଉଠି ପଡ଼ିଲେ, ଚାରିଆଡ଼କୁ ଅନାଇଲେ, ଉଠିଲେ, ଏବଂ ଚଟାଣ ଉପରେ ଚଲାବୁଲା କଲେ, ଏବଂ

ତାଙ୍କ ମାତାଙ୍କ ସହିତ ଯିଏକି ବହୁତ ବର୍ଷ ହେବ ଚାଲିଯାଇଥିଲେ, ପୁଣି ତାଙ୍କ ବାପାଙ୍କ ସହିତ ହାତ ମିଶାଇଲେ। ଏବଂ ଗୋଟିଏ ଘଣ୍ଟାରୁ ଅଧିକ ସମୟ ଧରି, ସେ ଲୋକମାନଙ୍କ ସହିତ ହାତ ମିଶାଇଲେ, ଏହା କହିଲେ, "ଏହା ହେଉଛନ୍ତି ଭାଇ ଜନ୍। ହଁ, ଆପଣ ଇଲିନୋଇସ୍‌ର, ଜୋଲିଏଟରେ ମୋର ସଭାରେ ଖ୍ରୀଷ୍ଟଙ୍କ ନିକଟକୁ ଆସିଥିଲେ। ଏଠାରେ ଭାଇ..." ଅନେକ ବର୍ଷ ଧରି, ଚାଲିଯାଇଥିବା ତାଙ୍କ ଦ୍ୱାରା ମନ ଫେରଣ କରିଥିବା ବିଶ୍ୱାସୀମାନଙ୍କ ସହିତ ହାତ ମିଶାଇଥିଲେ।

16 ମୁଁ—ମୁଁ ଆପଣମାନଙ୍କୁ କହୁଛି, ବେଳେବେଳେ ମୁଁ ବିଶ୍ୱାସ କରେ ଯେ ସେହି ଘଟିକାରେ ଯେତେବେଳେକି ଆମେମାନେ ଏହି ପୃଥିବୀରୁ ଅନ୍ୟ ସ୍ଥାନକୁ ଚାଲି ଯାଇଥାଉ, ମୁଁ ବିଶ୍ୱାସ କରେ ଯେ କୌଣସି ସମୟରେ ଯେତେବେଳେ...ସେହି ନଦୀ ପାର ହେବା କଷ୍ଟକର ହେବାକୁ ଯାଉଛି, ଆପଣମାନେ ଜାଣନ୍ତି, ଯେକୌଣସି ଉପାୟରେ ବି। ମୁଁ ବିଶ୍ୱାସ କରେ ଯେ ବୋଧହୁଏ ପ୍ରଭୁ ଆମ ପ୍ରିୟ ଲୋକମାନଙ୍କୁ କୁହନ୍ତି, "ସେହି ନଦୀ କୂଳକୁ ଓହ୍ଲାଇ ଯାଇ ସେଠାରେ ସେମାନଙ୍କ ସହିତ ସାକ୍ଷାତ କର।" କାରଣ ଯେପରିକି ଯାକୁବ କହିଥିଲେ, ଆମେମାନେ ଦିନେ ଆମର ଲୋକମାନଙ୍କ ସହିତ ଏକତ୍ର କରା ଯିବୁ।

17 ମୁଁ ମଧ୍ୟ ସେହି ଦିନର ଆଗମନକୁ ଅପେକ୍ଷା କରୁଅଛି। ଏବଂ ତାହାପରେ ଯେତେବେଳେ ମୋର ଏଠାରେ ଏହି ଜୀବନ ଶେଷ ହୋଇଯାଏ, କିମ୍ବା ପରମେଶ୍ୱର ମୋ ସହିତ ଏଠାରେ ଶେଷ ହୋଇଯାଆନ୍ତି, ଏବଂ ମୁଁ ଦେଖେ ଯେ ମୁଁ ପ୍ରତ୍ୟେକ ସେହି ଦୁର୍ଗକୁ ଅଧିକାର କରିଅଛି ଯାହା ମୁଁ କରି ପାରିଥିଲି, ପ୍ରତ୍ୟେକ ସେହି କଣ୍ଟକ ବୁଦା ଦେଇ ଯାଇଅଛି, ଏବଂ ପ୍ରତ୍ୟେକ ପାହାଡ ଚଢିଅଛି, ମୁଁ ପଛକୁ ଅନାଇ ତାହା ଦେଖିବାକୁ ଚାହେଁ, ଯେ ମୁଁ କେଉଁଠାରୁ ଦେଇ ଗତି କରିଅଛି, ଯେତେବେଳେ ମୁଁ ସେହି ନଦୀ ନିକଟକୁ ଓହ୍ଲାଇ ଆସେ।

18 ମୁଁ ସବୁବେଳେ କହି ଆସିଛି, ଏଠାରେ ଥିବା ସେହି ଅଶ୍ୱେତ ଲୋକମାନଙ୍କ ପରି, ସେମାନଙ୍କର ଏକ ଛୋଟ ଗୀତଟିଏ ଅଛି ଯାହା ସେମାନେ ଗାଇଥାନ୍ତି, "ମୁଁ ନଦୀରେ କୌଣସି ଅସୁବିଧା ଚାହେଁ ନାହିଁ।" ମୁଁ ବର୍ତ୍ତମାନ ହିଁ ଏହାକୁ ସବୁ ସଳଖ କରିବାକୁ ଚାହେଁ।

19 କେବଳ ହୋଇପାରେ ଯେ ସେହି ଖଡ୍ଗକୁ ତାର କୋଷରେ ରଖିଦିଏ, ଏବଂ ଶିରସ୍ତ୍ରାଣକୁ କାଢି ପକାଏ, ଏବଂ ତାକୁ ସମୁଦ୍ର କୂଳରେ ରଖିଦିଏ, ଏବଂ ନିଜର ହାତକୁ ଉପରକୁ ଉଠାଇ, ଉଚ୍ଚ ପାଟିରେ ଚିତ୍କାର କରେ, "ପିତା, ସେହି ଜୀବନଡଙ୍ଗାକୁ ନେଇ ଆସ। ମୁଁ ଆଜି ସକାଳେ ଘରକୁ ଆସୁଅଛି।" ସେ ସେଠାରେ ରହିବେ। ବ୍ୟସ୍ତ ହୁଅନ୍ତୁ ନାହିଁ। ମୁଁ ତାହା ବିଶ୍ୱାସ କରେ। ମୁଁ ଭାବୁଛି ଯେ ତାହା ଆମ ପ୍ରତ୍ୟେକଙ୍କର ହୃଦୟର ଇଚ୍ଛା ଅଟେ।

20 ତେବେ, ଆଜି ରାତି ଏହି ସୁନ୍ଦର ପାଳକ ଏବଂ ତାଙ୍କ ମଣ୍ଡଳୀ ସହିତ ଏଠାରେ ରହିବା ଏକ ବଡ଼ ସୌଭାଗ୍ୟର ବିଷୟ ଅଟେ, ଏବଂ ଏହି ଚମତ୍କାର କାର୍ଯ୍ୟ, ଏବଂ ଏହି ଲୋକମାନେ ଯେଉଁମାନେକି ଫିନିକ୍ସର ଏହି ପ୍ରାନ୍ତରେ, ଖ୍ରୀଷ୍ଟଙ୍କଠାରେ ଯାତ୍ରା କରୁଛନ୍ତି। କାରଣ, ବାସ୍ତବରେ, ଆମେମାନେ ଯାତ୍ରୀ ଅଟୁ। ଆମେମାନେ ଏଠାରେ ତୀର୍ଥଯାତ୍ରୀ ଏବଂ ପରଦେଶୀ ଅଟୁ।

ଆମେମାନେ ଏକ ନଗରକୁ ଅନ୍ୱେଷଣ କରୁଅଛୁ।

21 ଯେପରିକି ମୁଁ ଆଜି ସକାଳେ ସେହିରାଜକୀୟ ବଂଶ ଉପରେ, ତଳେ ଭାଇ ଫୁଲରଙ୍କ ଆରାଧନାଳୟକୁ କହୁଥିଲି। ତେବେ, ଯଦି ଆପଣଙ୍କ ପାଖରେ ଟେପ୍ ରେକର୍ଡର୍ ଅଛି, ମୁଁ କେବେବି ଉଲ୍ଲେଖ କରେ ନାହିଁ। ମାତ୍ର ଆଜି ସକାଳେ ଏପରି କିଛି ଗୋଟାଏ ଘଟିଥିଲା, ଯାହାକି ମୁଁ...ଯଦି ଆପଣଙ୍କ ପାଖରେ ଟେପ୍ ରେକର୍ଡର୍ ଅଛି, ଯଦି ଆପଣ ସେଗୁଡିକ ମଧ୍ୟରୁ ଗୋଟିଏ ଟେପ୍‌କୁ ପାଆନ୍ତି, ତେବେ ମୁଁ ସୁନିଶ୍ଚିତ ଯେ ଆପଣ ଏହାକୁ ପ୍ରଶଂସା କରିବେ। ଭାଇ ମାଗୁଏରଙ୍କ ପାଖରେ ତାହା ଅଛି, ଏବଂ *ଅବ୍ରହାମଙ୍କ ରାଜକୀୟ ବଂଶ*।

22 ଦେଖନ୍ତୁ, ଅବ୍ରହାମଙ୍କ ବଂଶ ତ ଇସ୍‌ହାକ ଥିଲେ, ଯାହାକି ପ୍ରାକୃତିକ ଭାବରେ, ଯିହୁଦୀ ଥିଲା। ମାତ୍ର ସେହି ପ୍ରତିଜ୍ଞା ମାଧ୍ୟମରେ, ରାଜକୀୟ ବଂଶ ତ ଖ୍ରୀଷ୍ଟ ଥିଲେ, ପୁଣି ଏହା ଯେ ଖ୍ରୀଷ୍ଟ ପରମେଶ୍ୱରଙ୍କ ବାକ୍ୟର ପ୍ରକଟୀକରଣ ଥିଲେ। ଏବଂ ଏହା ଆଜି ଆମ ହୃଦୟରେ ଅଛି ଯେ ଆମେ..."ଯଦି ମୁଁ...ତୁମେମାନେ ମୋ ଠାରେ ରୁହ, ଏବଂ ମୋହର ବାକ୍ୟ ତୁମଠାରେ ରୁହେ, ତେବେ ତୁମର ଯାହା ଇଚ୍ଛା ତାହା ମାଗ, ଏବଂ ଏହା ତୁମ ପାଇଁ ହୋଇଯିବ।"

23 ତେବେ, ମୁଁ ଏଠାରେ ତାହା ଫିନିକ୍ସ ବିଷୟରେ, ଅନେକ ଥର ପ୍ରକାଶ କରିଅଛି, ଯେଉଁ ସମୟଠୁଁ ମୁଁ ଏଠାକୁ ଆସିଛି...ମୁଁ ପ୍ରଥମେ କରି ପଇଁ-ତିରିଶ ବର୍ଷ ପୂର୍ବେ ଆସିଥିଲି। ଏବଂ ସେଠାରେ ଉପରେ 1ତେମ ଏବଂ ହେନ୍‌ଶରେ, ମୁଁ ରହୁଥିଲି, ଏବଂ ଏଠାରେ ସର୍କଲ୍ ଆର ରାଞ୍ଚରେ, ୱିକେନ୍ବର୍ଗ ବାହାରେ କାମ କରୁଥିଲି। ଏବଂ ମୁଁ ସେଠାରେ 1ତେମ ଏବଂ ହେନ୍‌ଶରେ ରହୁଥିବା ଏକ ସାନ ଝିଅ ସହିତ ଯାଉଥିଲି। ମୁଁ ଅନ୍ୟ ଦିନ ସେହି ସ୍ଥାନକୁ ଖୋଜିବା ପାଇଁ ଗଲି, ଏବଂ ଏହାକୁ ତ ଆଉ ହେନ୍‌ଶ ସୁଦ୍ଧା ଡକା ଯାଉନାହିଁ। ଏହା ତ ବର୍ତ୍ତମାନ ବକଆୟ ଅଟେ। ଏବଂ ଏହା ତ ଠିକ ଏଠାରେ ଫିନିକ୍ସର ମହାନଗର ନିଗମରେ ଏକ ବଡ ସହର ଅଟେ। ତେବେ ସବୁକିଛି ଏପରି ଭାବରେ ବଦଳି ଯାଇଛି।

24 ଏବଂ ମୁଁ ଏବଂ ପତ୍ନୀ ଫିନିକ୍ସକୁ ଦେଖିବା ପାଇଁ, ଦକ୍ଷିଣ ପର୍ବତ ଉପରକୁ ଯାଇଥିଲୁ। ମୁଁ ଭାବିଲି, ପ୍ରାୟଃ ତିନି ଶହ ବର୍ଷ ପୂର୍ବେ, ସେଠାରେ ବୋଧହୁଏ କୋକିଶିୟାଳୀ, ସପ୍ତଫେଣୀ ଇତ୍ୟାଦି ବ୍ୟତୀତ ଆଉ କିଛି ହିଁ ଏଠାରେ ନ ଥିଲା। ଏବଂ ବର୍ତ୍ତମାନ ଏହା ଏକ ମହାନ ଅତି ସୁନ୍ଦର ସହର ଅଟେ। ତେବେ, ମୁଁ କହିଲି, "ପ୍ରିୟେ, କଅଣ ଏହା ରୂପାନ୍ତରିତ ନା ବିକୃତ ଅଟେ? ତୁମେ ନିଜ ପସନ୍ଦ ବ୍ୟବହାର କରିପାର। ମୋ ପାଇଁ, ତ ଏହା ବର୍ତ୍ତମାନ ବିକୃତ ଅଟେ। କାରଣ, ଏହି ମହାନ ଭବନମାନ ଏବଂ ସୁନ୍ଦର ସଂରଚନାଗୁଡିକ ଉତ୍ତମ ହେବ ଯଦି ପୁରୁଷ ଓ ସ୍ତ୍ରୀମାନେ ରାସ୍ତାରେ ଉପର-ଓ-ତଳକୁ ଯାଉଥାଆନ୍ତି, ପରମେଶ୍ୱରଙ୍କ ନିକଟରେ ହାତ ଉଠାଇ, ପରମେଶ୍ୱରଙ୍କୁ ପ୍ରଶଂସା କରୁଥାଆନ୍ତି, ଏବଂ ଭାଇ ଓ ଭଉଣୀମାନେ ଏପରି ଭାବରେ ବାସ କରୁଥାଆନ୍ତି; ମଦ ପିଇବା, ଜୁଆ ଖେଳିବା, ଧୂମପାନ କରିବା, ମିଛ କହିବା, ଚୋରି କରିବା, ବିୟର ଦୋକାନ ବଦଳରେ, ସମସ୍ତ କିଛି ବିଶଯ ଯାହା ଖରାପ ଅଟେ। ତଥାପି, ସେହି ସବୁ ମଧ୍ୟରେ..."

ତେବେ ପତ୍ନୀ ମୋତେ କହିଲେ, "ତାହହେଲେ, ବିଲି, ତୁମେ ଏଠାରେ କଅଣ ପାଇଁ ଅଛ?"

25 ମୁଁ କହିଲି, "ମାତ୍ର, ପ୍ରିୟେ, ଯେଉଁ ସମୟଠୁଁ ଆମେମାନେ ଏଠାରେ ବସି ରହିଛୁ, ପନ୍ଦର ମିନିଟ୍ ହେଲାଣି, ସେହି ଉପତ୍ୟକାରେ କେତେ ମିଛ କୁହାଯାଇଥିବ? କେତେ ଶପଥମାନ, ପ୍ରଭୁଙ୍କ ନାମରେ ବୃଥାରେ ନିଆଯାଇଥିବ? କେତେ ସିଗାରେଟ୍, କେତେ ୱିସ୍କି ମଦପାନୀୟ, କେତେ ବ୍ୟଭିଚାର କରାଯାଇଥିବ, ଏବଂ ସେସବୁ ସେଠାରେ, ସେହି ଶେଷ ଅଳ୍ପ କେତେକ ସମୟ ମଧ୍ୟରେ ହୋଇଥିବ, ଯେଉଁ ସମୟରେକି ଆମେମାନେ ଏଠାରେ ରହିଛୁ?"

ସେ କହିଲେ, "କଅଣ ତାହା ଭୟଙ୍କର ନୁହେଁ କି?"

26 ମାତ୍ର ମୁଁ କହିଲି, "ପ୍ରିୟେ, ତେବେ ସେଇଥି ପାଇଁ ତ ଆମେମାନେ ଏଠାରେ ଅଛୁ। ଆମେମାନେ ଏଠାରେ ରହିଥିବା ସମୟ ପରଠାରୁ କେତେ ବିଶ୍ୱସ୍ତ ପ୍ରାର୍ଥନାଗୁଡିକ କରା ଯାଇଅଛି? 'ତୁମେ ଜଗତର ଜ୍ୟୋତି।' ତାହାହିଁ ଅଟେ ଯେଉଁଥି ପାଇଁ କି ଆମେମାନେ ଏଠାରେ ଅଛୁ, ଯେ ଏଠାରେ ଏହି ଛୋଟ ମଣ୍ଡଳୀଗୁଡିକ ସହିତରେ ଆମର କାନ୍ଧକୁ ଦେଉ, ଏହାକୁ ଗତିଶୀଳ କରିବା ଦିଗରେ ସାହାଯ୍ୟ କରିବା ପାଇଁ ଆମେମାନେ ଯାହା କରିପାରୁ ତାହା ସବୁ କରୁ। ଏପରି ଏକ ହେଉ..."

27 ଆପଣ ସାଧୁମାନେ, ଆପଣମାନେ ସମସ୍ତେ ମୋ ପାଇଁ ଏକ ଆଶୀର୍ବାଦ ଅଟନ୍ତି। ମୁଁ ଆଶା କରେ ଯେ ଆପଣମାନଙ୍କର ଏଠାରେ ଆସିବାରେ, ମୁଁ ଆପଣଙ୍କ ପାଇଁ ଏକ ଆଶୀର୍ବାଦ ହେବି। ଏବଂ ମୁଁ, ଯେତେବେଳେ ମୁଁ ଏହା ଜାଣିବାକୁ ପାଇଲି ଯେ ମୁଁ ବିଭିନ୍ନ ନାମଧାରୀ ସଂସ୍ଥା ଏବଂ ସଂଗଠନମାନ, ଏବଂ—ଏବଂ ବିଭିନ୍ନ ମଣ୍ଡଳୀ, ଓ ଇତ୍ୟାଦି ସବୁକୁ, ଏଠାରେ ସେହି ଫିନିକ୍ସ ଉପତ୍ୟକା ଦେଇ ଭାଇମାନଙ୍କୁ ପରିଦର୍ଶନ କରିବାକୁ ଯାଇପାରେ, ମୋର ହୃଦୟ ଆନନ୍ଦିତ ହୋଇ ଉଠିଲା। ତାହା ମୋର ସେହି ଖ୍ରୀଷ୍ଟିଆନ ବ୍ୟବସାୟୀ ପୁରୁଷ ସମ୍ମିଳନୀରେ, କହିବାକୁ ଥିବା ସଭା ପୂର୍ବରୁ ଆସେ, ଯାହାକି ମୁଁ ଭାବୁଛି, ଶନିବାର ସକାଳ ଜଳପାନରେ, ଏବଂ ତାହାପରେ ପରବର୍ତ୍ତୀ ସେହି ରବିବାର ଦିନ, ପରବର୍ତ୍ତୀ ସମୟରେ, ରବିବାର ଅପରାହ୍ନ ସଭାରେ। ଏବଂ ସେହି ଭାଇମାନଙ୍କ ସହିତରେ ସାକ୍ଷାତ କରିବା ଏହା ସର୍ବଦା ଏକ ସୌଭାଗ୍ୟ ଅଟେ। ମୁଁ ଭାବୁଛି ସେଠାରେ ସେମାନଙ୍କ ପାଖରେ ପ୍ରାୟଃ ପଚି-ଶ ଶହ ବସିବାର ସ୍ଥାନଗୁଡିକ ଅଛି। ଆମ ସମସ୍ତଙ୍କ ପାଇଁ ପ୍ରଚୁର ବସିବାର ସ୍ଥାନ ଅଛି। ଏବଂ ଆମେ ଆପଣମାନଙ୍କୁ ସେଠାରେ ସାକ୍ଷାତ କରିବାକୁ ଆଶା କରୁ।

28 ଏବଂ ତାହାପରେ ଏହି ମଣ୍ଡଳୀରୁ ସେହି ମଣ୍ଡଳୀକୁ ଯିବା ଏବଂ କଥା ହେବା, ଏହି ସହଭାଗିତାର ସମୟକୁ ପାଇବା। ମୁଁ ଭାବୁଛି ଯେ ମୁଁ ଆଜି ସକାଳେ ପ୍ରାୟଃ ଦେଢ ଘଣ୍ଟା ପର୍ଯ୍ୟନ୍ତ, ପ୍ରଚାର କରିଥିବାରୁ ମୋର ଗଳା ଖରଖରାଉଅଛି। ଏବଂ ତାହା ଏକ ଅଳ୍ପ ସମୟ ଥିଲା। ମୁଁ ସାଧାରଣତଃ, ଘରେ ଥିବା ସେହି ମଣ୍ଡଳୀରେ—ରେ, ଏହାର ତିନି କିମ୍ବା ଚାରି ଘଣ୍ଟା ପୂର୍ବରୁ ବାହାରି ନ ଥାଏ। ମୁଁ କେବଳ...ମୁଁ ଜଣେ ପ୍ରଚାରକ ନୁହେଁ। ତେଣୁ ମୁଁ—ମୁଁ କେବଳ

ପ୍ରଭୁଙ୍କ ନିକଟରେ ଏକ ଆନନ୍ଦଧ୍ୱନି କରିଥାଏ। ମୁଁ ଏହାକୁ ଅତ୍ୟନ୍ତ ଭଲ ଭାବରେ କରିବାକୁ ପସନ୍ଦ କରେ। ମୁଁ—ମୁଁ ଅନୁମାନ କରେ ଯେ ମୁଁ ଏହାକୁ କେବଳ ଭଲ ପାଏ, ତେଣୁକରି ମୁଁ ଏହାକୁ କରିବା ଜାରି ରଖିଥାଏ। ମୋର ଥିଲା…ଚାରି କିମ୍ବା ପାଞ୍ଚଟି ଭିନ୍ନ ଅଭିବ୍ୟକ୍ତି ଥିଲା ଯେ ମୁଁ ଲୋକମାନଙ୍କୁ ବହୁତ ବିଳମ୍ବ ଯାଏଁ ଅଟକାଇ ରଖିଥାଏ, ତେଣୁ ମୁଁ ଜାଣେ ଯେ ଏହା ସତ ଅଟେ। ଏବଂ ଆଜି ରାତି, ସତ କହିବାକୁ ଗଲେ, ଆମେମାନେ ଏକ ଘଟିକା ପୂର୍ବରୁ ଏଠାରୁ ବାହାରିଯିବା। ମୁଁ, ମୁଁ ଆପଣମାନଙ୍କୁ ଠିକ ସେହି ବିଷୟରେ ପ୍ରାୟଃ ଅଶ୍ୱାସନା ଦେବି। ମୁଁ କେବଳ, ପ୍ରାୟଃ…ଏପରି ଏକ ଉତ୍ତମ ଅନୁଭୁତିର ଆତ୍ମା, ଏବଂ ସବୁକିଛି ଏତେ ସୁନ୍ଦର ଭାବରେ, ମୁଁ ସୁନିଶ୍ଚିତ ଯେ ଆମମାନଙ୍କ ପାଇଁ ପବିତ୍ରଆତ୍ମାଙ୍କଠାରେ ଏକ ଆଶୀର୍ବାଦ ରହିଛି।

29 ତେବେ, ବର୍ତ୍ତମାନ ମୁଁ ଏହି ସଭାଗୁଡ଼ିକରେ କୌଣସି ଆରୋଗ୍ୟ ସେବା କରି ନାହିଁ। ମୁଁ…ଦିନେ ରାତିରେ, ଭାଇଙ୍କ ଠାରେ…ଜୀସସ୍ ନେମ, ସେହି ପାଳକଙ୍କର କି ନାମ ଥିଲା? ଭାଇ ଆଉଟ୍ଲ। ଭାଇ ଆଉଟ୍ଲଙ୍କ ମଣ୍ଡଳୀ, ସେଠାରେ ବହୁତ ସଂଖ୍ୟାରେ ଲୋକମାନେ ପ୍ରାର୍ଥନା କରାଇବାକୁ ଚାହୁଁଥିଲେ। ଏବଂ ମୁଁ ମୋର ପୁଅକୁ କିଛି ପ୍ରାର୍ଥନା କାର୍ଡ ବାଣ୍ଟି ଦେବାକୁ କହିଥିଲି। ଏବଂ ତାହାପରେ କେତେକ ରାତ୍ରି ପରେ, ପବିତ୍ରଆତ୍ମା ସେହି ଭବନରେ ଏପରି ଭାବରେ ଅବତରିତ ହୋଇଥିଲେ, ଏପରିକି…ଆପଣମାନେ ସମସ୍ତେ ଜାଣନ୍ତି। ଆପଣମାନେ ମୋର ସଭାଗୁଡ଼ିକରେ ରହିଛନ୍ତି। ଆପଣମାନେ ସମସ୍ତେ ରହିଛନ୍ତି। ଆପଣ ଦେଖିଛନ୍ତି ଯେ କିପରି ସେହି ଗୁପ୍ତ ବିଷୟଗୁଡିକୁ ଜାଣିବା ବିଷୟ, ଏବଂ ଇତ୍ୟାଦି ସବୁ। ମାତ୍ର ମୁଁ ବର୍ତ୍ତମାନ ଲକ୍ଷ୍ୟ କରିଛି ଯେ ଏହା ପ୍ରାର୍ଥନା କରାଇବା ହେତୁ ଅନେକ ଲୋକମାନେ ଜମା ହେଲେଣି। ଏବଂ ମୁଁ ତାହା ପ୍ରଥମେ, ବୁଧବାର ଏବଂ ଗୁରୁବାର ଆରମ୍ଭ ବେଳେ ଲକ୍ଷ୍ୟ କଲି। ମୁଁ ଭାବିଲି ଯେ ମୁଁ ରବିବାର ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବି, କାରଣ ଯଦି ଆପଣ ମଣ୍ଡଳୀରେ ଆରୋଗ୍ୟ ସେବା କରୁଛନ୍ତି…

30 ଆପଣମାନେ ଦେଖନ୍ତୁ, ମୁଁ—ମୁଁ ପ୍ରତ୍ୟେକ ସ୍ଥାନରେ ଯେଉଁଠାକୁ ବି ମୁଁ ଗଲି ତାହା ଘୋଷଣା କରିଥିଲି ଯେ ପ୍ରତ୍ୟେକ ବ୍ୟକ୍ତି ରବିବାର ଦିନ ନିଜର କର୍ତ୍ତବ୍ୟ ସ୍ଥାନରେ ରହୁ, ଆପଣ ଦେଖନ୍ତୁ। ଏହି ବିଶେଷ ସଭାଗୁଡ଼ିକ କେବଳ ଭାଇମାନଙ୍କୁ ପରିଦର୍ଶନ କରିବା ଅଟେ। ଆଉ ଆମେମାନେ—ଆମେମାନେ ଚାହୁଁ ଯେ ପ୍ରତ୍ୟେକେ ସମସ୍ତେ ନିଜ ନିଜର କର୍ତ୍ତବ୍ୟର ସ୍ଥାନରେ ରହିଥାଆନ୍ତୁ, କାରଣ ଆପଣଙ୍କର ପାଳକ ଆପଣଙ୍କୁ ଅପେକ୍ଷା କରୁଛନ୍ତି, ଏବଂ ସେହିଠାରେ ହିଁ ଆପଣମାନେ ରହିବା ଉଚିତ୍।

31 ତେଣୁକରି ତେବେ—ତେବେ ମୁଁ ଭାବୁଛି, ଆସନ୍ତାକାଲି ରାତିରେ, ଯଦି ପ୍ରଭୁ ଇଚ୍ଛା କରନ୍ତି, ମୁଁ ଜାଣେ ନାହିଁ…ଆସନ୍ତାକାଲି ରାତିରେ ଆମମାନେ କେଉଁଠାରେ ରହିବା? [ଜଣେ ଭାଇ କୁହନ୍ତି, "ସେଠାରେ ଟେମ୍ପେରେ, ଭାଇ ଓ'ଡୋନେଲ୍ଙ୍କ ମଣ୍ଡଳୀରେ।"—ସମ୍ପା।] ଟେମ୍ପେ, ଏରିଜୋନାର, ଭାଇ ଓ'ଡନେଲ୍ଙ୍କ ଠାରେ। ତେବେ, ଯଦି ଆପଣମାନଙ୍କର ନିଜର ମଣ୍ଡଳୀରେ ଏପରି କିଛି ବିଶେଷ ବିଷୟ ନ ଥାଏ—ନ ଥାଏ, ଏବଂ ଆପଣମାନଙ୍କ

ପାଖରେ ଅସୁସ୍ଥ ଲୋକମାନେ ରହିଛନ୍ତି, କାହିଁକି, ମୁଁ ଆସନ୍ତାକାଲି ରାତି, ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛି, କେବଳ ଏକ ନିୟମିତ ପ୍ରାର୍ଥନା ପଂକ୍ତି କରିବାକୁ ଯାଉଅଛି, ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛି, ବୋଧହୁଏ—ବୋଧହୁଏ ସୋମବାର, ମଙ୍ଗଳବାର। ତେବେ ଆସନ୍ତୁ ଦେଖିବା, ମୁଁ ଅନୁମାନ କରେ…ମୁଁ…ଓଃ, ମୋର ରହିଛି… କଅଣ ବୁଧବାର ରାତ୍ରି ମଧ୍ୟ ମୋର ଗୀର୍ଜା ରହିଛି କି? [“ହଁ।”] ବୁଧବାର ରାତ୍ରି। ତାହାହେଲେ ଏହା…

32 ଏବଂ ଏହା ଗୁରୁବାର ଠାରୁ ଆରମ୍ଭ ହେବ କି, କଅଣ ତାହା ଠିକ୍, ସେହି ସମ୍ମିଳନୀ? [ଜଣେ ଭାଇ କୁହନ୍ତି, “ମୋ ପାଖରେ ଏକ ପ୍ରକାର ବିଷୟଗୁଡିକ ରହିଛି…?…”—ସମ୍ପା।] ଠିକ ଅଛି, ଭାଇ। ସେ ବର୍ତ୍ତମାନ ଘୋଷଣା କରିବେ। [“ଦେଖନ୍ତୁ, ଆମେମାନେ ଆଜି ରାତି ଏଠାରେ ଅଛୁ। ଏବଂ ଆସନ୍ତାକାଲି ରାତି ଆମେମାନେ ଟେମ୍ପେ ଆସେମ୍ବଲି ଅଫ ଗଡ଼ରେ ଅଛୁ। ଏବଂ ତାହାପରେ ତେଇ-ଶ ତାରିଖ ଦିନ ସନ୍ନିସ୍ଲୋପରେ ମାଉଣ୍ଟେନ୍ ଭ୍ୟୁରେ ରହିବୁ। ଏବଂ ତାହାପରେ ଚବି-ଶ ତାରିଖ ଦିନ ସେଣ୍ଟ୍ରାଲ୍ ଆସେମ୍ବଲିରେ ରହିବୁ।”] ଠିକ ଅଛି, ତାହା ଉତ୍ତମ ଅଟେ। [“ମୁଁ ନିଜେ, ତାହା ମନେ ରଖିପାରେ ନାହିଁ। ମୁଁ ଏକ ପ୍ରକାରେ ତାହା ସହିତ ଘଣ୍ଟାଚକଟା କରି ଦେଇଥାଏ।”] ସେ ବିଷୟରେ ଚିନ୍ତା କରନ୍ତୁ ନାହିଁ।

ମୁଁ ଅନ୍ୟ ଦିନ ସେହି ବିଷୟରେ, କଥା କହୁଥିଲି, “ମନେ ରଖିପାରୁ ନାହିଁ।”

33 ଏବଂ ଭାଇ ଜ୍ୟାକ୍ ମୂର୍ ମୋତେ କହିଲେ, କହିଥିଲେ, “କଅଣ ଆପଣ ଭାବୁଛନ୍ତି ଯେ ଆପଣ ଖରାପ ଅଟନ୍ତି?” ସେ କହିଲେ।

34 ମୁଁ କହିଲି, “ଭାଇ ଜ୍ୟାକ୍, ମୁଁ କଥାବାର୍ତ୍ତା କରିବାକୁ ଯାଏ, ମୁଁ ତାହା ମନେ ରଖିପାରେ ନାହିଁ ଯାହା ବିଷୟରେ ମୁଁ ଠିକ କହୁଥିଲି।”

35 ସେ କହିଲେ, “ତାହା ଖରାପ ବୋଲି ଭାବନ୍ତୁ ନାହିଁ।” କହିଲେ, “ମୁଁ ଫୋନ ଯୋଗେ କଲ୍ କଲି, କାହାରିକୁ ଡାକିଲି, କହିଲି, ‘ଆପଣ କଅଣ ଚାହାଁନ୍ତି?’” ତେବେ, ତାହା ବହୁତ ଖରାପ ହେଉଅଛି!…?…ଓଃ!

36 ତେଣୁ, ମୋର ପ୍ରଭୁ, ତାହା ଥଟ୍ଟାଳିଆ ଭଳି ଶୁଭା ଯାଉ ଥାଇପାରେ, ଯାହାକି ମୁଁ ଭାବୁ ନାହିଁ ଯେ ତାହା ଏଠାରେ ପ୍ରଚାର ମଞ୍ଚରୁ କହିବା ଠିକ୍ ଅଟେ। ମାତ୍ର ପରମେଶ୍ୱରଙ୍କ ସନ୍ତାନମାନେ ତ କେବଳ ଖୁସି ସନ୍ତାନମାନେ ଅଟନ୍ତି, ଯେକୌଣସି ପ୍ରକାରେ ବି, ଆପଣମାନେ ଜାଣନ୍ତି, ତେଣୁ ଆମେମାନେ—ଆମେମାନେ କେବଳ ଚାହିଁଥାଉ। ମୁଁ ଭାବିଲି ଯେ ତାହା ଏକ ପ୍ରକାର ଅତି ସୁନ୍ଦର ଅଟେ।

37 ଆପଣମାନେ ସମସ୍ତେ, ଆପଣମାନଙ୍କ ମଧ୍ୟରୁ ଅନେକେ, ଭାଇ ଜ୍ୟାକ୍ ମୂରଙ୍କୁ ଜାଣନ୍ତି। ସେ ଲୁଇସିୟାନାର, ଶ୍ରେୱେପୋର୍ଟ, ଲାଇଫ୍ ଟ୍ୟାବର୍ନେକଲ୍‌ରୁ ଅଟନ୍ତି, ବହୁତ ଉତ୍ତମ ଭାଇ ଜଣେ। ଏବଂ ତେଣୁକରି ସେ ମୋତେ ତାହା କହୁଥିଲେ। ସେ ଜଣେ ଠିକାଦାର, ମଧ୍ୟ ଅଟନ୍ତି।

38 ସେ କହିଲେ, "ତାହା ଖରାପ ବୋଲି ଭାବନ୍ତୁ ନାହିଁ, ଭାଇ ବ୍ରାନହାମ୍।" କହିଲେ, "ମୁଁ ଅନ୍ୟ ଦିନ କାହାରିକୁ ଫୋନ୍ କଲି, ଏବଂ ସେମାନଙ୍କ ଯୋଗାଯୋଗ ସଂଖ୍ୟାରେ ସମ୍ପର୍କ କଲି।" ଏବଂ କହିଲେ, "ସେମାନେ ଉତ୍ତର ଦେଲେ, 'ନମସ୍କାର।' ମୁଁ କହିଲି, 'ତେବେ, ଆପଣ କଅଣ ଚାହାଁନ୍ତି?'"

ମୁଁ ଭାବିଲି, "ତେବେ, ଭାଇ ଜ୍ୟାକ୍, ତାହା ତ ଅତି ନିମ୍ନ ସ୍ତରକୁ ଯାଉଅଛି।"

39 ତେଣୁକରି ବର୍ତ୍ତମାନ, ମୁଁ ଭାବୁଛି ଯେ ଏହା ଭଲ ହେବ, ଏବଂ ଏହି ବନ୍ଧୁମାନେ ଯେଉଁମାନେକି ପ୍ରାର୍ଥନା କରାଇବାକୁ ଚାହାଁନ୍ତି, ଏବଂ ସେମାନଙ୍କର ଅସୁସ୍ଥ ଲୋକମାନଙ୍କୁ ଭିତରକୁ ଆଣିବାକୁ ଚାହାଁନ୍ତି, ତାହାପରେ ଆମେମାନେ ସେମାନଙ୍କ ପାଇଁ ପ୍ରାର୍ଥନା କରିବା।

40 ତେବେ, ଆଜି ରାତି, ମୁଁ ସେହି ବିଷୟରେ ଭାବିଛି ଯାହା ମୁଁ ଆଜି ରାତି ଏଠାରେ ଏହି ସୁନ୍ଦର ଛୋଟ ମଣ୍ଡଳୀରେ କହିବି। ମୁଁ ଭାବିଲି, "ତେବେ, ମୁଁ ଜାଣେ ନାହିଁ ଯେ କଅଣ।" ମୋତେ କେବଳ ଅଳ୍ପ ଟିକିଏ ମୂଳପାଠ ନେବାକୁ ଅଛି, ଏବଂ ଏହା ଭରସା କରିବାକୁ ଅଛି ଯେ ପ୍ରଭୁ ସେହି ଶବ୍ଦଗୁଡ଼ିକୁ କୌଣସି ସ୍ଥାନରେ ମିଶ୍ରିତ କରାଇବେ, ଏବଂ ଏହା ହେଉ ଯେ ତାହା ସେଠାରେ ପଡୁ ଯେଉଁଠାରେକି ଏହା କାହାରିକୁ ସାହାଯ୍ୟ କରିବ। ହେବା ପାଇଁ...ମୁଁ କେବେବି ଏକ ମୂଳପାଠ ନେବାକୁ ଚେଷ୍ଟା କରେ ନାହିଁ, ମୁଁ ସର୍ବଦା ମାର୍ଗଦର୍ଶନ କରାଯାଏ ବୋଲି ଅନୁଭବ କରିଥାଏ, ଏବଂ ଶାସ୍ତ୍ରର ଏକ ସମୂହ ଲେଖିବାକୁ, ଓ ଇତ୍ୟାଦି କରିବାକୁ ଚେଷ୍ଟା କରିଥାଏ। ଏବଂ—ଏବଂ ତାହାପରେ, ଯଦି ପ୍ରଭୁ ଅଲଗା ଭାବରେ କଢେଇ ନିଅନ୍ତି, ତେବେ ମୁଁ କେବଳ ସେହିପରି ଭାବରେ ଆଗେଇଥାଏ ଯେପରିକି ସେ ମୋତେ କଢେଇ ନିଅନ୍ତି। ଏବଂ ମୁଁ ଭାବୁଛି ଯେ ତାହାହିଁ ସେହି ଉପାୟ ଯେ ଆମେମାନେ ସମସ୍ତେ କରିବା ଉଚିତ୍। କଅଣ ଆପଣ ସେପରି ଭାବନ୍ତି ନାହିଁ କି? ସେହି ସମାନ ଭାବରେ କରିବା।

41 ଏବଂ ବର୍ତ୍ତମାନ ସେଠାରେ ଗୋଟିଏ ବିଷୟ ଅଛି ଯାହାକି—ଯାହକି ମୁଁ—ମୁଁ ଚାହେଁ, ପ୍ରତ୍ୟେକ ମଣ୍ଡଳୀ ଏହାକୁ ପ୍ରତ୍ୟେକ ସ୍ଥାନୀୟ ସଂସ୍ଥାକୁ ଘୋଷଣା କରନ୍ତୁ। ଏବଂ ତାହା ହେଉଛି, ଯେ ଯଦି...ଯେତେବେଳେ ଆପଣ ନିଜର ପାଳକ ଏବଂ ନିଜର ପ୍ରିୟଜନମାନଙ୍କ ପାଇଁ ପ୍ରାର୍ଥନା କରି ସାରନ୍ତି, ତେବେ ମୋତେ ଭୁଲିବେ ନାହିଁ, 'କାରଣ ମୁଁ ଅନୁଭବ କରେ, ଯେ ପ୍ରତିଦିନ, ପୂର୍ବ ଅପେକ୍ଷା ଆହୁରି ଅଧିକ ଆବଶ୍ୟକ କରେ, ଯେ ଆମେମାନେ ମାର୍ଗର ଶେଷକୁ ଆସୁଅଛୁ।

42 ଏବଂ ଅଳ୍ପ କିଛି ସପ୍ତାହ ପୂର୍ବେ, ମୁଁ ମୋର ମାଆଙ୍କୁ କବର ଦେଇଅଛି। ଏବଂ ପରମେଶ୍ୱର ତାଙ୍କ ନିଶ୍ୱାସ ଏବଂ ପ୍ରାଣକୁ ସ୍ୱର୍ଗକୁ ନ ନେବା ପର୍ଯ୍ୟନ୍ତ ତାଙ୍କୁ ମୋ କୋଳରେ ଧରି ରହିଥିଲି। ମୁଁ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଜଣେ ସ୍ତ୍ରୀଙ୍କ ସେହି ସାହସିକ ମୃତ୍ୟୁକୁ ଦେଖିଲି, ଏବଂ ତାଙ୍କୁ ମାର୍ଗର ଶେଷକୁ ଆସୁଥିବାର ଦେଖିଲି। ମୁଁ ଚିନ୍ତା କଲି, "ଓଃ, ମୋତେ—ମୋତେ ନିଶ୍ଚିତ ଭାବରେ ପ୍ରତ୍ୟେକ ମାତାଙ୍କୁ କେବଳ ସେହିପରି କରିବା ଆବଶ୍ୟକ। ମୋତେ ତାହା ପାଇବା ପାଇଁ ନିଶ୍ଚିତ ଭାବରେ ଠିକ କିଛି ଗୋଟାଏ କରିବା ଆବଶ୍ୟକ...ଯାହାକିଛି ମୁଁ କରିପାରେ ତାହା

କରିବା ଆବଶ୍ୟକ, ଯେପରିକି ଲୋକମାନଙ୍କୁ ତାହା ଦେଖାଇପାରେ ଯେ ଏହାର ପ୍ରକୃତ ଅର୍ଥ କଅଣ ଅଟେ।"

43 ଏବଂ, ବନ୍ଧୁଗଣ, ମୁଁ ସୁନିଶ୍ଚିତ ଯେ ଏହା ହୁଏତ ଟିକିଏ ଅଧିକ ଗଭୀର ହୋଇପାରେ। ଏବଂ ମୁଁ ଭାବୁଛି ଯେ ଆମେମାନେ ଏହାକୁ ଅପେକ୍ଷାକୃତ ଭାବାରେ ଟିକିଏ ଅଧିକ ହାଲୁକା ନେଇଅଛୁ ଯେତିକି ଏହା ପ୍ରକୃତରେ ଅଟେ। ମୁଁ ଭାବୁଛି ଯେ ଆମକୁ ମନେ ରଖିବା ଉଚିତ୍। ଯଦି ପରମେଶ୍ୱର ଏତେ ପବିତ୍ର ଅଟନ୍ତି ଯେ ଏପରିକି ସ୍ୱର୍ଗଦୂତମାନେ ସୁଦ୍ଧା ତାହାଙ୍କ ଦୃଷ୍ଟିରେ ଅପରିଷ୍କାର ଦେଖାଯାନ୍ତି, ତାହାହେଲେ ଆମେମାନେ କିପରି ଦେଖାଯିବା? ବୁଝିଲେ? ତାହା ଠିକ୍ ଅଟେ। ତେଣୁ ଆମେମାନେ ମନେ ରଖିବାକୁ ଚାହୁଁ। ଏବଂ ମନେରଖନ୍ତୁ, ପରମେଶ୍ୱର ସେଠାରେ ଅନତି ଦୂରରେ ଅନନ୍ତତାରେ ଉପସ୍ଥିତ ଅଛନ୍ତି, ଯାହାକି ସୌରମଣ୍ଡଳର ସମସ୍ତ ସୂର୍ଯ୍ୟଙ୍କଠାରୁ ଅଧିକ ଜ୍ୱାଜଲ୍ୟମାନ ଅଟେ। "ପବିତ୍ର, ପବିତ୍ର, ପବିତ୍ର," ସେହି ସ୍ୱର୍ଗଦୂତମାନେ ସେମାନଙ୍କର ମୁଖ ଉପରେ, ଓ ପାଦ ଉପରେ ଡ଼େଣାଗୁଡିକରେ ଢାଙ୍କି, ତାହାଙ୍କ ଉପସ୍ଥିତିରେ ଉଡୁଥାଇ, ଏହା ଚିତ୍କାର କରୁଥିଲେ, "ପବିତ୍ର।" ଆମେମାନେ କଅଣ ହେବା ଉଚିତ୍? ତେଣୁକରି ଆମେ...ତାହାହିଁ ଅଟେ ଯାହାକି ଆମେମାନେ କରିବାକୁ ଚେଷ୍ଟା କରୁଅଛୁ।

44 ଏବଂ—ଏବଂ ମୁଁ ଏହା ଅନୁଭବ କରେ ଯେ ଏହା, ପରମେଶ୍ୱରଙ୍କ ସେହି ରାଜ୍ୟ, ଏପରି ଜଣେ ବ୍ୟକ୍ତିଙ୍କ ସଦୃଶ ଯିଏକି ମହାଜାଲ ନେଇ ସମୁଦ୍ରକୁ ଗଲା, ଯୀଶୁ କହିଲେ, ଏବଂ ସେ ଜାଲ ପକାଇଲା। ଏବଂ ଯେତେବେଳେ ସେ ତାକୁ ଟାଣିଲା, ସେ ତାହା ଭିତରେ ସବୁ ପ୍ରକାର ଜୀବଗୁଡିକୁ ପାଇଲା। ମାତ୍ର ଭଲ ମାଛ, ଅବଶ୍ୟ, ଅଲଗା ରଖାଗଲା; ଏବଂ ଅନ୍ୟ ଭକ୍ଷକ ମାଛ ସେହି ଜଳ ଭିତରକୁ ଫେରିଗଲା, ଯେପରିକି କଙ୍କଡା ମାଛ, ଏବଂ—ଏବଂ ସାପ, ଝିଟିପିଟି, ଏବଂ ଟେରାପିନ ପୋକ, ଓ ଇତ୍ୟାଦି। ମାତ୍ର ସେହି ସୁସମାଚାର ଜାଲ ଏସବୁକୁ ଧରିଥାଏ। ଏବଂ ଆମେମାନେ...କୌଣସି ଏକ ଦିନ ସେଠାରେ ଏପରି ଏକ ସମୟ ଆସିବ ଯେତେବେଳେକି ଆମେମାନେ ଆମର ଶେଷ ଜାଲକୁ ପକାଇବା, ଭାଇ ଆଡାମ୍ସ। ତାହା ଠିକ୍। ଏହା ଆପଣ କିମ୍ବା ମୁଁ ନୁହେଁ ଯିଏକି ଏହା କହିବେ ଯେ କେଉଁଟା ମାଛ ଅଟେ ଏବଂ କେଉଁଟା ନୁହେଁ। ଆମେମାନେ ଜାଣି ନାହୁଁ। ଆମେମାନେ ତ କେବଳ ଜାଲ ପକାଇଥାଉ ଓ ଏହାକୁ ଟାଣିଥାଉ। ତାହାହିଁ ସବୁକିଛି। ପରମେଶ୍ୱର ତାହାଙ୍କର ନିଜ ବିଷୟକୁ ଜାଣନ୍ତି। "ଯାହାଙ୍କୁ ସେ ପୂର୍ବରୁ ଜାଣିଥିଲେ, ସେ ଡାକିଲେ; ଏବଂ ଯେଉଁମାନଙ୍କୁ ସେ ଡାକିଲେ, ସେ ଧାର୍ମିକ ବୋଲି ଗଣନା କଲେ; ଏବଂ ଯେଉଁମାନଙ୍କୁ ସେ ଧାର୍ମିକ ବୋଲି ଗଣନା କଲେ, ସେ ମହିମାନ୍ୱିତ କଲେ।" ତେଣୁକରି ଆମେମାନେ କେବଳ ଜାଳ ପକାଇ, ଅପେକ୍ଷା କରୁଅଛୁ। ଏବଂ ଆଜି ରାତି ଏଠାରେ ଭାଇ ଏଡମଣ୍ଡସ୍‌ଙ୍କ ମଣ୍ଡଳୀରେ ଛିଡା ହୋଇ, ଏହି ସ୍ଥାନରେ ଜାଲ ପକାଇବାରେ ସାହାଯ୍ୟ କରିବା ଏହା ମୋର ସୌଭାଗ୍ୟ ଅଟେ, ଯେ ଏହା ଦେଖିବା ଯଦି ସେଠାରେ କୌଣସି ମାଛ ଅଛନ୍ତି କି ନାହିଁ ଯାହା ପରମେଶ୍ୱର ନିଜ ରାଜ୍ୟ ପାଇଁ ରଖିଛନ୍ତି।

45 ତେବେ, ଏହା ପୂର୍ବେକି ଆମେମାନେ ବାକ୍ୟ ପାଠ କରୁ, ଆସନ୍ତୁ ଆମେମାନେ ସେହି

ବାକ୍ୟର ଲେଖକଙ୍କ ସହିତ ଅଳ୍ପ ଟିକିଏ କଥା ହେବା ଯେତେବେଳେକି ଆମେମାନେ ନିଜର ମସ୍ତକ ନତ କରିଅଛୁ ।

46 ଏହି ମୁହୂର୍ତ୍ତର ପବିତ୍ରତାରେ, ଆମର ମସ୍ତକଗୁଡିକ ନତ କରିଥିବା ସହ, ଯେ ଆମେମାନେ ଜୀବନ୍ତ ପରମେଶ୍ୱରଙ୍କ ବାକ୍ୟ ନିକଟକୁ ଆସୁଅଛୁ, ଯାହାକି ପରମେଶ୍ୱର ଅଟନ୍ତି, ମୁଁ ଆଶ୍ଚର୍ଯ୍ୟ କରେ ଯେ ଯଦି ଏଠାରେ ଏପରି କୌଣସି ଲୋକ ରହିଛନ୍ତି କି ଯେଉଁମାନଙ୍କ ହୃଦୟରେ ଅନୁରୋଧଗୁଡିକ ରହିଛି, ଯେ ସେମାନେ ଏହି ପ୍ରାର୍ଥନାରେ ସ୍ମରଣ କରାଯିବାକୁ ପସନ୍ଦ କରିବେ । ଏହାକୁ ହାତ ଉଠାଇ ଜଣାନ୍ତୁ ।

ପ୍ରଭୁ ଯୀଶୁ, ପ୍ରତ୍ୟେକ ହୃଦୟକୁ ଜାଣି, ଦର୍ଶକବୃନ୍ଦଙ୍କୁ ଦେଖନ୍ତୁ ।

ଧନ୍ୟବାଦ ।

47 ମହାନ୍ ଅନୁଗ୍ରହକାରୀ ଏବଂ ପବିତ୍ର ପରମେଶ୍ୱର, ସେହି ସର୍ବଶକ୍ତିମାନ, ଅଲ୍ ଶଦ୍ଦାଇ, ଯିଏକି ଅବ୍ରହାମଙ୍କୁ "ସର୍ବଶକ୍ତିମାନ, ସେହି ସ୍ତନଧାରୀ-ପରମେଶ୍ୱର, ସେହି ଶକ୍ତି-ପ୍ରଦାନକାରୀ, ଦୁର୍ବଳର ପୋଷଣକାରୀ" ନାମରେ ଦେଖା ଦେଇଥିଲେ, ହେ ପିତା, ଆଜି ରାତି ଆମ ପାଖକୁ ଆସ । ଏବଂ ଆମେମାନେ ଆମର ଦୁର୍ବଳତାଗୁଡିକୁ ଏବଂ ଆମର ଭୁଲଗୁଡିକୁ ଅନୁଭବ କରୁଅଛୁ । ଆମେମାନେ ତୁମ ସମ୍ମୁଖରେ ଆମର ପାପଗୁଡିକୁ ସ୍ୱୀକାର କରୁଅଛୁ, ଏବଂ ସେଗୁଡିକୁ ତୁମର ବିଚାରର ପିତ୍ତଳ ଯଜ୍ଞବେଦି ଉପରେ ରଖୁଅଛୁ, ଏବଂ ପ୍ରାର୍ଥନା କରୁଅଛୁ ଯେ ଆମେମାନେ କରିଥିବା ସେହି ବଳିଦାନରେ, ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ସେଗୁଡିକୁ ଦୂର କରି ଦେଉ । ହେ ପରମେଶ୍ୱର, ଏହା ପ୍ରଦାନ କର ।

48 ଆମେମାନେ ଆମର ଜୀବନଗୁଡିକୁ ଏବଂ ଆମ ପାଖରେ ଯାହା ସବୁ ଅଛି, ଏବଂ ଯାହା ଅଳ୍ପ ଛୋଟ ପ୍ରତିଭା ଆମ ପାଖରେ ଅଛି ତାହାକୁ ସମର୍ପିତ କରୁଅଛୁ । ହେ ପ୍ରଭୁ, ଏହାକୁ ପରମେଶ୍ୱରଙ୍କ ମହିମା ପାଇଁ ବ୍ୟବହାର କର ।

49 ଏହି ମଣ୍ଡଳୀକୁ, ଏହାର ସୁନ୍ଦର ପାଳକଙ୍କୁ, ଦୀକନ୍, ଟ୍ରଷ୍ଟି, ଏବଂ ସମସ୍ତ ବୋର୍ଡଙ୍କୁ, ଏବଂ "ଫେଲୋସିପ୍" ନାମକ ଏହି ମଣ୍ଡଳୀକୁ ଆସୁଥିବା ପ୍ରତ୍ୟେକ ସଦସ୍ୟଙ୍କୁ ଆଶୀର୍ବାଦ କର । ହେ ପରମେଶ୍ୱର, ମୁଁ ପ୍ରାର୍ଥନା କରେ ଯେ ପୁରୁଷ ଏବଂ ସ୍ତ୍ରୀମାନେ, ଯେତେବେଳେକି ସେମାନେ ଏହି ସ୍ଥାନର ସେହି ଦ୍ୱାର ଦେଇ ଭିତରକୁ ଆସନ୍ତି, ଏହା ହେଉ ଯେ ସେମାନେ ଏହି ଭବନ ଭିତରେ ରହିଥିବା ପବିତ୍ରଆତ୍ମାଙ୍କର ସେହି ସୁନ୍ଦର କ୍ରମ ହେତୁ ବିଶ୍ୱାସର ଅଧୀନରେ ନତ ମସ୍ତକ ହେବେ । ହେ ପ୍ରଭୁ, ଏହା ପ୍ରଦାନ କର ।

50 ଆମମାନଙ୍କର ପାପଗୁଡିକୁ, ଏବଂ ଆମର ଅପରାଧଗୁଡିକୁ କ୍ଷମା କର, ଆମେ ପୁନର୍ବାର ମାଗୁଅଛୁ । ଯେଉଁମାନେ ହାତ ଉଠାଇଛନ୍ତି ସେମାନଙ୍କୁ ସ୍ମରଣ କର । ସେହି ହାତ ତଳେ, ପ୍ରଭୁ, ଏକ ହୃଦୟ ରହିଛି ଯାହାକି ତୁମଠାରୁ କିଛି ଅନୁରୋଧ କରୁଥିଲା, ଏବଂ ବୋଧହୁଏ କେବଳ ତୁମେ ହିଁ ଏକାକୀ ଏହାକୁ ଦେଇପାର । ହେ ପିତା, ମୁଁ ପ୍ରାର୍ଥନା କରେ ଯେ ତୁମେ ଏହାକୁ ପ୍ରଦାନ କରିବ । ସେମାନଙ୍କର ଯାହା ପ୍ରୟୋଜନ ଅଛି, ସେମାନଙ୍କୁ ତାହା ପ୍ରଚୁର ପରିମାଣରେ

ଦିଅ। ପ୍ରଭୁ, ଯଦି ସେଠାରେ କୌଣସି ଅସୁସ୍ଥ ଲୋକ ଅଛନ୍ତି, ସେମାନଙ୍କୁ ସୁସ୍ଥ କର। ଯଦି ସେଠାରେ ଏପରି କୌଣସି ଲୋକ ଅଛନ୍ତି ଯିଏକି ରାସ୍ତା କଡ଼ରେ ପଡୁଥାଏ, ତେବେ ସେହି ଜଣକାକୁ, ସେହି ଦୁର୍ବଳ ଆଣ୍ଠୁକୁ ଶକ୍ତିଯୁକ୍ତ କର। "ଏକ କ୍ଷତବିକ୍ଷତ ନଳ, ସେ ଭାଙ୍ଗିବେ ନାହିଁ, କିଅବା ଏକ ଧୂମ ଜଳୁଥିବା ନଡାକୁ ସେ ଲିଭାଇବେ ନାହିଁ।" ଏବଂ ଆମେମାନେ ଜାଣୁ ଯେ ସେ କଦାପି ଏକ କ୍ଷତବିକ୍ଷତ ନଳରୁ ଅନ୍ୟତ୍ର ବିମୁଖ କରିବେ ନାହିଁ; ସେ ଏହାର ଯତ୍ନତତ୍ତ୍ୱ ନେବେ। ଏବଂ ମୁଁ ପ୍ରାର୍ଥନା କରେ ଯେ, ହେ ସ୍ୱର୍ଗୀୟ ପିତା, ଯଦି ଏପରି କୌଣସି ଆତ୍ମାଗୁଡିକ ଥାଆନ୍ତି ଯାହାକି ଭଗ୍ନଚିତ୍ତ, କିମ୍ବା—କିମ୍ବା ହତୋତ୍ସାହିତ ଅଟେ, କିଅବା ଦୁର୍ବଳ ହାତଗୁଡିକ ଝୁଲୁଥାଏ, ଏବଂ ଆଣ୍ଠୁଗୁଡିକ ବାନ୍ଧି ହୋଇଥାଏ, ତାହାହେଲେ ଏହା ହେଉ ଯେ ପ୍ରଭୁ, ସେମାନେ ଆଜି ରାତି ଉପରକୁ ଉଠାଯାଆନ୍ତୁ। ଏହା ହେଉ ଯେ ପବିତ୍ରଆତ୍ମା ଆସି ଆମମାନଙ୍କ ହୃଦୟଗୁଡିକୁ ଏବଂ ଆତ୍ମାଗୁଡିକୁ, ଏବଂ ଆମର ଶାରୀରିକ ଜୀବଗୁଡିକୁ ସୁସ୍ଥ କରନ୍ତୁ, ଏବଂ ଆମେ ଏଥିପାଇଁ ତାହାଙ୍କୁ ସମସ୍ତ ପ୍ରଶଂସା ଦେବୁ। ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ। ଆମେନ୍।

51 ଯଦି ଆପଣ ଶାସ୍ତ୍ର ନିକଟକୁ ଯିବାକୁ ଚାହିଁବେ, କେବଳ ତିରିଶ-ମିନିଟ୍ କଥାବାର୍ତ୍ତା କରିବା ପାଇଁ, ମୁଁ ଚାହିଁବି ଯେ ଆପଣମାନେ ମୋ ସହିତ ପ୍ରକାଶିତ ବାକ୍ୟ ପୁସ୍ତକ, ତାର ୧୨ଶ ପର୍ବରୁ ପାଠ କରନ୍ତୁ। ଏବଂ ମୁଁ ସୀଧା ତଳକୁ ସେହି 7ମ ପଦ ପର୍ଯ୍ୟନ୍ତ, ତାକୁ ଅନ୍ତର୍ଭୂକ୍ତ କରି ପାଠ କରିବାକୁ ଚାହିଁବି।

*ଏଥିଉତ୍ତାରେ ମୁଁ ସ୍ୱର୍ଗରେ ମହା ଜନତାର ଶବ୍ଦ ପରି ଗୋଟିଏ ମହାଶବ୍ଦ ଏହା କହିବାର, ଶୁଣିଲି, ହାଲ୍ଲିଲୁୟା; ପରିତ୍ରାଣ,...ଗୌରବ, ସମ୍ଭ୍ରମ, ଓ ପରାକ୍ରମ, ଆମ୍ଭମାନଙ୍କ ପରମେଶ୍ୱରଙ୍କର:*

*କାରଣ ତାହାଙ୍କ ବିଚାର ନ୍ୟାୟ ସତ୍ୟ ଓ ନ୍ୟାଯ୍ୟ: ଯେଉଁ ମହାବେଶ୍ୟା ଆପଣା ବ୍ୟଭିଚାର ଦ୍ୱାରା, ପୃଥିବୀକୁ ଭ୍ରଷ୍ଟ କରିଥିଲା, ସେ ତାହାକୁ ଦଣ୍ଡ ଦେଇ ଆପଣା ଦାସମାନଙ୍କ ରକ୍ତପାତର ପ୍ରତିଶୋଧ ତାହାଠାରୁ ନେଇଅଛନ୍ତି।*

*ପୁଣି ସେମାନେ ଦ୍ୱିତିୟଥର କହିଲେ, ହାଲ୍ଲିଲୁୟା। ତାହାର ଦାହର ଧୂମ ଯୁଗେ ଯୁଗେ ଉଠୁଥିବ।*

*ସେଥିରେ ସେହି ଚବିଶ ପ୍ରାଚୀନ ଓ ଚାରି ପ୍ରାଣୀ ଉବୁଡ ହୋଇ ସିଂହାସନପୋବିଷ୍ଟ ପରମେଶ୍ୱରଙ୍କୁ ପ୍ରଣାମ କରି, କହିଲେ, ଆମେନ୍; ହାଲ୍ଲିଲୁୟା।*

*ସେତେବେଳେ ସିଂହାସନଠାରୁ ଗୋଟିଏ ଶବ୍ଦ ନିର୍ଗତ ହୋଇ, କହିଲା, ହେ ପରମେଶ୍ୱରଙ୍କ ଦାସ ସମସ୍ତେ, ହେ ତାହାଙ୍କର ଭୟକାରୀ କ୍ଷୁଦ୍ର, ଓ ମହାନ୍ ଲୋକସମସ୍ତେ, ତାହାଙ୍କର ପ୍ରଶଂସା କର।*

*ଏବଂ ମୁଁ ମହାଜନତାର ଶବ୍ଦ ପରି ଏକ ବହୁଜନକଲ୍ଲୋଳ, ଓ ଘୋର ମେଘଗର୍ଜନ ଶବ୍ଦ ପରି, ଗୋଟିଏ ଶବ୍ଦ, ଶୁଣିଲି, ହାଲ୍ଲିଲୁୟା: କାରଣ ପ୍ରଭୁ*

*ଆମ୍ଭମାନଙ୍କର ସର୍ବଶକ୍ତିମାନ ପରମେଶ୍ୱର ରାଜତ୍ୱ ଗ୍ରହଣ କରି ଅଛନ୍ତି ।*

*ଆସ, ଆମ୍ଭେମାନେ ଆନନ୍ଦ ଓ ଉଲ୍ଲାସ କରୁ, ଏବଂ ତାହାଙ୍କୁ ଗୌରବ ପ୍ରଦାନ କରୁ: କାରଣ ମେଷଶାବକଙ୍କ ବିବାହର ସମୟ ଉପସ୍ଥିତ, ଆଉ ତାହାଙ୍କ କନ୍ୟା ଆପଣାକୁ ସଜ୍ଜିତ କରିଅଛି ।*

52 ଆଜି ରାତି ଏହି ପ୍ରସଙ୍ଗ ଉପରେ କହିବାକୁ ପସନ୍ଦ କରିବି: *ମେଷଶାବକଙ୍କ ବିବାହ,* କେବଳ ଅଳ୍ପ କିଛି କ୍ଷଣ ପାଇଁ...ଆମେମାନେ ଏହି ଶାସ୍ତ୍ର ସହିତ ଅତି ପରିଚିତ ଅଟୁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏଠାରେ ଆପଣଙ୍କର ପ୍ରିୟ ପାଳକ ଏହି ବିଷୟକୁ ଅନେକ ଥର ନେଇଥିବେ ।

53 ଏବଂ, ତାହା, ଆମେମାନେ ଜାଣୁ ଯେ ସେଠାରେ ଏକ କନ୍ୟା ହେବାକୁ ଯାଉଅଛି, ଏବଂ ମଧ୍ୟ ଆକାଶରେ ଏକ ବିବାହ ଭୋଜ ପରିବେଷଣ ହେବାକୁ ଯାଉଅଛି । ତାହା ସେତିକି ସୁନିଶ୍ଚିତ ଅଟେ, ଯେତିକି ସୁନିଶ୍ଚିତ ପରମେଶ୍ୱର ଅଟନ୍ତି, କାରଣ ଏହା ତାହାଙ୍କର ବାକ୍ୟ ଅଟେ । ଏବଂ ଆମେମାନେ ଜାଣୁ ଯେ ସେହି ଲୋକମାନେ ଯେଉଁମାନେକି ସେହି କନ୍ୟାରେ ସମ୍ମିଳିତ ହେବାକୁ ଯାଉଛନ୍ତି ତାହାଙ୍କର ମଣ୍ଡଳୀ ହେବେ, ଏବଂ ସେମାନେ କୌଣସି ଦାଗ କିମ୍ବା କୁଞ୍ଚନ ବିନା ହିଁ ତାହାଙ୍କ ସମ୍ମୁଖରେ ଉପସ୍ଥିତ ହେବାକୁ ଯାଉଛନ୍ତି । ଏବଂ ବର୍ତ୍ତମାନ ସେମାନଙ୍କ ପାଖରେ ନିଜକୁ ପ୍ରସ୍ତୁତ କରିବା ପାଇଁ ପୃଥିବୀରେ ସାମଗ୍ରୀ ରହିଅଛି । ଯଦି ଆପଣମାନେ ଧ୍ୟାନ ଦେବେ, ଏହା କୁହେ, "ସେ ଆପଣାକୁ ସଜ୍ଜିତ କରିଅଛି ।"

54 ଅଧିକାଂଶ ଲୋକମାନେ କୁହନ୍ତି, "ଯଦି ପ୍ରଭୁ ଏହି ମନ୍ଦ ଆତ୍ମାକୁ ମୋ ଠାରୁ ବାହାର କରିନେବେ, ମଦ୍ୟପାନ ଠାରୁ, ଜୁଆ ଖେଳଠାରୁ, କିମ୍ବା ମିଛ କହିବାଠାରୁ, କିମ୍ବା ଚୋରି କରିବାଠାରୁ ବାହାର କରିନେବେ, ତାହାହେଲେ ମୁଁ ତାହାଙ୍କର ସେବା କରିବି ।"

55 ମାତ୍ର ତାହା ତ ଆପଣଙ୍କ ଉପରେ ନିର୍ଭର କରେ । ଦେଖନ୍ତୁ, ଆପଣଙ୍କୁ ମଧ୍ୟ, କିଛି କରିବାକୁ ପଡିବ । "ଯେଉଁମାନେ ଜୟ କରିବେ ସେମାନେ ସମସ୍ତ ଜିନିଷର ଅଧିକାରୀ ହେବେ ।" ଯେଉଁମାନେ ଜୟ କରିବେ । ଆପଣଙ୍କ ପାଖରେ ଏହା କରିବାର ଶକ୍ତି ଅଛି, ମାତ୍ର ଆପଣଙ୍କୁ ଏହା କରିବା ହେତୁ ଇଚ୍ଛୁକ ହେବାକୁ ଅଛି । ବୁଝିଲେ? "ସେ ଆପଣାକୁ ସଜ୍ଜିତ କରିଅଛି ।" ମୁଁ ସେହି ବାକ୍ୟକୁ ପସନ୍ଦ କରେ ।

56 ଆପଣ ଦେଖନ୍ତୁ, ପରମେଶ୍ୱର ଆମକୁ ଏକ ଛୋଟ ନଳ ଦେଇ ଠେଲି, ଆମକୁ ଅନ୍ୟ ପଟେ ଟାଣି, ଏବଂ ତାହାପରେ ଏହା କହିପାରିବେ ନାହିଁ, "ଯିଏ ଜୟ କରେ ସେ ଧନ୍ୟ ।" ଆପଣଙ୍କ ପାଖରେ ଜୟ କରିବା ହେତୁ କିଛି ହିଁ ନ ଥିଲା; ସେ ତ କେବଳ ଆପଣଙ୍କୁ ଠେଲି ଦେଲେ । ମାତ୍ର ଆପଣଙ୍କୁ ତ ନିଜ ପାଇଁ ନିଷ୍ପତ୍ତି ନେବାକୁ ପଡିବ । ମୋତେ ନିଜ ପାଇଁ ନିଷ୍ପତ୍ତି ନେବାକୁ ପଡିବ । ତାହା କରିବାକୁ ଯାଇ, ଆମେମାନେ ପରମେଶ୍ୱରଙ୍କ ପ୍ରତି ଆମର ବିଶ୍ୱାସ ଓ ଆଦରକୁ ପ୍ରଦର୍ଶନ କରିଥାଉ ।

57 ଅବ୍ରହାମଙ୍କୁ ଏକ ସନ୍ତାନର ପ୍ରତିଜ୍ଞା କରାଯାଇଥିଲା, ମାତ୍ର ତାଙ୍କୁ ନିଶ୍ଚିତ ଭାବରେ ଏହି ପ୍ରତିଜ୍ଞାକୁ ପଚି-ଶ ବର୍ଷ ପର୍ଯ୍ୟନ୍ତ ବଜାୟ ରଖିବାକୁ ଥିଲା, ସେହି ପଚି-ଶ ବର୍ଷ ମଧ୍ୟରେ, ଆସିଥିବା ସେହି ଉତ୍ଥାନ-ଓ-ପତନ, ଏବଂ ପ୍ରଲୋଭନକୁ, ତାଙ୍କୁ ସମ୍ମୁଖିନ କରିବାକୁ ଥିଲା। ମାତ୍ର ସେ ସେହି ପ୍ରତିଜ୍ଞାର ବାକ୍ୟକୁ ଧରି ରଖିଥିଲେ।

58 ଏବଂ ଇସ୍ରାଏଲକୁ ଏକ ପ୍ରତିଜ୍ଞାତ ଦେଶର ପ୍ରତିଜ୍ଞା ଦିଆ ଯାଇଥିଲା, ମାତ୍ର ସେମାନଙ୍କୁ ଏହାର ପ୍ରତ୍ୟେକ ଇଞ୍ଚ ପାଇଁ ଯୁଦ୍ଧ କରିବାକୁ ପଡିଥିଲା। "ଯେଉଁଠାରେ ବି ତୁମ ଗୋଡ ପାଦ ଦିଏ, ତାହା ମୁଁ ତୁମକୁ ଦେଇଅଛି," ପରମେଶ୍ୱର ଯିହୋଶୂୟଙ୍କୁ କହିଥିଲେ। ଏହାସବୁ ସେଠାରେ ଥିଲା। ସେହି ଦେଶ ସେଠାରେ ଥିଲା, ଏବଂ ପରମେଶ୍ୱର ସେମାନଙ୍କୁ ତାହା ଦେଇଥିଲେ, ମାତ୍ର ସେମାନଙ୍କୁ ଏହା ପାଇଁ ଲଢେଇ କରିବାକୁ ଥିଲା।

59 ଈଶ୍ୱରୀୟ ଆରୋଗ୍ୟତା ବିଷୟରେ ମଧ୍ୟ ଏହା ସେହି ସମାନ କଥା ଅଟେ। ପରମେଶ୍ୱରଙ୍କ ପାଖରେ ଆପଣଙ୍କୁ ସୁସ୍ଥ କରିବାର ଶକ୍ତି ଅଛି, ଯଦି ଆପଣଙ୍କ ପାଖରେ ଏହାକୁ ଗ୍ରହଣ କରିବାକୁ ସାହସ ରହିଥାଏ, ମାତ୍ର ଆପଣ ଏହି ମାର୍ଗର ପ୍ରତ୍ୟେକ ଇଞ୍ଚ ପାଇଁ ଲଢେଇ କରିବେ।

60 ପରମେଶ୍ୱରଙ୍କ ପାଖରେ ଆପଣଙ୍କୁ ରକ୍ଷା କରିବା ପାଇଁ ଆଶ୍ଚର୍ଯ୍ୟଜନକ ଅନୁଗ୍ରହ ଅଛି, ଏବଂ ସେ ତାହା କରିବେ, ମାତ୍ର ଆପଣ ଏହି ମାର୍ଗର ପ୍ରତ୍ୟେକ ଇଞ୍ଚ ପାଇଁ ଯୁଦ୍ଧ କରିବେ।

61 ମୁଁ ଏକ-ତିରିଶ ବର୍ଷ ଧରି, ଏହି ପ୍ରଚାର ମଞ୍ଚ ପଛରେ ରହି ଆସିଛି, ଏବଂ ତାହାର ପ୍ରତ୍ୟେକ ଇଞ୍ଚ ନିରନ୍ତର ଭାବରେ, ଏକ ଯୁଦ୍ଧ ରହିଆସିଛି। ଏହା ନିଶ୍ଚିତ ଭାବରେ ରହିଆସିଛି।

62 "ମାତ୍ର ଆମକୁ ଲଢିବାକୁ ଅଛି ଯଦି ଆମେମାନେ ରାଜତ୍ୱ କରିବାକୁ ଚାହୁଁ।" ତେଣୁକରି ଆମେମାନେ ଏହା ପାଉ ଯେ କନ୍ୟାକୁ ନିଜକୁ ସଜ୍ଜିତ କରିବାକୁ ଅଛି। "ସହଜରେ ବେଷ୍ଟନକାରୀ ପ୍ରତ୍ୟେକ ସେହି ଭାରକୁ ଅଲଗା ରଖିବାକୁ ଇଚ୍ଛୁକ ହେବାକୁ ଅଛି, ଯେପରିକି ଆମେମାନେ ଧୈର୍ଯ୍ୟ ସହକାରେ ଆମ ସମ୍ମୁଖରେ ରହିଥିବା ସେହି ଦୌଡକୁ ସମ୍ପୂର୍ଣ କରିପାରୁ।" ଆମକୁ ନିଜେ, ସେଗୁଡିକୁ ଅଲଗା ରଖିବାକୁ ଅଛି। ଆମେମାନେ ଏହା କହି ପାରିବା ନାହିଁ, "ହେ ପରମେଶ୍ୱର, ତୁମେ ଆସ, ସେଗୁଡିକୁ ଆମ ପାଇଁ ଅଲଗା କରିଦିଅ।" ଆମକୁ ତ ତାହା ନିଜେ, କରିବାକୁ ଅଛି।

63 ବର୍ତ୍ତମାନ, ମୁଁ ବିବାହ ବିଷୟରେ ଚିନ୍ତା କରିବାକୁ ପସନ୍ଦ କରେ। ମୋତେ ବହୁତ ଲୋକଙ୍କୁ ବିବାହ କରାଇବାର ସୌଭାଗ୍ୟ ପ୍ରାପ୍ତ ହୋଇଅଛି। ଏବଂ ମୁଁ ଭାବୁଛି, ଯେତେବେଳେ ମୁଁ ଜଣେ ଯୁବକ ଏବଂ ଜଣେ ଯୁବତୀଙ୍କୁ ଯଜ୍ଞବେଦୀ ନିକଟକୁ ନେଇକରି ଆସେ, ଏବଂ ସେମାନଙ୍କୁ ମଣ୍ଡଳୀ ଦେଇ ଆସୁଥିବାର ଦେଖେ; ଏବଂ ସେହି ଯୁବତୀ, ନିଜ ବିବାହ ବସ୍ତ୍ର ପରିଧାନ କରି ସୁନ୍ଦର ଦିଶୁଥାନ୍ତି, ଓ ମୁହଁରେ ଓଢ଼ଣୀ ଦେଇଥାନ୍ତି ଏବଂ ତାହା ଝୁଲି ରହିଥାଏ; ଏବଂ ସେହି ବର, ସଳଖ ଥାଆନ୍ତି, ସୁନ୍ଦର ପୋଷାକ ପିନ୍ଧିଥାନ୍ତି; ଓ ଯୁବା ଏବଂ ଯୌବନ ଶକ୍ତିରେ ପରିପୂର୍ଣ୍ଣ ଥାଆନ୍ତି, ଯେତେବେଳେ ସେମାନେ ସେମାନଙ୍କ ଜୀବନର ସର୍ବୋତ୍ତମ ସମୟ

ଦେଇ ସେଠାରେ ଗତି କରୁଥାଆନ୍ତି, ଏବଂ ସେହି ବିବାହ ଶପଥକୁ ନେଇଥାନ୍ତି, ମୁଁ ଭାବୁଛି ଯେ ଏହା ବିଷୟରେ କିଛି ଗୋଟାଏ ମାଧୁର୍ଯ୍ୟତା ଅଛି । ସେଠାରେ କିଛି ଗୋଟାଏ ପବିତ୍ରତା ଅଛି, କାରଣ ଏହା ମୋତେ ମନେ ପକାଇ ଦିଏ ଯେ କୌଣସି ଦିନେ ସେଠାରେ ଆଉ ଏକ ମହାନ ବିବାହ ହେବ, ଯେତେବେଳେ ଖ୍ରୀଷ୍ଟଙ୍କ କନ୍ୟା ମହିମାର ଅଳିନ୍ଦ ଦେଇ ଚାଲି ଆସିବେ ।

64 ବର ସବୁକିଛି ପ୍ରସ୍ତୁତ କରି ରଖିଥିବେ । ସେଠାରେ ଏକ ବିବାହ ଏବଂ ଏକ ରାତ୍ରୀ ଭୋଜ ହେବ । କିପରି ଆମେମାନେ ସେହି ବିଷୟରେ ଚିନ୍ତା କରିବାକୁ ଭଲ ପାଇଥାଉ ଯେ ଆମେ ପରସ୍ପରଠାରୁ ମେଜର କୋଣରେ ବସି ରହିଥିବା, ଏବଂ ପରସ୍ପରର ହାତ ମିଶାଉଥିବା, ଏବଂ ଆମ ଗାଲରେ ଲୁହ ଝରି ଯାଉଥିବ । ଏବଂ ଚିନ୍ତା କରନ୍ତୁ, ସେ ଚାଲି ଆସିବେ, ଏବଂ ଆମ ଆଖିରୁ ସମସ୍ତ ଲୁହ ପୋଛି ଦେବେ, କହିବେ, "କାନ୍ଦ ନାହିଁ । ଏହା ବର୍ତ୍ତମାନ ସବୁ ସମାପ୍ତ ହୋଇଯାଇଛି । ପ୍ରଭୁଙ୍କ ଆନନ୍ଦରେ ପ୍ରବେଶ କର ଯାହାକି ଜଗତ ପତ୍ତନାବଧି ପୂର୍ବରୁ ତୁମ ପାଇଁ ପ୍ରସ୍ତୁତ କରା ଯାଇଅଛି ।" ଓଃ, ଭାଇ, ତାହା ଆମକୁ ପରସ୍ପରକୁ ଆହୁରି ଅଧିକ ପ୍ରେମ କରିବାକୁ ବଳାଇବ ।

65 ମୁଁ ଭାବୁଛି ଯେ ଆଜି ମଣ୍ଡଳୀ, ସେହି କନ୍ୟା ସହିତରେ ତାହାହିଁ ମାମଲା ଅଟେ, ଯାହାକି ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିବା ସମସ୍ତ ମଣ୍ଡଳୀକୁ ନେଇ ଗଠିତ ଅଟେ । ଏହା ସେହି ଗୀର୍ଜା ଭବନ ନୁହେଁ, କିମ୍ବା ସେହି ସଂଗଠନ କିମ୍ବା ନାମଧାରୀ ସଂସ୍ଥା ନୁହେଁ, ମାତ୍ର ଏହା ତ ସେହି ବ୍ୟକ୍ତିଗତ ଲୋକମାନେ ଅଟନ୍ତି ଯିଏକି କନ୍ୟାକୁ ଗଢିଥାନ୍ତି ।

66 କେଣ୍ଟକିର, ଲୁଇସ୍‌ଭିଲେରେ ମୋର ଜଣେ ଭଲ ବନ୍ଧୁ ଅଛନ୍ତି, ଡାଃ. ୱାଲେସ୍ କବଲ୍, ଯିଏକି ଜଣେ ଚର୍ଚ୍ଚ ଅଫ କ୍ରାଇଷ୍ଟର ସେବକ ଅଟନ୍ତି, ଏବଂ ସେ ଭିତରକୁ ଆସିଲେ ଓ ପବିତ୍ରଆତ୍ମାକୁ ଗ୍ରହଣ କଲେ, ଏବଂ ଲୁଇସ୍‌ଭିଲେରେ ଥିବା ମଣ୍ଡଳୀଗୁଡିକୁ ମଧ୍ୟରୁ ଗୋଟିଏ ବଡ଼, ବୃହତ ମଣ୍ଡଳୀ, ଓପନ୍ ଡୋର ମଣ୍ଡଳୀର ପାଳକତ୍ୱ କରନ୍ତି । ସେ ମୋ ପାଇଁ ଜଣେ ଅତ୍ୟନ୍ତ ମୂଲ୍ୟବାନ ବନ୍ଧୁ ଅଟନ୍ତି । ଆଉ କିଛି ଦିନ ପୂର୍ବରୁ, ମୁଁ ରାସ୍ତାରେ ଛିଡ଼ା ହୋଇଥିଲି, ଏବଂ ମୁଁ ତାଙ୍କୁ ରାସ୍ତାରେ ଆସୁଥିବାର ଦେଖିଲି । ଏବଂ ମୁଁ ତାଙ୍କୁ ସବୁବେଳେ ଭଲ ପାଉଥିଲି, ଏବଂ ସେ ମୋତେ ଭଲ ପାଉଥିଲେ ।

67 ମାତ୍ର ଦିନେ ତାଙ୍କର ଏକ ଟନ୍‌ସିଲ୍ ଶଲ୍ୟଚିକିତ୍ସା ହୋଇଥିଲା, ଏବଂ ସେ ରକ୍ତସ୍ରାବ ହୋଇ ମୃତ୍ୟୁବରଣ କରୁଥିଲେ । ଏବଂ ସେମାନେ ତାଙ୍କୁ ସେଣ୍ଟ ଜୋସେଫ ହସ୍ପିଟାଲରେ ରଖିଥିଲେ, ଏବଂ ସେମାନେ କହିଲେ ଯେ ସେ ମରୁଅଛନ୍ତି । ଏବଂ ଶ୍ରୀମତୀ ମ୍ୟାକସ୍ପେଡେନ୍ ମୋତେ ଫୋନ୍ ଯୋଗେ ଡାକିଲେ, କହିଲେ, "ଡାଃ. ୱାଲେସ୍ କବଲ୍ ।" ମୁଁ ଏପର୍ଯ୍ୟନ୍ତ ତାଙ୍କୁ ଜାଣି ନ ଥିଲି, କିନ୍ତୁ ମୁଁ ଜାଣିଥିଲି ଯେ ସେଠାରେ ଓପନ୍ ଡୋରର ଏକ ବଡ଼ ମଣ୍ଡଳୀ ଅଛି । କହିଲେ, "ସେ ମରୁଅଛନ୍ତି । ଡାକ୍ତରମାନେ ତାଙ୍କୁ ଔଷଧ, ଅନ୍ୟ ସମସ୍ତ କିଛି ଦେଇଛନ୍ତି । ସେମାନେ ଶଲ୍ୟଚିକିତ୍ସାର ସିଲେଇ କରିଛନ୍ତି । ତାଙ୍କର ନିରନ୍ତର ରକ୍ତସ୍ରାବ ହେଉଅଛି, ଏବଂ ସେମାନେ ରକ୍ତ ବନ୍ଦ କରିପାରୁ ନାହାଁନ୍ତି । ତାଙ୍କ ରକ୍ତ ଏକାଠି ବାନ୍ଧି ହେଉ ନାହିଁ, ଏବଂ ଆପଣ ଜାଣନ୍ତି,

ରକ୍ତସ୍ରାବକୁ ବନ୍ଦ କରୁ ନାହିଁ।" ଏବଂ କହିଲେ, "ସେମାନଙ୍କ ସେଠାରେ ମିଶନାରୀମାନେ ଅଛନ୍ତି, ଏବଂ ସେମାନେ ଚାହୁଁଛନ୍ତି ଯେ ଆପଣ ଆସି, ତାଙ୍କ ପାଇଁ ପ୍ରାର୍ଥନା କରି ଦିଅନ୍ତୁ।"

68 ତେବେ, ମୁଁ ଡାଃ. ୱାଲେସ୍ କବଲ୍ ବିଷୟରେ ଶୁଣିଥିଲି, ତେଣୁକରି ମୁଁ ଟିକିଏ ଅନିଚ୍ଛା ପ୍ରକାଶ କଲି, ମାତ୍ର ମୁଁ ଗଲି। ଏବଂ ଯେତେବେଳେ ମୁଁ ହସ୍ପିଟାଲର କୋଠରୀକୁ ଦେଖିଲି, ସେଠାରେ ମିଶନାରୀମାନେ ଏବଂ ମହାନ ସେବକମାନେ ଥିଲେ, ସମସ୍ତେ ସେଠାରେ, କାନ୍ଦୁଥିଲେ ଓ ପ୍ରାର୍ଥନା କରୁଥିଲେ। ଏବଂ ମୁଁ ଭାବିଲି, "ଓଃ, ମୋର ପ୍ରଭୁ! ମୁଁ ଜଣେ ଅତି ସାନ ବ୍ୟକ୍ତି, ଜଣେ ସାନ ପବିତ୍ର-ପାଖଣ୍ଡ, ସେଠାକୁ କିପରି ଯିବି? ଉତ୍ତମ ହେବ ଯେ ମୁଁ କେବଳ ବାହାରେ ଏଠାରେ ଛିଡା ରୁହେ।" ତେଣୁ ମୁଁ ବାହାରେ ହଲ୍‌ରେ ଥିବା କୋକ୍ ମେସିନ୍ ପଛରେ ଛିଡା ହୋଇଗଲି। ମୁଁ ପରମେଶ୍ୱରଙ୍କ ନିକଟରେ, ଭାଇ କବଲ୍‌ଙ୍କ ପାଇଁ ପ୍ରାର୍ଥନା କଲି, ଯେ— ଯେ ରକ୍ତ ବନ୍ଦ ହୋଇଯାଉ। ମୁଁ ପଛକୁ ଯାଇ ତଳକୁ ଚାଲିଗଲି ଓ ବାହାରି ଗଲି।

69 ମୁଁ ଠିକ ଘରକୁ ପହଞ୍ଚିଲି, ପ୍ରାୟଃ ପନ୍ଦର ମିନିଟ୍ ହେଉଥିଲା, ଏବଂ ଫୋନ୍ ଘଣ୍ଟି ପୁଣିଥରେ ବାଜିଲା, ଏବଂ ଜାଣିବାକୁ ଚାହୁଁଥିଲେ ଯେ ମୋର ବିଳମ୍ବ କାହିଁକି ହେଲା, ଯେ ମୁଁ ସେଠାରେ ପହଞ୍ଚି ନ ଥିଲି। ଏବଂ ମୁଁ କହିଲି, "ମୁଁ—ମୁଁ ଆସିଥିଲି। ମାତ୍ର ସେଠାରେ ବହୁତ ଲୋକମାନେ ଥିଲେ। ମୁଁ—ମୁଁ କେବଳ ଅନୁଭବ କଲି ଯେ ମୁଁ ଭିତରକୁ ନ ଯାଏ, ବୋଧହୁଏ, ଦେଖନ୍ତୁ, ଏତେ ଅଧିକ, ବଡ଼ ବଡ଼ ସେବକମାନେ ସେଠାରେ ରହିଥିଲେ।"

70 ତେବେ ସେ କହିଲେ, "ଠିକ ବର୍ତ୍ତମାନ ହିଁ ଚାଲି ଆସନ୍ତୁ।" କହିଲେ, "ସେହି ବ୍ୟକ୍ତି ଆଉ ଅଧିକ ବଞ୍ଚିପାରିବେ ନାହିଁ କେବଳ ଅଳ୍ପ ଟିକେ ସମୟ।"

71 ତେଣୁ ମୁଁ ଫେରି ପୁଣିଥରେ, ଗଲି। ଏବଂ ଯେତେବେଳେ ମୁଁ ସେଠାରେ ଭିତରକୁ ଗଲି, ସେତେବେଳେ ସେ ଜଣେ କ୍ୟାଥୋଲିକ୍ ଭଉଣୀକୁ ଖ୍ରୀଷ୍ଟଙ୍କୁ ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବା ହେତୁ ପ୍ରବର୍ତ୍ତାଇବାକୁ ଚେଷ୍ଟା କରୁଥିଲେ; ଏବଂ ତାଙ୍କର ରକ୍ତସ୍ରାବ ହେଉଥିଲା ଓ ତାଙ୍କ ପାଟିରୁ ରକ୍ତ ବାହାରି ଆସୁଥିଲା। ମୁଁ ଭିତରକୁ ଗଲି।

ଏବଂ ସେ କହିଲେ, "ଆପଣ କେମିତି ଅଛନ୍ତି?"

72 ଏବଂ ମୁଁ କହିଲି, "ଆପଣ କେମିତି ଅଛନ୍ତି?" ସେ ବିଛଣାରେ ବସିଥିଲେ, ଏବଂ ସେହିପରି ଭାବରେ କାଶୁଥିଲେ, ଏବଂ ରକ୍ତ ବାହାରି ଆସୁଥିଲା।

ଏବଂ ସେ କହିଲେ, "ଆପଣଙ୍କର ନାମ କଅଣ?"

ଏବଂ ମୁଁ କହିଲି, "ମୁଁ ଭାଇ ବ୍ରାନହାମ୍ ଅଟେ।"

73 ଏବଂ ସେ ମୋ ଚାରିଆଡ଼େ ନିଜର ବାହୁକୁ ରଖି, କାନ୍ଦିବାକୁ ଲାଗିଲେ। ମୁଁ ସେଠାରେ ଆଣ୍ଠୁମାଡି ବସି ପଡ଼ିଲି।

74 ତେବେ, ଏହା ଲୁଇସ୍‌ଭିଲେର ଓପନ୍ ଡୋର ମଣ୍ଡଳୀର, ଡାଃ. ୱାଲେସ୍ କବଲ୍ ଅଟନ୍ତି। ତାଙ୍କଠାରୁ ଏକ ଚିଠି ପାଇଲି। "ରକ୍ତ ସେହି କ୍ଷଣ ହିଁ ବନ୍ଦ ହୋଇଗଲା।" ତାହା ପରଠାରୁ, ଏହା

କେବେବି ବାହାରି ନାହିଁ। ବୁଝିଲେ? ଏବଂ ସେବେଠାରୁ ଆମେମାନେ ବହୁତ, ବହୁତ ଉତ୍ତମ ବନ୍ଧୁ ହୋଇଛୁ। ଏବଂ ଅନ୍ୟ ଦିନ ମୁଁ ତାଙ୍କୁ ଭେଟିଲି। ଏବଂ ସେ କହିଲେ...

75 ଓସ୍‌ୱାଲ୍ଡ ଜେ. ସ୍ମିଥ୍, ଆପଣମାନଙ୍କ ମଧ୍ୟରୁ ଅନେକେ ଭାଇ ସ୍ମିଥଙ୍କୁ ଜାଣିଛନ୍ତି। ସେ ଜଣେ ମହାନ ମିଶନାରୀ ଅଟନ୍ତି, ଏବଂ ସେ ଭାଇ କବଲ୍‌ଙ୍କ ନିକଟକୁ ଆସନ୍ତି, କାରଣ ସେ ତାଙ୍କୁ ବହୁତ ଭଲ ପାଆନ୍ତି। ସେ କହିଲେ, "ଭାଇ କବଲ୍, ଆପଣ ଜାଣନ୍ତି," ସେ କହିଲେ, "ମୁଁ..." ତାଙ୍କ ପତ୍ନୀଙ୍କ ବିଷୟରେ କିଛି ଗୋଟାଏ। ସେ କହିଲେ, "ଯେତେବେଳେ ମୁଁ ପ୍ରଥମେ ବିବାହ କଲି," କହିଲେ, "ମୋତେ ଏପରି ଲାଗିଲା, ତେବେ, ଯଦି ମୁଁ ଏକ ଭୁଲ୍ କରେ, ତେବେ ମୁଁ, ଓଃ, ମୁଁ ଆଉ ଏକ ପାଇପାରେ," କାରଣ ସେ ଯୁବା ଥିଲେ। "ମାତ୍ର," କହିଲେ, "ପିଲାମାନେ ହୋଇସାରିବା ପରେ," କହିଲେ, "ତେବେ ତାଙ୍କ ବିନା ଚଳିବା ଏକ ପ୍ରକାର କଷ୍ଟକର ଅଟେ। ସେତେବେଳେ ହିଁ ଅଟେ ଯେତେବେଳେକି ଆପଣ ପ୍ରାୟଃ ପଚାଶ ବର୍ଷ ବୟସର ହୋଇଯାଆନ୍ତି, ଆପଣ ତାଙ୍କ ବିନା ଚଳି ହିଁ ପାରନ୍ତି ନାହିଁ। ଏବଂ ଯେତେବେଳେ ଆପଣ ଅଳ୍ପ ଅଧିକ ବୃଦ୍ଧ ହୋଇଯାଆନ୍ତି, କାହିଁକି, ଆପଣ—ଆପଣ ସେହିପରି ଅନୁଭବ କରନ୍ତି।"

ମୁଁ କହିଲି, "ମୁଁ ଅନୁମାନ କରେ ଯେ ତାହା ପ୍ରାୟଃ ଠିକ୍ ଅଟେ।" ମୁଁ ଥିଲି...

76 ଯେଉଁ ବିଷୟକୁ ନେଇ ପ୍ରସଙ୍ଗ ଉଠିଥିଲା, ଆପଣମାନେ ଜାଣନ୍ତି ଯେ ମହିଳାମାନେ କିପରି କିଣିପାରନ୍ତି, ଏବଂ ମୋ ପତ୍ନୀ ସେଠାରେ ଥିଲେ। ଏବଂ ସେ ଏହି ସମସ୍ତର ରାଣୀ ଅଟେ। ସେ ତ ସବୁ ସମୟରେ ସେଥିରେ ରହିଥାଆନ୍ତି। ରାସ୍ତାରେ ତାଙ୍କ ସହିତ ଚାଲିଚାଲି, ମୋ ବେଚାରା ପାଦଟି ପ୍ରାୟଃ ମଲା ଭଳି ଯନ୍ତ୍ରଣା ଅନୁଭବ କରିଥାଏ। ଏବଂ ସେ ମୋତେ କହୁଥିଲେ, କହିଲେ, "ତେବେ, ଆପଣ ତ ତାଙ୍କ ବିନା ଚଳି ହିଁ ପାରନ୍ତି ନାହିଁ।" ଏବଂ ସେହିପରି ଭାବରେ ହିଁ ସେହି ମନ୍ତବ୍ୟଟି ଆସିଥିଲା।

77 ଯେତେବେଳେ ମୁଁ ଘରକୁ ଫେରିଲି, ସେଠାରେ ମୁଁ କୋଠରୀରେ ବସିଥିବା ବେଳେ, ଚିନ୍ତା କରୁଥିଲି, "ତାହା ଠିକ୍।" ମୁଁ ଏହାକୁ ଅନ୍ୟ କିଛିରେ ପ୍ରୟୋଗ କରି ଦେଇଥିଲି।

78 ଆପଣମାନେ ଜାଣନ୍ତି, ଯେତେବେଳେ ମୁଁ ପ୍ରଥମେ କରି ମନ ଫେରଣ କରିଥିଲି...ଏକ ମିଶନାରୀ ବାପ୍‌ଟିଷ୍ଟ ପ୍ରଚାରକ ହୋଇଥିଲି, ମୁଁ ଭାବୁଥିଲି, "ଯଦି ଜଣେ ବ୍ୟକ୍ତି ବାପ୍‌ଟିଷ୍ଟ ନ ହୁଅନ୍ତି, ତେବେ ସେ ତ ରକ୍ଷା ହିଁ ପାଇ ନାହାଁନ୍ତି। ଏହା ସହିତ ତାହାହିଁ ସବୁକିଛି ସେଠାରେ ଥିଲା।" ଏବଂ ମୁଁ ମୋ ବାହୁ ତଳେ ଏକ ବାଇବଲ ନେଲି, ଏବଂ ମୁଁ ଭାବୁଥିଲି ଯେ ପ୍ରଭୁ ମୋତେ ସମସ୍ତଙ୍କୁ ବାପ୍‌ଟିଷ୍ଟ କରାଇବା ପାଇଁ ଡାକିଛନ୍ତି। "ଏବଂ ସେସମସ୍ତେ ଯେଉଁମାନେକି ବାପ୍‌ଟିଷ୍ଟମାନଙ୍କ ଭଳି ବିଶ୍ୱାସ କରନ୍ତି ନାହିଁ, ସେମାନେ ତ ଆଦୌ ଚିତ୍ରରେ ସୁଦ୍ଧା ନାହାଁନ୍ତି।"

79 ଯେପରିକି ଦିନଗୁଡ଼ିକ ଗଡି ଚାଲିଲା, ମୁଁ ଭାବିଲି ଯେ ଏହିସବୁ କାର୍ଯ୍ୟ ମୋତେ ନିଜେ, କରିବାକୁ ହେବ। ଏବଂ ମୁଁ ଜାଣିବାକୁ ପାଇଲି, ମୁଁ ଅନ୍ୟ ଜଣେ ଭାଇଙ୍କୁ ଲକ୍ଷ୍ୟ କଲି ଯାହାଙ୍କରକି ଏକ ମଣ୍ଡଳୀ ଥିଲା, ଜଣେ ପାଳକ ଥିଲେ। ସେ ମଧ୍ୟ ସେତିକି ପରିଶ୍ରମ କରୁଥିଲେ, ଯେତିକି ମୁଁ

କରୁଥିଲି । ଅବଶେଷରେ, ସେହି କମ୍ବଳ ତାଙ୍କ ଆଡକୁ ମଧ୍ୟ ଅଳ୍ପ ଟିକିଏ ବିସ୍ତାର କରେ, ଆପଣ ଜାଣନ୍ତି ।

80 ତାହାପରେ ଆମେମାନେ ଜାଣିଲୁ, ଆମକୁ ପରସ୍ପରର ଆବଶ୍ୟକତା ଅଛି । ଏବଂ ବର୍ତ୍ତମାନ, ଆମେମାନେ ଏତେ ଦୂରକୁ ଆସିବାର ଆରମ୍ଭ କରିସାରିବା ପରେ, ଏହା ପରସ୍ପର ବିନା କାମ ଚଳାଇବା ଏକ ପ୍ରକାର କଷ୍ଟକର ଅଟେ । ତାହାହିଁ ସବୁ କିଛି ଅଟେ । ଆମକୁ ତ କେବଳ ପରସ୍ପର ସହିତରେ ତାହା, ରହିବାକୁ ଅଛି । ଏବଂ ମୁଁ ବିଶ୍ୱାସ କରେ ଯେ ତାହାହିଁ ଅଟେ ଯାହାକି ଏହି ମହାନ ପେଣ୍ଟିକଷ୍ଟାଲ୍ ଆନ୍ଦୋଳନରେ ଥାଏ । ମୁଁ ଉଦାସୀନତାର ସେହି ପ୍ରତିବନ୍ଧକଗୁଡିକ ଭାଙ୍ଗି ଯାଉଥିବାର ଦେଖି ଆନନ୍ଦିତ, ପୁଣି ପରମେଶ୍ୱରଙ୍କ ସେହି ମହାନ ମଣ୍ଡଳୀ ନିଜକୁ ସହଭାଗିତାରେ ଏକତ୍ର ମିଶାଇବାକୁ ଆରମ୍ଭ କରୁଥିବାର ଦେଖି ଖୁସି ଅଟେ । ତାହାର ଅର୍ଥ ସେହି ବିବାହଟି ବର୍ତ୍ତମାନ ଆହୁରି ଅଧିକ ପାଖେଇ ଆସୁଛି । ଏବଂ ସେହି ପଥରଗୁଡିକ, ଅତି ଏକ ବିଶେଷ ପ୍ରକାରେ କଟା ହୋଇଛନ୍ତି ଯେତିକି ସେଗୁଡିକ ହୋଇପାରନ୍ତି, ସେମାନେ ସେହି ଭବନରେ କୌଣସିଠାରେ ଏକ ସ୍ଥାନ ପାଇଛନ୍ତି, ଯଦି ସେମାନେ ପ୍ରଭୁଙ୍କର ସେହି ପଥରମାନ ଅଟନ୍ତି ।

81 ତେବେ, ବିବାହ, ଗୋଟିଏ ଅର୍ଥରେ କହିବାକୁ ଗଲେ, ଏକ ପ୍ରତିରୂପକ ଅଟେ । ଏଠାକାର ସେହି ପାର୍ଥିବ ବିବାହ ସେହି ସ୍ୱର୍ଗୀୟ ବିବାହର ଏକ ପ୍ରତିରୂପ ଅଟେ । ତେବେ ଆସନ୍ତୁ ଆମେମାନେ ଅଳ୍ପ କିଛି କ୍ଷଣ, ଏହା ଦେଇ ଯିବା, ଯେପରିକି ଏହାକୁ ଗୋଟିଏ କ୍ଷଣ ଅଭ୍ୟାସ କରିବା ।

82 ସେଠାରେ ପ୍ରଥମ ବିଷୟ ହେଉଛି, ଏକ ନିଷ୍ପତ୍ତି ନିଆଯାଇଥିବା ଉଚିତ । ପ୍ରାକୃତିକ ବିବାହରେ, ପ୍ରଥମ କଥାଟି, ହେଉଛି, ଏକ ନିଷ୍ପତ୍ତି ନିଆଯିବାକୁ ଥାଏ । ସେହି ଯୁବା ମହିଳାକୁ ତାଙ୍କର ନିଷ୍ପତ୍ତି ନେବାକୁ ଥାଏ, ଯେ ସେ ଏହି ଯୁବା ଲୋକକୁ ଚାହିଁବେ କି ନାହିଁ; ଏବଂ ସେହି ଯୁବା ଲୋକ ମଧ୍ୟ, ଯେ ସେ ଏହି ଯୁବା ମହିଳାକୁ ଚାହିଁବେ କି ନାହିଁ । ସେଠାରେ ଏକ ନିଷ୍ପତ୍ତି ନିଆଯିବା ଆବଶ୍ୟକ, ଏବଂ ଆପଣଙ୍କୁ ଏହା କରିବାକୁ ଅଛି । ଏହି ଜଗତର ସେ ହିଁ ଏକମାତ୍ର ମହିଳା ହୋଇଥିବା ଉଚିତ୍ ଯାହାଙ୍କୁ ଆପଣ ପ୍ରେମ କରୁଥାଆନ୍ତି, ଏବଂ ସେ ମଧ୍ୟ ଏକମାତ୍ର ପୁରୁଷ ହେବା ଉଚିତ୍ । ଯଦି ଏହା ନୁହେଁ, ତାହାହେଲେ ଆପଣ ଏକ ଭୁଲ ନିଷ୍ପତ୍ତି କରିଛନ୍ତି ।

83 ଏବଂ ତାହା ଠିକ ସେହି ସମାନ ପ୍ରକାରେ ଖ୍ରୀଷ୍ଟଙ୍କ ପାଇଁ ନିଷ୍ପତ୍ତି ନେବା ବେଳେ ଅଟେ । ପ୍ରଥମ ବିଷୟ ଯାହା ଆପଣଙ୍କୁ କରିବାକୁ ଅଛି, ତାହା ହେଲା ନିଜର ମନକୁ ପ୍ରସ୍ତୁତ କରିବା ଯେ କଅଣ ଆପଣ ପରମେଶ୍ୱରଙ୍କ ସେବା କରିବାକୁ ଯାଉଛନ୍ତି ଏବଂ ତାହାଙ୍କୁ ନିଜର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବାକୁ ଯାଉଛନ୍ତି, କିଅବା ଆପଣ ଏହା କରିବାକୁ ଯାଉ ନାହାଁନ୍ତି । କଅଣ ଆପଣ ଜଗତର ସେବା କରିବାକୁ ଯାଉଛନ୍ତି କି? କଅଣ ଆପଣ ଖ୍ରୀଷ୍ଟଙ୍କ ସେବା କରିବାକୁ ଯାଉଛନ୍ତି କି? ଆପଣଙ୍କୁ ନିଜର ମନକୁ ପ୍ରସ୍ତୁତ କରିବାକୁ ଅଛି । ସେଠାରେ ଏକ ନିଷ୍ପତ୍ତି ନେବାକୁ ହେବ । ଯେତେବେଳେ ଆପଣ ନିଜର ମନକୁ ସ୍ଥିର କରନ୍ତି, ଯେ ଆପଣ ପରମେଶ୍ୱର ନା ଜଗତ

ଉଭୟ ମଧ୍ୟରୁ କାହାର ସେବା କରିବାକୁ ଯାଉଛନ୍ତି, ତାହାପରେ ଆପଣ ନିଜର ପସନ୍ଦକୁ ଗ୍ରହଣ କରନ୍ତି । ମାତ୍ର ସେହି ନିଷ୍ପତ୍ତିକୁ କରାଯିବାକୁ ଅଛି ।

84 ଏବଂ ତାହାପରେ, ସେହି ନିଷ୍ପତ୍ତି ନିଆ ଯାଇସାରିବା ପରେ, ଯେ ଆପଣ ଅଟନ୍ତି, ତାହାପରେ ସେହି ନିର୍ବନ୍ଧ ବିଷୟ ଆସେ । ତାହା ଯେ, ଆପଣ ତାହା ଯଜ୍ଞବେଦୀରେ ପାଆନ୍ତି । ଏହା ପୂର୍ବେକି ଏହି ବନ୍ଧନ ହୋଇପାରେ ଆପଣଙ୍କୁ ଏକ ନିର୍ବନ୍ଧ କରିବାକୁ ଅଛି । ଏବଂ ତାହା ଠିକ ସେହି ପ୍ରକାରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସହିତରେ ଅଟେ । ଏହାକୁ ତ ଖ୍ରୀଷ୍ଟଙ୍କ ସହିତ ଏକ ନିର୍ବନ୍ଧ ହେବା ଆବଶ୍ୟକ, ଏକ—ଏକ ପ୍ରତିଶ୍ରୁତି, ଏକ ନିର୍ବନ୍ଧ, ଏକ ପ୍ରେମ ସମ୍ପର୍କ ।

85 ଏବଂ ତାହାପରେ, ପରବର୍ତ୍ତୀ ବିଷୟଟି ହେଉଛି, ଯେ—ଯେ ପ୍ରତିଜ୍ଞାଗୁଡିକ କରାଯିବା । ସେଠାରେ ପରସ୍ପର ଜଣେ ଅନ୍ୟକୁ ପ୍ରତିଜ୍ଞା କରାଯିବାକୁ ଅଛି, ଯେପରିକି ଆପଣ ପ୍ରତିଜ୍ଞା କରନ୍ତି । "ପ୍ରିୟେ, ଯଦି ତୁମେ ମୋତେ ବିବାହ କରିବ, ମୁଁ ପ୍ରତିଜ୍ଞା କରୁଛି ଯେ ମୁଁ ବିଶ୍ୱସ୍ତ ଏବଂ ସଚ୍ଚୋଟ ରହିବି । ମୁଁ ଅନ୍ୟ କୌଣସି ସ୍ତ୍ରୀ ପ୍ରତି ଦୃଷ୍ଟି କରିବି ନାହିଁ ।" କିମ୍ବା, "ମୁଁ ଅନ୍ୟ କୌଣସି ପୁରୁଷ ପ୍ରତି ଦୃଷ୍ଟି କରିବି ନାହିଁ । ଏବଂ ମୁଁ ତାହା ସବୁ ଏକ ପତ୍ନୀ ଭାବରେ, ଏକ କର୍ତ୍ତବ୍ୟ ଭାବରେ ନିର୍ବାହ କରିବି । ଆମମାନଙ୍କର ସନ୍ତାନମାନେ ହେବେ, ଏହା ସବୁ ମୁଁ ଜଣେ ଭାବରେ—ଜଣେ ମାତା ଭାବରେ ଏକ କର୍ତ୍ତବ୍ୟ ନିର୍ବାହ କରିବି । ମୁଁ—ମୁଁ ଜଣେ ଗୃହରକ୍ଷୀ ହେବି ।" ଏହି ସମସ୍ତ ପ୍ରତିଜ୍ଞାଗୁଡିକୁ ଏକ ସଠିକ୍ ବିବାହରେ, କରାଯିବାକୁ ଅଛି, ଅବା କରାଯିବା ଉଚିତ୍ ।

86 ଏବଂ ଠିକ ସେହି ପ୍ରକାରେ ଅଟେ ଯେତେବେଳେ ଆପଣ ଖ୍ରୀଷ୍ଟଙ୍କ ନିକଟକୁ ଆସନ୍ତି, "ପ୍ରଭୁ, ଯଦି ତୁମେ ମୋତେ ତୁମ ରାଜ୍ୟରେ ଗ୍ରହଣ କରିବ, ତେବେ ମୁଁ ପ୍ରତିଜ୍ଞା କରୁଛି ।" ସେଠାରେ ଆପଣ ଅଛନ୍ତି । "ମୁଁ ତୁମକୁ ପ୍ରେମ କରିବି । ମୁଁ ତୁମ ପ୍ରତି ସଚ୍ଚୋଟ ରହିବି । ମୁଁ ଦିନରାତି, ତୁମର ସେବା କରିବି ।" ଏହା ବହୁତ ଖରାପ ଯେ ଆମେମାନେ ତାହା ଭୁଲି ଯାଇଥାଉ । "ମୁଁ ଦିନରାତି, ତୁମର ସେବା କରିବି । ମୁଁ ଉପବାସ କରିବି । ମୁଁ ପ୍ରାର୍ଥନା କରିବି । ମୁଁ ତୁମ ପ୍ରତି ବିଶ୍ୱସ୍ତ ରହିବି । ମୁଁ ମୋର ଦଶମାଂଶକୁ ତୁମ ଭଣ୍ଡାର ଘରକୁ ଆଣିବି । ମୁଁ—ମୁଁ କରିବି—ମୁଁ ଦିନକୁ ଅନେକ ଥର, ପ୍ରାର୍ଥନା କରିବି । ମୁଁ କିଛି ବି—ମୁଁ କିଛି ବି କରିବି । ଏବଂ ମୁଁ ମୋର ସମସ୍ତ ପ୍ରେମକୁ ତୁମ ପ୍ରତି ହିଁ ପ୍ରତିଶୃତି ଦେବି ।" ତାହାହିଁ ଅଟେ ଯାହାକି ଆପଣଙ୍କୁ କରିବା ଉଚିତ୍ । ତାହା ଅବିକଳ ଠିକ୍ ଅଟେ, ଯେଉଁଠାରେ ଆପଣ ତାହା ପ୍ରତିଜ୍ଞା କରନ୍ତି, ଏବଂ ଏହା ଆପଣଙ୍କ ହୃଦୟରୁ ଆସିବା ଉଚିତ ।

87 ଯଦି ଆପଣ ତାହା ନିଜ ସ୍ୱାମୀଙ୍କୁ ପ୍ରତିଜ୍ଞା କରନ୍ତି, ଏବଂ ଆପଣଙ୍କର ତାହା ଅଭିପ୍ରାୟ, ନିଜ ହୃଦୟରୁ ନ ଥାଏ, ତାହାହେଲେ ଆପଣ ତାଙ୍କ ସହିତ ସଠିକ୍ ଭାବରେ ଜୀବନଯାପନ କରୁନାହାଁନ୍ତି । ଏହା ଏକ ପ୍ରକାର ନକଲି ସାଜସଜ୍ଜା କରାଯାଇଥିବା ସମ୍ବନ୍ଧ ଅଟେ ।

88 ଏଠାରେ ଦେଖନ୍ତୁ । ଯଦି—ଯଦି ଆପଣଙ୍କର ଦାନ୍ତ ନାହିଁ, ଏବଂ ଆପଣ ନକଲି ଦାନ୍ତ ବ୍ୟବହାର କରୁଛନ୍ତି, ତେବେ, ତାହା ଠିକ୍ ଅଟେ । ଏହା ତ ଆପଣଙ୍କର ପୂର୍ବରୁ ରହିଥିବା ସେହି ଦାନ୍ତ ବଦଳେ ଅଟେ । ମାତ୍ର, ବାସ୍ତବରେ, ସେହି ଦାନ୍ତଗୁଡ଼ିକ ଆପଣଙ୍କ ସହିତ ସଂଯୁକ୍ତ ନୁହେଁ ।

ଏହା ଆପଣଙ୍କର ଅଂଶ ବିଶେଷ ନୁହେଁ । ଯଦି ଆପଣଙ୍କର ଏକ—ଏକ ବାହୁ କଟି ଯାଇଥାଏ, ଏବଂ ଆପଣ ଏକ ନକଲି ବାହୁ ଲଗାନ୍ତି, ତେବେ, ସେହି ବାହୁ ପ୍ରକୃତରେ ଆପଣଙ୍କ ସହିତ ସଂଯୁକ୍ତ ନାହିଁ । ଏହା ତ କେବଳ ଆପଣଙ୍କ ଉପରେ ଖଞ୍ଜି ଦିଆଯାଇଛି । ବୁଝିଲେ? ଏହା ଆପଣଙ୍କ ସହିତ ସଂଯୁକ୍ତ ନୁହେଁ ।

89 ଏବଂ ଯେତେବେଳେ ଆମେମାନେ ଖ୍ରୀଷ୍ଟଙ୍କ ନିକଟରେ ଆମର ପ୍ରତିଜ୍ଞାକୁ ଗ୍ରହଣ କରୁ, ଓ ଯଦି ଆମେମାନେ ତାହାଙ୍କର ଅଂଶ ନ ହେଉ, ଯେପରିକି ଜଣେ ସ୍ତ୍ରୀକୁ ପୁରୁଷର ଏକ ଅଂଶ ଏବଂ ଜଣେ ପୁରୁଷକୁ ସେହି ସ୍ତ୍ରୀର ଅଂଶ ହେବା ଉଚିତ୍, ତାହାହେଲେ ଆମେମାନେ କୃତ୍ରିମ ଖ୍ରୀଷ୍ଟିଆନ ଅଟୁ । ଆମେମାନେ ପ୍ରକୃତରେ ନୋହୁଁ...ଆପଣ ପ୍ରକୃତରେ ସେହି ସ୍ତ୍ରୀଙ୍କୁ ବିବାହ କରିନାହାଁନ୍ତି, ଆପଣ ବିଶ୍ୱସ୍ତ ଥାଇପାରନ୍ତି, ଯଦି ଆପଣ ନିଜର ସ୍ୱାମୀଙ୍କୁ ପ୍ରେମ ନ କରନ୍ତି, ଏବଂ ସେ ଷାଠିଏ କିମ୍ୱା ସତୁରି ବର୍ଷର ଥାଆନ୍ତି, ଏବଂ ଆପଣ ତାଙ୍କୁ ଆରମ୍ଭରେ ଯେତିକି ପ୍ରେମ କରୁଥିଲେ ସେତିକି ପ୍ରେମ ନ କରୁ ଥାଆନ୍ତି, ତାହାହେଲେ ଆପଣ ପ୍ରକୃତରେ କେବଳ ତାଙ୍କ ପିଲାମାନଙ୍କୁ ପ୍ରତିପୋଷଣ କରୁଅଛନ୍ତି ।

90 ଠିକ ସେହି ପ୍ରକାରେ, ଆଜି ବହୁତ ଅଧିକ ମଣ୍ଡଳୀଗୁଡ଼ିକ ଅଟେ । ଆମେମାନେ କେବଳ "ଖ୍ରୀଷ୍ଟିଆନ ମଣ୍ଡଳୀ" ର ନାମ କୁ ନେଇ, କନ୍ୟା ହେବାର ଅଭିନୟ କରୁଅଛୁ । ଯେତେବେଳେକି, ଏହା କୃତ୍ରିମ ଭାବରେ ଅଟେ । ଆମେମାନେ କୌଣସି ପ୍ରକାରେ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ନୋହୁଁ । ଆମେମାନେ ତ ଏକ କୃତ୍ରିମ ଦାନ୍ତ, କୃତ୍ରିମ ବାହୁ, କୃତ୍ରିମ ଆଖି ପରି ଅଟୁ । ଦେଖନ୍ତୁ? ଏହା ତ ଏପରି କିଛି ଅଟେ ଯାହାକି କୃତ୍ରିମ ଯଦି ଆମେମାନେ କେବଳ ଏହାକୁ ଧାରଣ କରିଥାଉ । ତେବେ, ଆପଣ ଖ୍ରୀଷ୍ଟିଆନ ଧର୍ମକୁ ଧାରଣ କରିପାରନ୍ତି ନାହିଁ । ଆପଣଙ୍କୁ ତ ଏହା ସହିତ ସଂଯୁକ୍ତ ହେବାକୁ ଅଛି ।

91 ଏବଂ ତାହାପରେ ଗୋଟିଏ ମଣ୍ଡଳୀ ଯାହାକି କେବଳ କୃତ୍ରିମ ଅଟେ, ଖ୍ରୀଷ୍ଟଙ୍କ ମଣ୍ଡଳୀ ବୋଲି କୁହାଇଥାଏ, ତେବେ, ତାହାହେଲେ ସେଠାରେ ଥିବା ସେହି ସନ୍ତାନମାନେ ସେଠାକାର ନୁହଁନ୍ତି, ସେମାନେ ତ ସେହି ସମାନ ସଂଗଠନରୁ ଜନ୍ମ ହୋଇଅଛନ୍ତି । କେବଳ ଅଟନ୍ତି... ସେମାନେ ଖ୍ରୀଷ୍ଟଙ୍କ ସନ୍ତାନ ନୁହଁନ୍ତି । ସେମାନେ ନାମଧାରୀ ସଂସ୍ଥାର ସନ୍ତାନମାନେ ଅଟନ୍ତି, ଏବଂ ଖ୍ରୀଷ୍ଟଙ୍କ ସନ୍ତାନ ନୁହଁନ୍ତି ।

92 ଯଦି ସେହି ସ୍ତ୍ରୀଲୋକଜଣ ସତ୍ୟତା ସହିତ ସେହି ପୁରୁଷ ସହିତ ସଂଯୁକ୍ତ ନୁହଁନ୍ତି, ତାହାହେଲେ ଏହା ତାଙ୍କର ସ୍ୱାମୀ ନୁହେଁ । ଏହା ତ କେବଳମାତ୍ର ଜଣେ ପୁରୁଷ ଅଟନ୍ତି ଯାହାଙ୍କ ସହିତ ରହିବା ପାଇଁ ସେ ଏକ ଶପଥ ନେଇଛନ୍ତି, ଏବଂ ସେ ଏକ ଭୁଲ ଶପଥ ନେଇଛନ୍ତି । ସେହି ସ୍ତ୍ରୀ ତାଙ୍କୁ ଭଲ ପାଇବାର ପ୍ରତିଶ୍ରୁତି ଦେଇଥିଲେ, ଏବଂ ସେ କହିଥିଲେ ଯେ ସେ ତାଙ୍କୁ ଭଲ ପାଆନ୍ତି, ଏବଂ ସେ ତାହା କଲେ ନାହିଁ । ସବୁବେଳେ, ସେହି ପୁରୁଷଟି ପ୍ରତାରିତ ହୋଇଥିଲେ ।

93 ମାତ୍ର ବନ୍ଧୁଗଣ, ଗୋଟିଏ କଥା ସୁନିଶ୍ଚିତ ଅଟେ, ଆମେମାନେ ଖ୍ରୀଷ୍ଟଙ୍କୁ ପ୍ରତାରଣା କରିବାକୁ ଯାଉନାହୁଁ । ସେ ତାହାଙ୍କର ନିଜର ଲୋକମାନଙ୍କୁ ଜାଣନ୍ତି ।

94 ମାତ୍ର, ଆପଣ ଦେଖନ୍ତୁ, ପ୍ରଥମେ, ନିଷ୍ପତ୍ତି ନିଆ ଯାଇଥିଲା । ପରବର୍ତ୍ତୀ, ନିର୍ବନ୍ଧ। ତାହାପରେ, ପ୍ରତିଜ୍ଞା ।

95 ଏବଂ, ତାହାପରେ, ସମାରୋହ । ଏବଂ ସେତେବେଳେ ଅଟେ ଯେଉଁ ସମୟରେକି ସେହି କନ୍ୟା—କନ୍ୟା ବରର ନାମକୁ ଗ୍ରହଣ କରିଥାଏ । ସେତେବେଳେ ସେ ଆଉ ଅଧିକ ନିଜ ନାମରେ ନୁହେଁ । ସେ ବରର ନାମକୁ ଗ୍ରହଣ କରିଥାଏ ।

96 ଏବଂ ତାହାପରେ ଯେତେବେଳେ ମଣ୍ଡଳୀରେ ସମାରୋହ ହୁଏ, ସେମାନଙ୍କର ପ୍ରତିଜ୍ଞା କରାହୁଏ, ତାହାପରେ ସେ ବରର ନାମକୁ ଗ୍ରହଣ କରିଥାଏ । ତାହାପରେ ସେ ଆଉ ଅଧିକ ଜଗତର ମଣ୍ଡଳୀ ନୁହେଁ । ସେ ଗଟ୍ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ମଣ୍ଡଳୀ ଅଟେ । ଆମେନ୍ । ନୁହେଁ… ମୋର ଅର୍ଥ, ତାହା, ନାମ ଦ୍ୱାରା ନୁହେଁ। ମୋର ଅର୍ଥ, ତାହା, ଜନ୍ମ ଦ୍ୱାରା, ସ୍ୱଭାବ ଦ୍ୱାରା, ପରମେଶ୍ୱରଙ୍କ ଶକ୍ତି ଦ୍ୱାରା ଅଟେ । ହୃଦୟରେ, ପରମେଶ୍ୱରଙ୍କ ପ୍ରକାଶିତ ସତ୍ୟ ଦ୍ୱାରା, ସେ ଏକ ଖ୍ରୀଷ୍ଟିଆନ ମଣ୍ଡଳୀ ହୋଇଯାଏ, ସେହି ମହାନ ବିଶ୍ୱବ୍ୟାପି ପ୍ରେରିତିକ ଖ୍ରୀଷ୍ଟିଆନ ମଣ୍ଡଳୀ । ସେ ଖ୍ରୀଷ୍ଟଙ୍କର ଏକ ଅଂଶ ହୋଇଯାଏ । ଯେତେବେଳେ ସେ ତାହା କରେ, ସେ…ଖ୍ରୀଷ୍ଟ ତାହା ଭିତରେ ତାହାଙ୍କ ନିଜର ଆତ୍ମାକୁ, ତାହାଙ୍କ ନିଜର ଜୀବନକୁ ଅଜାଡି ଦିଅନ୍ତି । ଏବଂ ବାଇବଲ ସେଠାରେ, ଆଦମ ଏବଂ ହବାଙ୍କୁ, କହିଥିଲା, "ତୁମେ ଆଉ ଦୁଇ ନୁହଁ, ବରଂ ଏକ ଅଟ ।" ଏବଂ ଯେତେବେଳେ ସେହି ସ୍ତ୍ରୀ, ମଣ୍ଡଳୀ, ଖ୍ରୀଷ୍ଟଙ୍କ ସହିତ ବିବାହିତ ହୁଏ, ସେମାନେ ଆଉ ଅଧିକ ଦୁଇ ନୁହଁନ୍ତି । ସେମାନେ ଏକ ଅଟନ୍ତି । ଖ୍ରୀଷ୍ଟ ଆପଣଙ୍କ ଭିତରେ ଥାଆନ୍ତି! ଆମେନ୍ । ଏହାହିଁ ତାହା ଅଟେ । ତାହାଙ୍କର ଜୀବନ ଆପଣଙ୍କ ଭିତରକୁ ଅଣା ଯାଇଥାଏ, ତାହାପରେ ଆପଣ ସେହି କନ୍ୟା ହୋଇଯାଆନ୍ତି ।

97 ତାହାପରେ, ଆଉ ଏକ ବିଷୟ, ସେ ଏହି ସମସ୍ତ ଶପଥ ଗ୍ରହଣ କରିସାରିବା ପରେ, ଏବଂ ପ୍ରଭୃତି ସବୁ, ଏବଂ ସମାରୋହରେ କୁହା ଯାଇସାରିବା ପରେ:

98 ଯେପରିକି, ମୋ ପତ୍ନୀଙ୍କ ନାମ ବିବାହ ପୂର୍ବରୁ ବ୍ରୋଏ ଥିଲା । ବର୍ତ୍ତମାନ, ସେ ଆଉ ଅଧିକ ବ୍ରୋଏ ନୁହଁନ୍ତି । ସେ ବ୍ରାନହାମ୍ ଅଟନ୍ତି । ତେବେ, ସେ ଆଉ ଅଧିକ ବ୍ରୋଏ ନୁହଁନ୍ତି । ସେ ହେଉଛନ୍ତି ବ୍ରାନହାମ୍ ।

99 ଏବଂ ଯେତେବେଳେ ଆପଣ ଖ୍ରୀଷ୍ଟଙ୍କ ଭିତରକୁ ଆସନ୍ତି, ଆପଣ ଆଉ ଅଧିକ ଜଗତର ନୁହଁନ୍ତି । ଆପଣ ଖ୍ରୀଷ୍ଟଙ୍କର ଅଟନ୍ତି । ବୁଝିଲେ? ସେତେବେଳେ ଆପଣ ଆଉ ଅଧିକ ଜଗତର ଜିନିଷଗୁଡ଼ିକ ପାଇଁ ଚିନ୍ତା କରନ୍ତି ନାହିଁ। ସେଗୁଡିକ ଆପଣଙ୍କ ପାଇଁ ମୃତ ଅଟେ। "କାରଣ ଯିଏ ଜଗତକୁ, ବା ଜଗତର ବିଷୟବସ୍ତୁକୁ ପ୍ରେମ କରେ, ତାଙ୍କଠାରେ ଏପରିକି ପରମେଶ୍ୱରଙ୍କ ପ୍ରେମ ସୁଦ୍ଧା ନାହିଁ ।"

100 ତେଣୁକରି, ଆପଣ ଦେଖନ୍ତୁ, ଆପଣ ଜଣେ କୃତ୍ରିମ ଖ୍ରୀଷ୍ଟିଆନ ହୋଇପାରନ୍ତି ନାହିଁ। ଆପଣ ଜଣେ କୃତ୍ରିମ, ବୋଲାଉଥିବା ଖ୍ରୀଷ୍ଟିଆନ ହୋଇପାରନ୍ତି ।

101 ମାତ୍ର ଆପଣ ସେପର୍ଯ୍ୟନ୍ତ ଜଣେ ଖ୍ରୀଷ୍ଟିଆନ, ହୋଇପାରନ୍ତି ନାହିଁ, ଯେପର୍ଯ୍ୟନ୍ତକି ଖ୍ରୀଷ୍ଟ ଆପଣଙ୍କ ଭିତରେ, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଦ୍ୱାରା, ଅଜାଡି ନ ଦିଅନ୍ତି। ତାହାପରେ ଆପଣ ତାହାଙ୍କ ସହିତ ସଂଯୁକ୍ତ ହୁଅନ୍ତି। ଆପଣ ଆଉ ଅଧିକ ଦୁଇ ନୁହଁନ୍ତି। ଆପଣ ଏକ ଅଟନ୍ତି। ଖ୍ରୀଷ୍ଟ ଆମ ଭିତରେ ରହିବାକୁ ପ୍ରତିଜ୍ଞା କରିଥିଲେ, ଯେପରିକି ପିତା ଖ୍ରୀଷ୍ଟଙ୍କ ଭିତରେ ଥିଲେ। "ମୁଁ ଏବଂ ମୋର ପିତା ଏକ। ତୁମେ ଏବଂ ମୁଁ ଏକ ଅଟୁ।" ବୁଝିଲେ? ଖ୍ରୀଷ୍ଟ ଆମ ଭିତରେ! ଯାହାସବୁ ପରମେଶ୍ୱର ଥିଲେ, ସେ ଖ୍ରୀଷ୍ଟଙ୍କ ଭିତରେ ଢାଳିଦେଲେ। ଏବଂ ଯାହାସବୁ ଖ୍ରୀଷ୍ଟ ଥିଲେ, ସେ ମଣ୍ଡଳୀ ଭିତରେ ଢାଳିଦେଲେ, ଯେପରିକି ସୁସମାଚାରର କାର୍ଯ୍ୟକୁ ଜାରି ରଖାଯାଏ।

102 ତେବେ ଆମେମାନେ, କୃତ୍ରିମ ନାମ ଦ୍ୱାରା ନୁହେଁ, ବରଂ ଆମକୁ ଖ୍ରୀଷ୍ଟଙ୍କ ସହିତ ଯୋଡୁଥିବା ଜୀବନର ସେହି ପବିତ୍ରଆତ୍ମାଙ୍କ ବାସ୍ତବିକତା ଦ୍ୱାରା ହୋଇଥାଉ। ତାହାପରେ, ତାହାଙ୍କର ପୁନରୁତ୍ଥାନର ଶକ୍ତି ଦ୍ୱାରା, ଆମେମାନେ ଜଗତର ମୃତ ଜିନିଷଗୁଡ଼ିକରୁ ପୁନରୁତ୍‌ଥିତ କରା ଯାଇଥାଉ, ଏବଂ ସ୍ୱର୍ଗୀୟ ସ୍ଥାନରେ ତାହାଙ୍କ ସହିତ ବସିଥାଉ। ଆମେନ୍। ମୋତେ ତାହା ଭଲ ଲାଗେ। ଆଜି ରାତି, ଆମେମାନେ ଖ୍ରୀଷ୍ଟ ଯୀଶୁଙ୍କ ସହିତ ପୁନରୁତ୍ଥିତ ହୋଇ, ଦେଖନ୍ତୁ, ତାହାଙ୍କଠାରେ ସ୍ୱର୍ଗୀୟ ସ୍ଥାନରେ ବସିଅଛୁ; ଜଗତର ବିଷୟଗୁଡ଼ିକ ପ୍ରତି ମୃତ ହୋଇଅଛୁ ଓ ଖ୍ରୀଷ୍ଟଙ୍କୁ ଗ୍ରହଣ କରିଅଛୁ। ଏବଂ ଯେତେବେଳେ ଆମେମାନେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିଥାଉ, ସେତେବେଳେ ଜଗତ ମୃତ ହୋଇଯାଏ, ତାହାପରେ ଆମେମାନେ ଆଉ ଅଧିକ ଜଗତର ଚିନ୍ତା କରି ନ ଥାଉ। ଜଗତ ଆମ ପାଇଁ ମୃତ ଅଟେ। ଏବଂ ଆମେମାନେ...ଏବଂ ଏହା ଆମ ପାଇଁ ମୃତ ଅଟେ, ଏବଂ ଆମେ ଏହା ପାଇଁ ମୃତ ଅଟୁ।

103 ଆପଣ ଏକ ଭିନ୍ନ ବ୍ୟକ୍ତି, ଭିନ୍ନ ବ୍ୟକ୍ତିତ୍ୱ ହୋଇଯାଆନ୍ତି, କାରଣ ଆପଣ ଏକ ନୂତନ ସୃଷ୍ଟି ଅଟନ୍ତି। ସୃଷ୍ଟି! ସେହି ସମାନ ସୃଷ୍ଟି ନୁହେଁ, ଯିଏକି ଉପର ଠାଉରିଆ ଭାବରେ କେବଳ ସଜ୍ଜିତ ହୋଇଥାଏ; ଏପରି ଜଣେ—ଜଣେ ବ୍ୟକ୍ତି ନୁହେଁ ଯିଏକି ଏକ ନୂଆ ପୃଷ୍ଠା ଓଲଟାଇ ଅଛି। ମାତ୍ର ଏପରି ଜଣେ ବ୍ୟକ୍ତି ଯିଏକି ମୃତ୍ୟୁବରଣ କରିଅଛି, ଏବଂ ନୂତନ ଭାବେ ଜନ୍ମ ହୋଇଅଛି, ଏବଂ ଖ୍ରୀଷ୍ଟ ଯୀଶୁଙ୍କଠାରେ ଏକ ନୂତନ ସୃଷ୍ଟି ହୋଇଅଛି, ଏବଂ ଜୀବନ୍ତ ପରମେଶ୍ୱରଙ୍କ ଆତ୍ମା ସେହି ବ୍ୟକ୍ତିଙ୍କ ଭିତରେ ବାସ କରନ୍ତି।

104 ତେବେ, ସେହି ସ୍ତ୍ରୀଙ୍କ ସଦୃଶ ଯିଏକି ଆଉ ଅଧିକ ବ୍ରୋଏ ନୁହଁନ୍ତି, ସେ ଜଣେ ବ୍ରାନହାମ୍ ଅଟନ୍ତି, ଏବଂ ସେ ସେହି ନାମରେ ଯାଆନ୍ତି।

105 ଏବଂ ମଣ୍ଡଳୀ ଆଉ ଅଧିକ ଜଗତର ନୁହେଁ, ବରଂ ଏହା ଖ୍ରୀଷ୍ଟଙ୍କ ନାମରେ ଅଟେ, ସେ ଅଟେ। ସେ ତାହାଙ୍କ ସହିତ, ତାର ନିଜର ଜୀବନ ଦ୍ୱାରା ସଂଯୁକ୍ତ ଅଟେ।

106 କଅଣ ଆପଣ କେବେ ଶାସ୍ତ୍ରରେ ପଢ଼ିଛନ୍ତି କି, ଯେ କିପରି ସେହି ପ୍ରଥମ ମଣିଷ, ଯାହା ପରମେଶ୍ୱର ସୃଷ୍ଟି କରିଥିଲେ, ଏକ—ଏକ ଦ୍ୱିପାକ୍ଷିକ ବ୍ୟକ୍ତି ଥିଲେ? ଆତ୍ମିକ ଭାବରେ, ଆଦମ ଉଭୟ ଆଦମ ଓ ହବା ଥିଲେ, ମାତ୍ର ଯେତେବେଳେ ସେ ନିଜ ପ୍ରତିମୂର୍ତ୍ତିରେ ପ୍ରଥମ

ମଣିଷକୁ ସୃଷ୍ଟି କରିଥିଲେ । "ଏବଂ ପରମେଶ୍ୱର ଏକ ଆତ୍ମା ଥିଲେ ।" ମାତ୍ର, ଯେତେବେଳେ ସେ ସେମାନଙ୍କୁ ଶରୀରରେ ରଖିଲେ, ସେ ସେମାନଙ୍କୁ ପୃଥକ କଲେ । ସେ ପୁରୁଷର ଆତ୍ମାକୁ ନେଇ, ସେହି ପୁରୁଷ ଭିତରେ ରଖିଦେଲେ, ଏବଂ ନାରୀର ଆତ୍ମାକୁ ନେଇ ତାକୁ ସ୍ତ୍ରୀଲୋକ ଭିତରେ ରଖିଦେଲେ ।

107 ତେବେ, ଯେତେବେଳେ ଆପଣ ଜଣେ ସ୍ତ୍ରୀଲୋକଙ୍କୁ ଜଣେ ପୁରୁଷ ଭଳି ଆଚରଣ କରିବାକୁ ଚାହୁଁଥିବାର ଦେଖନ୍ତି, ତେବେ ସେଠାରେ କିଛି ଗୋଟାଏ ଭୁଲ୍ ଅଟେ। ଯେତେବେଳେ ଆପଣ ଜଣେ ପୁରୁଷକୁ ଏକ ସ୍ତ୍ରୀଲୋକ ଭଳି ଆଚରଣ କରିବାକୁ ଚାହୁଁଥିବାର ଦେଖନ୍ତି, ତେବେ ସେଠାରେ କିଛି ଗୋଟାଏ ଭୁଲ୍ ଅଟେ । ତେଣୁ ଏହା ଏପରି ଦେଖାଯାଏ ଯେ ଜଗତ ଆଜି, ସର୍ବତ୍ର ଭୁଲ୍ ଅଛି । ପୁରୁଷମାନେ ସ୍ତ୍ରୀଲୋକମାନଙ୍କ ପରି ଆଚରଣ କରିବାକୁ ଚେଷ୍ଟା କରୁଛନ୍ତି; ସ୍ତ୍ରୀଲୋକମାନେ ପୁରୁଷମାନଙ୍କ ପରି ଆଚରଣ କରିବାକୁ ଚେଷ୍ଟା କରୁଛନ୍ତି । ତାହା ଠିକ୍ ଅଟେ । ଏହା ସତ୍ୟ ଅଟେ ।

108 ତେବେ ଦେଖନ୍ତୁ । ଏହା ଏତେ ସିଦ୍ଧ ଅଟେ, ଯେ ଯେତେବେଳେ ପରମେଶ୍ୱର ନେଇ ଜଣେ ମନୁଷ୍ୟକୁ ସୃଷ୍ଟି କଲେ, ଏବଂ ଏହା ଦର୍ଶାଇବାକୁ ଗଲେ ଯେ ସେ ଏହାକୁ ଅନ୍ୟ କୌଣସି ଭିନ୍ନ ଜିନିଷରୁ ଚାହାଁନ୍ତି ନାହିଁ, ସେତେବେଳେ ସେହି ସ୍ତ୍ରୀ ମୂଳ ସୃଷ୍ଟିରେ ନ ଥିଲେ । ତେଣୁକରି ସେ ସୃଷ୍ଟିରେ ନାହାଁନ୍ତି, ମାତ୍ର ସେ ଆଦମଙ୍କର ଏକ ଅଂଶ ଅଟନ୍ତି । ସେ ଏକ ଉପ ଉତ୍ପାଦ ଅଟନ୍ତି । ସେ ଆଦମଙ୍କ ପାର୍ଶ୍ୱକୁ ଯାଆନ୍ତି, ଅନ୍ୟ ଏକ ଜୀବ ସୃଷ୍ଟି କରିବା ପାଇଁ ନୁହେଁ, ମାତ୍ର ସେହି ପ୍ରାଣୀର ଗୋଟିଏ ଅଂଶକୁ ନେଇ ସେଥିରୁ ଅନ୍ୟ ଏକ ଜୀବ ସୃଷ୍ଟି କରିବେ । ଏବଂ ସେ ଆଦମଙ୍କଠାରେ ଥିବା ସେହି ପୁରୁଷ ଆତ୍ମାକୁ ନେଲେ…ଏବଂ ଆଦମଙ୍କଠାରେ ଥିବା ସେହି ନାରୀ ଆତ୍ମାକୁ ନେଲେ, ବରଂ, ଓ ଏହାକୁ ସ୍ତ୍ରୀଲୋକ ଭିତରେ ରଖିଦେଲେ । ତେଣୁ, ଉଭୟ ଆତ୍ମା ଏବଂ ଶରୀର, ସେମାନେ ଏକ ହୋଇଗଲେ ।

109 ଏହା ତାର ଏକ ସୁନ୍ଦର ପ୍ରତିଚିତ୍ରଣ ଥିଲା ଯାହା ପରମେଶ୍ୱର କାଲବରୀରେ କରିଥିଲେ । ସେ ଖ୍ରୀଷ୍ଟଙ୍କୁ ନେଇଥିଲେ, ଏବଂ ତାହାଙ୍କୁ ମଣ୍ଡଳୀ ସହିତରେ ଏକ କ୍ଷତବିକ୍ଷତ ପାର୍ଶ୍ୱ ଦେଇ, ସଂଯୁକ୍ତ କରିଥିଲେ, ସେ ରକ୍ତ ଆଣିଲେ ଯାହାକି ସେହି ବ୍ୟକ୍ତିଙ୍କୁ ପରିଷ୍କାର କରିଥିଲା, ଯାହାକି ମଣ୍ଡଳୀର ଶରୀରକୁ ପବିତ୍ର କରିଥାଏ, ଏବଂ ଜୀବନ୍ତ ପରମେଶ୍ୱରଙ୍କ ଆତ୍ମାକୁ ରଖିଥାଏ, ଯାହାକୁ ସେ ସେଠାରେ କ୍ରୁଶ ଉପରେ ଖ୍ରୀଷ୍ଟଙ୍କଠାରୁ, କାଢି ନେଇଥିଲେ, ଏବଂ ଏହାକୁ ସେହି ବ୍ୟକ୍ତିଗତ ଲୋକ ଭିତରେ ରଖି ଦେଇଥିଲେ । ତାହାପରେ ସେମାନେ ଏକ ଅଟନ୍ତି । ସେମାନେ ଏକ ହୋଇଯାଆନ୍ତି । ଖ୍ରୀଷ୍ଟ ଏବଂ ଆପଣ ଏକ ଅଟନ୍ତି ।

110 ଏବଂ ଆପଣ ଓ ଆପଣଙ୍କର ସ୍ୱାମୀ ଏକ ହେବା ଉଚିତ୍ । ଯଦି ସେଠାରେ କିଛି ବିରୋଧାଭାସ ବିଷୟ ଥାଏ, ତେବେ ସେଠାରେ ଆପଣଙ୍କର ମିଳନରେ କିଛି ଗୋଟାଏ ଭୁଲ୍ ଅଛି ।

111 ଏବଂ ଯଦି ଆମ ସହିତରେ, ଖ୍ରୀଷ୍ଟଙ୍କୁ ନେଇ କିଛି ବିରୋଧାଭାସ ବିଷୟ ରହିଥାଏ,

ଆମେମାନେ ତାହାଙ୍କ ବାକ୍ୟକୁ ବିଶ୍ୱାସ କରି ନ ଥାଉ, କହିଥାଉ, "ଓଃ, ତାହା ତ ଅନ୍ୟ ଦିନ ପାଇଁ ଥିଲା," ତାହାହେଲେ ସେଠାରେ ତାହାଙ୍କ ସହିତ ଆମର ମିଳନରେ କିଛି ଗୋଟାଏ ଭୁଲ୍ ଅଛି । ଯଦି ଆପଣ କୁହନ୍ତି, "ଆଶ୍ଚର୍ଯ୍ୟକର୍ମର ଦିନଗୁଡ଼ିକ ଅତୀତ ଅଟେ; କୌଣସି ଈଶ୍ୱରୀୟ ଆରୋଗ୍ୟତା ବିଷୟ ନାହିଁ; ପବିତ୍ରଆତ୍ମାଙ୍କର କୌଣସି ବାପ୍ତିସ୍ମ ନାହିଁ," ତାକୁ ବିଗତ କୌଣସି ଦିନରେ ପ୍ରୟୋଗ କରିଥାଉ, ତାହା ଏହା ଦର୍ଶାଏ ଯେ ଆପଣଙ୍କଠାରେ ଖ୍ରୀଷ୍ଟଙ୍କ ଆତ୍ମା ନାହିଁ ।

112 କାରଣ, "ଆଦ୍ୟରେ ବାକ୍ୟ ଥିଲା, ଏବଂ ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲା, ଏବଂ ବାକ୍ୟ ପରମେଶ୍ୱର ଥିଲେ । ଏବଂ ସେହି ବାକ୍ୟ ଦେହ ଧାରଣ କଲା ।" ଏବଂ ତାହାପରେ ଯେତେବେଳେ ତାହାଙ୍କର ବାକ୍ୟ ଆପଣଙ୍କ ଭିତରେ ପ୍ରତିଷ୍ଠିତ ହୁଏ, ତାହାପରେ, ଆପଣମାନେ ଦେଖନ୍ତୁ, ଏହା ଆପଣ ଏବଂ ଖ୍ରୀଷ୍ଟ ସେତେବେଳେ ଏକ ହୋଇଯାଆନ୍ତି । "ଯଦି ତୁମେ ମୋ ଠାରେ ରୁହ, ଏବଂ ମୋହର ବାକ୍ୟ ତୁମଠାରେ ରୁହେ, ତେବେ ତୁମର ଯାହା ଇଚ୍ଛା ତାହା ମାଗ," କାରଣ ଏହା ଆଉ ଅଧିକ ଆପଣ ନୁହଁନ୍ତି । ଏହା ତ ପରମେଶ୍ୱରଙ୍କ ବାକ୍ୟ, ଖ୍ରୀଷ୍ଟ ଆପଣଙ୍କ ଭିତରେ ଅଟନ୍ତି । ଆପଣ ଏକ ହୋଇଯାଆନ୍ତି । ଠିକ୍ ଅଛି ।

113 ତାହାପରେ, ଆଉ ଏକ ବିଷୟ, ସେ ତାହା କରିସାରିବା ପରେ, ସେ ତାର ଶପଥଗୁଡିକୁ ପୂରଣ କରିସାରିବା ପରେ, ଏବଂ ନିଜର ବିବାହ ସମ୍ବନ୍ଧ କରିବା ପରେ, ଆଉ ହେବାକୁ ଥିବା ତାଙ୍କ ସ୍ୱାମୀଙ୍କର ନାମକୁ, ସେହି ବରଙ୍କ ନାମକୁ ନେଇସାରିବା ପରେ, ତାହାପରେ ଯାଇ ସେ ତାଙ୍କ ସ୍ୱାମୀଙ୍କର ପାଖରେ ଥିବା ସମସ୍ତ ବିଷୟର ଉତ୍ତରାଧିକାରୀ ଅଟନ୍ତି । ସେ ସବୁକିଛି ବିଷୟର ଉତ୍ତରାଧିକାରୀ ଅଟନ୍ତି । ଆପଣଙ୍କର ପତ୍ନୀ ଆପଣଙ୍କ ପାଖରେ ଥିବା ସମସ୍ତ ବିଷୟର ଉତ୍ତରାଧିକାରୀ ଅଟେ ।

114 ଏବଂ ତାହାହିଁ ସେହି ବିଷୟ ଯାହାକି ମଣ୍ଡଳୀ ଅଟେ, ଯଦି ସେ କେବଳ ଏହାକୁ ଜାଣିଥାନ୍ତା, ଯେ ସେ ନିଜ ଭିତରେ ତାହାଙ୍କର ଆତ୍ମା ରଖିବା ଯୋଗୁଁ ତାହାଙ୍କର ଅଂଶ ହୋଇଯାଏ । ସେ କହିଲେ, "ଯେଉଁ କାର୍ଯ୍ୟଗୁଡିକ ମୁଁ କରେ ତୁମେ ମଧ୍ୟ କରିବ । ବରଂ ଏହାଠାରୁ ମହତ୍ତର, ତୁମେ କରିବ, କାରଣ ମୁଁ ମୋର ପିତାଙ୍କ ନିକଟକୁ ଯାଉଅଛି । ଅଳ୍ପ ସମୟ, ଏବଂ ଏହି ଜଗତ ମୋତେ ଆଉ ଦେଖିବ ନାହିଁ; ତଥାପି ତୁମେ ମୋତେ ଦେଖିବ, କାରଣ ମୁଁ ତୁମ ସହିତରେ ରହିବି, ଏପରିକି ତୁମ ଅନ୍ତରରେ, ଜଗତର ଶେଷ ପର୍ଯ୍ୟନ୍ତ ରହିବି ।" ତେବେ ଏହା ତ ଆପଣଙ୍କ ଭିତରେ ଖ୍ରୀଷ୍ଟ ଅଟନ୍ତି । ଆପଣ ଏକାଠି ସଂଯୁକ୍ତ ଅଟନ୍ତି, ଏବଂ ଆପଣ ତାହାଙ୍କ ସହିତ ଉତ୍ତରାଧିକାରୀ ଅଟନ୍ତି ।

115 ଏବଂ ଯଦି ସେ ଏଠାରେ ପୃଥିବୀରେ ରହିଥାଆନ୍ତେ, ସେ କଅଣ କରୁଥାଆନ୍ତେ? ସେହି ସମାନ କାର୍ଯ୍ୟ କରୁଥାଆନ୍ତେ ଯାହା ସେ ସେଠାରେ କରିଥିଲେ, କାରଣ ସେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି । ସେ ପିତାଙ୍କ କାର୍ଯ୍ୟ ପ୍ରତି ମନୋଯୋଗୀ ରହିଥାନ୍ତେ । ସେ ରୋଗୀମାନଙ୍କୁ ସୁସ୍ଥ କରୁଥାନ୍ତେ । ସେ ଚମତ୍କାରମାନ ସାଧନ କରୁଥାନ୍ତେ । ସେ ତ ଅବିକଳ ଠିକ ସେହି ସବୁ ବିଷୟ ସାଧନ କରୁଥାଆନ୍ତେ ଯାହା ସେ ସେତେବେଳେ କରିଥିଲେ

ଯେତେବେଳେ ସେ ପୃଥିବୀରେ ଥିଲେ, କାରଣ ସେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି । ଏହା ତ ସମ୍ପୂର୍ଣ୍ଣ ସିଦ୍ଧ ଅଟେ । ତାହାହିଁ ହେଉଛି ବିବାହ ।

116 ମାତ୍ର, ବର୍ତ୍ତମାନ, କଅଣ ହୁଏ ଯଦି ଏହି ସ୍ତ୍ରୀଲୋକ ବିବାହ କରନ୍ତି, ଏହି ସମସ୍ତ ଶପଥ ଏବଂ ସବୁକିଛି ଗ୍ରହଣ କରନ୍ତି, ଏବଂ ସେ ଏହି ପୁରୁଷର ସ୍ୱାମୀ ହୁଅନ୍ତି, ଏବଂ ସେହି ପୁରୁଷ ପାଖରେ ଥିବା ସମସ୍ତ କିଛି ବିଷୟର ଉତ୍ତରାଧିକାରୀ ହୋଇଯାଆନ୍ତି, ଓ ପ୍ରଭୃତି ସବୁ, ଏବଂ ତାହାପରେ ତାଙ୍କର ମୁଣ୍ଡ ଖରାପ ହୋଇଯାଏ? ସେ ଏକ ଖରାପ ମିଜାଜ ପ୍ରଦର୍ଶନ କରିବା ଆରମ୍ଭ କରନ୍ତି । ସେ ଅନ୍ୟ ପୁରୁଷମାନଙ୍କ ପଛରେ, ଦୌଡ଼ିବା ଆରମ୍ଭ କରନ୍ତି । କେବଳ ସେତିକି ନୁହେଁ, ମାତ୍ର ସେ ନିଜର ପ୍ରେମକୁ ଅନ୍ୟମାନଙ୍କ ସହ ବାଣ୍ଟିଥାନ୍ତି । ଜଣେ ପୁରୁଷ ନିଜର ପତ୍ନୀଙ୍କ ସହିତ, ସେସମସ୍ତ ପ୍ରତିଜ୍ଞା ଯାହା ସେମାନେ କରିଥାଆନ୍ତି, ଆଉ ତାହାପରେ ସେହି ସ୍ତ୍ରୀଲୋକଟି ବାହାରକୁ ଯାଇ ଅନ୍ୟମାନଙ୍କ ସହିତ ତାର ଜୀବନକୁ ବାଣ୍ଟିବା ଆରମ୍ଭ କରନ୍ତି, ତାର ପ୍ରେମକୁ ଏବଂ ତାର ସ୍ନେହକୁ ଅନ୍ୟମାନଙ୍କ ସହିତରେ ବାଣ୍ଟନ୍ତି ।

117 ତାହାହିଁ ଅଟେ ଯାହାକି ଅତ୍ୟଧିକ ତଥା-କଥିତ ଖ୍ରୀଷ୍ଟିଆନମାନେ କରିଥାଆନ୍ତି, ଜଗତ ସହିତ ନିଜର ପ୍ରେମକୁ ବାଣ୍ଟିଥାଆନ୍ତି: ଖେଳନ୍ତି, ନାଚନ୍ତି, ଜୁଆ ଖେଳନ୍ତି, ପ୍ରାର୍ଥନା ସଭାଗୁଡ଼ିକୁ ନ ଯାଇ ଅନ୍ୟତ୍ର ଘରେ ରହି, ଟେଲିଭିଜନ ଦେଖନ୍ତି, ସମସ୍ତ ପ୍ରକାରର ସାଂସାରିକ ବିଷୟ କରନ୍ତି ଯାହାକି ମଣ୍ଡଳୀର ହୃଦୟରେ, ପରମେଶ୍ୱରଙ୍କ ପ୍ରେମର ସ୍ଥାନକୁ ଗ୍ରହଣ କରି ନେଇଥାଏ । ସେ ଏକ ଖରାପ ମିଜାଜର ହୋଇଯାଏ । ତାର ମୁଣ୍ଡ ଖରାପ ହୋଇ ଯାଇଥାଏ । ସେ ଅନ୍ୟ ପୁରୁଷମାନଙ୍କ ପଛରେ ବାହାରି ଯାଇଥାଏ । ସେ ନିଜ ପ୍ରେମକୁ ବାଣ୍ଟୁଥାଏ । ସେ ତାର ଦଶମାଂଶକୁ ନେବ ଯାହାକୁ ସେ ମଣ୍ଡଳୀରେ ଦେବା ଉଚିତ୍; ସେ ଏହାକୁ ଜଗତର ଅନ୍ୟାନ୍ୟ ବିଷୟ ଉପରେ ଖର୍ଚ୍ଚ କରି ଦେବ । ସେ କରିବ...ପରମେଶ୍ୱରଙ୍କୁ ଯେପରି ଭାବରେ ପ୍ରେମ କରିବା ଉଚିତ୍ ତାହା ପରିବର୍ତ୍ତେ, ଏବଂ ପରମେଶ୍ୱରଙ୍କ ପାଇଁ ବଞ୍ଚିବା, ଏବଂ ମଣ୍ଡଳୀକୁ ଆସିବା ନିମନ୍ତେ ଭଲ ପାଇବା ପରିବର୍ତ୍ତେ, ଆପଣଙ୍କୁ ତ ତାକୁ ଆସିବା ନିମନ୍ତେ ପ୍ରାୟଃ ବଳାଇବାକୁ ପଡିଥାଏ ।

118 କାହିଁକି, ମୁଁ ଜାଣେ, ଏଠାରେ କିଛି ଦିନ ପୂର୍ବରୁ, ଜଣେ—ଜଣେ ସେବକ ମୋତେ କହିଲେ ଯେ ସେ ଏତେ ଅଧିକ ସଂଖ୍ୟକ ପ୍ରାର୍ଥନା...ଏତେ ଅଧିକ କାର୍ଡମାନ ପଠାଇଥିଲେ, ଯେ ଲୋକମାନେ ତାକୁ ଦସ୍ତଖତ କରନ୍ତି, ଯେ ସେମାନେ ପ୍ରତିବର୍ଷ ଅତି କମରେ ଛଅ ମାସ ରବିବାର ଶ୍ରେଣୀକୁ ଆସିବାର ପ୍ରତିଶ୍ରୁତି କରିବେ ।

119 ଏବଂ ମୁଁ ସେଠାରେ ପାହାଡ ତଳେ, ଯେଉଁଠାରେ ମୁଁ କାର୍ଯ୍ୟ କରୁଥିଲି ଗୋଟିଏ ସାନ ଝିଅକୁ ଦେଖିଲି । ଏବଂ ସେ ସେଠାରୁ ବାହାରି ଆସିଲା । ଏବଂ ମୁଁ କବାଟ ପାଖରେ ଛିଡା ହୋଇ, କବାଟ ବାଡେଇଲି, ଏବଂ ସେ କବାଟ ପାଖକୁ ଆସିଲା । ଏବଂ ସେ ଏଠାରେ ସେହି ୱାଇଲ୍ଡକ୍ୟାଟ୍ ଖେଳାଳୀମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ, ଆପଣମାନେ ଜାଣନ୍ତି ।

120 ଯେପରିକି ଏହି ସମୂହ ଥିଲା ଯାହାକୁକି ସେମାନଙ୍କୁ ଗତ ରାତିରେ ଫିନିକ୍ସରେ ଗିରଫ

କରାଯିବାର ଉଚିତ୍ ଥିଲା, ମୁଁ ବିଶ୍ୱାସ କରେ ଯେ ଏହାହିଁ ଥିଲା, ଯେଉଁମାନେକି ରକ୍-ଏଣ୍ଡ-ରୋଲ୍, ଅବା ଟ୍ୱିଷ୍ଟର୍ ସଙ୍ଗୀତର—ର ଏହି ନୂତନ ବିକୃତିକୁ କରିଥିଲେ, ଅବା ଏହା ଯାହାକିଛି ବି ଥିଲା, ଏବଂ ସେମାନଙ୍କୁ ଧରିବା ପାଇଁ ସେମାନଙ୍କୁ ପୋଲିସ୍‌କୁ ଡାକିବାକୁ ପଡିଥିଲା । ହେ ଯୁବା ବର୍ଗ, କଅଣ ଆପଣମାନେ ଏହା ବୁଝିପାରୁ ନାହାଁନ୍ତି ଯେ ତାହା ଏକ ଶୟତାନର ଆତ୍ମା ଅଟେ? ସେହି ପ୍ରଭାବ ଅଧୀନରେ, ଏପରିକି ସେମାନେ ତାହା ସୁଦ୍ଧା ଜାଣି ନ ଥିଲେ ଯେ ସେମାନେ ବାହାରେ ରାସ୍ତାରେ, କଅଣ ଥିଲେ, କେଉଁ କାର୍ଯ୍ୟ କରୁଥିଲେ ।

121 ଯେପରିକି କେତେକ ଏହି ହାସ୍ୟ ଅଭିନେତାମାନେ, କିମ୍ବା ଏହି ରେକର୍ଡ କଳାକାରମାନେ, ଏବଂ ସଙ୍ଗୀତ ପରିଚାଳକମାନେ, ଏବଂ ଇତ୍ୟାଦିମାନେ, ସେହି ସ୍ଥାନକୁ ଯାଆନ୍ତି, ଯେଉଁ ସହରରେ ମୁଁ ରହୁଥିଲି । ଏବଂ ଯୁବା ମହିଳାମାନେ ସେମାନଙ୍କର ଆନ୍ତରିକ ପୋଷାକଗୁଡିକୁ କାଢି ମଞ୍ଚ ଉପରେ ଫିଙ୍ଗି ଦିଅନ୍ତି, ଯେପରିକି ଏହି ପିଲା ସେଥିରେ ନିଜର ହସ୍ତାକ୍ଷର କରିବେ । କଅଣ ଆପଣ ଏହା ହୃଦୟଙ୍ଗମ କରୁ ନାହାଁନ୍ତି ଯେ ତାହା ଶୟତାନ ଅଟେ? ଏହା ଶେଷ ଦିନର ଏକ ଆତ୍ମା ଅଟେ । ନିଶ୍ଚିତ ଭାବରେ । ଏହା ଏକ ଏତେ ଲଜ୍ଜାଜନକ ବିଷୟ ଅଟେ । ସେଠାରେ ଆପଣ ଅଛନ୍ତି, ଆପଣମାନଙ୍କର ମୁଣ୍ଡ ଖରାପ ହୋଇଯାଇଛି ।

122 ଏହି ଯୁବା ସ୍ତ୍ରୀଲୋକଟି, ସେ ସେହିପରି ଭାବରେ, ବାହାରି ଆସିଥିଲେ । ଏପରିକି ସେ ଏହା ସୁଦ୍ଧା ଜାଣି ନ ଥିଲେ ଯେ ମୁଁ...କବାଟ ପାଖରେ ମୁଁ ଛିଡା ହୋଇଛି ବୋଲି ଭୁଲି ଯାଇଥିଲେ । ଏବଂ ସେ କହିଲେ, "ଓଃ, ମୋତେ କ୍ଷମା କରନ୍ତୁ । ଆପଣ ସେଠାରେ ଛିଡା ହୋଇଛନ୍ତି ବୋଲି ମୁଁ ଭୁଲି ଯାଇଥିଲି ।" ଏବଂ ସେ ରେଡିଓରେ ଥିବା ସେହି ବ୍ୟକ୍ତିଙ୍କୁ ଏକ ଶୂନ୍ୟ ଚୁମ୍ବନ, ଅବା ଏହା ଯାହା କିଛି ବି ଥିଲା ଦେଇଥିଲେ, ଏବଂ କହିଲେ, "ମୁଁ ଗ୍ରୀନବ୍ରିୟର୍ ପ୍ୟାଚ୍‌ରେ ଆପଣଙ୍କୁ ଭେଟିବି," ଅବା ଏହା ଯାହା ବି ଥିଲା । ସେଦିନ ରାତିରେ ସେମାନଙ୍କର ଏକ ପ୍ରକାର ନୃତ୍ୟ ହେବାକୁ ଯାଉଥିଲା ।

ଏବଂ ମୁଁ ଡାଃ. ବ୍ରାଉନ୍‌ଙ୍କୁ କହିଲି, ଯିଏକି ମୋର ଜଣେ ବନ୍ଧୁ ଅଟନ୍ତି ।

123 ସେ କହିଲେ, "ବିଲି, ଆପଣଙ୍କର ମଣ୍ଡଳୀ ସେଠାରେ ଉପରେ କିପରି ଭାବରେ ଆଚରଣ କରୁଅଛନ୍ତି?"

କହିଲି, "ଉତ୍ତମ ଭାବରେ ।" ମୁଁ କହିଲି, "ଆମେ ସେମାନଙ୍କୁ ବଟିକା ଦେଉଅଛୁ ।"

ସେ କହିଲେ, "କି ପ୍ରକାର ବଟିକା?"

124 ମୁଁ କହିଲି, "ସୁସମାଚାର ବଟିକା । ତାହା ନିଶ୍ଚିତ ଭାବରେ ସେମାନଙ୍କୁ ସବୁବେଳେ ଆସିବାକୁ ପ୍ରବର୍ତ୍ତାଇଥାଏ ।" ବୁଝିଲେ?

125 ଏବଂ ସେ ମୋତେ ତାହା ବିଷୟରେ, ସେହି ପ୍ରତିଶ୍ରୁତିଗୁଡ଼ିକୁ ହସ୍ତାକ୍ଷର କରିବା ବିଷୟରେ କହିଥିଲେ । ଏବଂ ମୁଁ କହିଲି, "ଡାଃ. ବ୍ରାଉନ୍, କଅଣ ଆପଣ ଭାବୁଛନ୍ତି ଯେ ସେହି ରେଡିଓରେ ଥିବା ସେହି ୱାଇଲ୍ଡକେଟ୍ ପରିଚାଳକକୁ ସେହି ଝିଅକୁ ସେହି ରାତିରେ ସେଠାରେ ରହିବ ବୋଲି ଏକ ପ୍ରତିଶ୍ରୁତି ହସ୍ତାକ୍ଷର କରିବାକୁ ପଡୁଥିବ କି? ଆଦୌ ନୁହଁ । ସେ ତ ସେଠାକୁ ଯିବା

ପାଇଁ, ଯାହା ଅଳ୍ପ ସ୍ୱଳ୍ପ ପୋଷାକ ଥିବ ତାହା ପିନ୍ଧି ପକାଇବ।" କାହିଁକି? ଏହା ତ ତାଙ୍କ ଭିତରେ ଏପରି କିଛି ବିଷୟ ଅଟେ, ଏକ ଆତ୍ମା, ଯାହାକି ତାଙ୍କୁ ସେହି ସାଂସାରିକ ମନୋରଞ୍ଜନ ସହିତ ସଂଯୁକ୍ତ କରିଥାଏ।

126 ଏବଂ ଯେପର୍ଯ୍ୟନ୍ତ ଜୀବନ୍ତ ପରମେଶ୍ୱରଙ୍କ ସେହି ମଣ୍ଡଳୀ, ଯାହାକୁ ଖ୍ରୀଷ୍ଟଙ୍କ କନ୍ୟା ବୋଲି କୁହାଯାଏ, ନିଜକୁ ପରମେଶ୍ୱରଙ୍କ ସହିତ ସେପରି ଭାବରେ ସଂଯୁକ୍ତ ନ କରିପକାଏ, ସେପର୍ଯ୍ୟନ୍ତ ସେ ଏହି ଜଗତରେ, ପାପର ଏହି ପଙ୍କ କାଦୁଅ ମାଟିରେ ଘୁରି ବୁଲୁଥିବ, ଯେପର୍ଯ୍ୟନ୍ତକି ସେ ପରମେଶ୍ୱରଙ୍କ ସହିତ ଏପରି ଭାବରେ ସଂଯୁକ୍ତ ନ ହୋଇଯାଏ, ଯେପର୍ଯ୍ୟନ୍ତକି ତାର ହୃଦୟ ପରମେଶ୍ୱରଙ୍କ ମହିମା ଏବଂ ଶକ୍ତିରେ ପରିପୂର୍ଣ୍ଣ ନ ହୋଇଯାଏ, ଯେପର୍ଯ୍ୟନ୍ତକି ସେ ଖ୍ରୀଷ୍ଟଙ୍କ ବ୍ୟତୀତ ଅନ୍ୟ କିଛି ଦେଖି ନ ପାରେ। ତାହା ଠିକ୍।

127 ତାହାହିଁ ଅଟେ ଯାହାକି ଆମକୁ କରିବାକୁ ହେବ। ତାହାହିଁ ହେଉଛି ଏକମାତ୍ର ଯୋଜନା, ଏକମାତ୍ର କାର୍ଯ୍ୟକ୍ରମ ଯାହାକି ପରମେଶ୍ୱରଙ୍କ ପାଖରେ ରହିଛି, ଯେ ସେହିପରି ଏକ କାର୍ଯ୍ୟକୁ କରିବା। ଆପଣଙ୍କୁ ଯେପରି କୃତ୍ରିମ ଭାବରେ ଗ୍ରହଣ ନ କରାଯାଏ ତାହା ପ୍ରତି ସଚେତନ ରହିବାକୁ ଅଛି। ଆପଣଙ୍କୁ ତ ଜନ୍ମ ହେବାକୁ ଅଛି, ଦୋହଲାଯିବାକୁ ନୁହେଁ, କିମ୍ବା ମଣ୍ଡଳୀକୁ ଏକ ଚିଠି ନେଇ ଆସିବାକୁ ନୁହେଁ। ମାତ୍ର ପୁନଃଉତ୍ପାଦନ ଦ୍ୱାରା, ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନର ଶକ୍ତି ଦ୍ୱାରା, ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀରେ ଜନ୍ମ ହେବାକୁ ଅଛି, ଯାହାକି ଆପଣଙ୍କୁ ତାହାଙ୍କଠାରେ ଏକ ନୂତନ ଜୀବ କରି ପ୍ରସ୍ତୁତ କରେ। ଆମେନ୍। ତାହା ଏହାକୁ ସଳଖ କରିଦିଏ। ତାହାହିଁ ଏହାକୁ କରେ। ନିଶ୍ଚିତରେ। ଠିକ୍ ଅଛି।

128 ସେହି ଝିଅର ମୁଣ୍ଡ ଖରାପ ହୋଇଯାଏ। ସେ ନିଜର ପ୍ରେମକୁ ଅନ୍ୟମାନଙ୍କ ସହିତ ବାଣ୍ଟିବାକୁ ଆରମ୍ଭ କରେ, ସାଂସାରିକ ବିଷୟମାନ, ସାଂସାରିକ ମନୋରଞ୍ଜନ, ଏପରି ସ୍ଥାନଗୁଡିକୁ ଯାଇଥାଏ ଯେଉଁଠାକୁ ଯିବା ଉଚିତ୍ ନୁହେଁ, ଏପରି କଥାଗୁଡିକୁ କୁହେ ଯାହା ସେ କହିବା ଉଚିତ୍ ନୁହେଁ।

129 ଏଠାରେ ଥରେ ମୁଁ...ସେମାନଙ୍କର ଏକ ମହିଳାମାନଙ୍କର...ଉପର ମହଲାରେ ଏକ ପ୍ରକାର ମାଣ୍ଡଳୀକ ଆମୋଦଜନକ ପ୍ରୀତିଭୋଜ ଚାଲିଥିଲା। ମୋର ଏହି ଘରର ଭୂମିଷ୍ଠ କୋଠରୀରେ କିଛି ଗୋଟାଏ କାର୍ଯ୍ୟ କରିବାର ବିଷୟ ରହିଥିଲା। ଏବଂ ମୁଁ ଆପଣମାନଙ୍କୁ କହୁଅଛି, ଯେତେବେଳେ ମୁଁ ଜଣେ ପାପୀ ଥିଲି ସେତେବେଳେ ମୁଁ କେତେକ ଭୟଙ୍କର କଥା ଶୁଣିଥିଲି, ମାତ୍ର, ସେହି ମହିଳାମାନଙ୍କର ସଭାରେ, ମୁଁ ମୋ ସମଗ୍ର ଜୀବନରେ କେବେ ବି ସେତିକି ମନ୍ଦ ଥଟ୍ଟା ପରିହାସର ବିଷୟ ଶୁଣି ନ ଥିଲି। କଅଣ ଆପଣ କଳ୍ପନା କରିପାରିବେ କି, ଜଣେ ବ୍ୟକ୍ତି ଯିଏକି ଜଣେ ଖ୍ରୀଷ୍ଟିଆନ ବୋଲାଇଥାଏ, ନିଜ ଭିତରୁ ଏହିପରି ଅପରିଷ୍କାର ବିଷୟ ପ୍ରବାହିତ ହେବାକୁ ଦେବେ କି?

130 ଆପଣ ସେହି ସମାନ କୂଅରୁ ସୁମଧୁର ଏବଂ ଭଲ ଜଳ ପାଇପାରନ୍ତି ନାହିଁ। ଆପଣ କୂଅରେ ଏକ ବାଲ୍ଟି ପକାନ୍ତି, ଏବଂ ଏହା ଛୋଟ ଛୋଟ ପୋକ-ଗୁଡିକରେ ପରିପୂର୍ଣ୍ଣ ହୋଇ

ବାହାରି ଆସେ, ଆମେ ସେଗୁଡିକୁ ଡାକିଥାଉ । ଯେତେବେଳେ ଆପଣ ବାଲ୍‌ଟିକୁ ପୁଣିଥରେ ତଳେ ପକାଇବେ, ଏହା ସେହି ସମାନ ବିଷୟକୁ ଆଣିବ । ସେହି କୂଅଟି ଏକ ଉତ୍ତମ ଭାବରେ ପରିଷ୍କାର କରାଯିବାକୁ, ଏବଂ ଭଲ ପାଣିରେ ଭରାଯିବାକୁ ଆବଶ୍ୟକ କରେ ।

131 ତାହାହିଁ ଆଜି ମଣ୍ଡଳୀ ସହିତରେ ସେହି ମାମଲା ଅଟେ, ବିଶ୍ୱ ସ୍ତରରେ କହିବାକୁ ଗଲେ, ଯେ ସେ ଏକ ଉତ୍ତମ ଭାବରେ ପରିଷ୍କାର କରାଯିବାକୁ ଆବଶ୍ୟକ କରେ, ଏବଂ ସ୍ୱର୍ଗରୁ ଆଗତ ପରମେଶ୍ୱରଙ୍କ ପବିତ୍ର ଜଳରେ ଭରାଯିବାକୁ ଆବଶ୍ୟକ କରେ । ତାହାର ହୃଦୟ ସେହି ସବୁ ବିଷୟରେ ପରିପୂର୍ଣ୍ଣ ଏକ ଗାଡିଆ ହୋଇଯାଇଛି ଯେଉଁ ସବୁ ବିଷୟ ସେଠି ଆସିଥାଏ । ତାହାର ସବୁପ୍ରକାର ପ୍ରେମୀ ରହିଥାଆନ୍ତି । ବାଇବଲ କୁହେ ଯେ ତାହାର ରହିବ । "ପରମେଶ୍ୱରପ୍ରିୟ ନ ହୋଇ ବିଳାସପ୍ରିୟ ହେବେ, ଅମିଳନପ୍ରିୟ, ଅପବାଦକ, ଅଜିତେନ୍ଦ୍ରିୟ, ଏବଂ ଉତ୍ତମ ବିଷୟର ଘୃଣାକାରୀ ହେବେ ।"

132 ଜଣେ ସ୍ତ୍ରୀଲୋକଙ୍କୁ ଦେଖନ୍ତୁ ଯିଏକି ସଠିକ୍ ଭାବେ ଜୀବନ ଯାପନ କରିବାକୁ ଚେଷ୍ଟା କରେ, ଜଣେ ପୁରୁଷ ଯିଏକି ସଠିକ୍ ଭାବେ ଜୀବନ ଯାପନ କରିବାକୁ ଚେଷ୍ଟା କରନ୍ତି, ସେ ଏକ "ପବିତ୍ର-ପାଖଣ୍ଡ" ହୋଇଯାଆନ୍ତି, ସେ ଏକ "ପାଗଳ," କିମ୍ବା କୌଣସି ପୁରୁଣା-କାଳିଆ ହୋଇଯାଆନ୍ତି । ସେ ଜଣେ ବହିଷ୍କୃତ ହୋଇଯାଏ । ସେ ଏହି ଜଗତର ଲୋକମାନଙ୍କ ଦ୍ୱାରା ଘୃଣିତ ଓ ଅସ୍ୱୀକୃତ ହୋଇଯାଏ । ତାହା ଠିକ୍ ।

133 ମାତ୍ର କଅଣ ଆପଣ କେବେ ଧ୍ୟାନ ଦେଇଛନ୍ତି ଯେ ସେହି ପ୍ରକୃତ ମଣ୍ଡଳୀକୁ କଅଣ କରିବା ଉଚିତ୍? ପୁରାତନ ନିୟମରେ, ଯେତେବେଳେ ସେମାନଙ୍କର ସେହି—ସେହି ବଳିଦାନ ହେଉଥିଲା, ସେମାନେ ଗୋଟିଏ ପକ୍ଷୀକୁ ମାରି, ତାର ରକ୍ତକୁ ଅନ୍ୟ ପକ୍ଷୀ ଉପରେ ଛିଞ୍ଚି ଦେଉଥିଲେ, ସେହି ମୃତ ସାଥୀର; ଏବଂ ଏହି ଜୀବିତ ପକ୍ଷୀଟି ପୃଥିବୀର ଚାରିଆଡ଼େ ଉଡ଼ି, ସେହି ମୃତ ସାଥୀର ରକ୍ତକୁ ବିସ୍ତାର କରୁଥିଲା । ଯେତେବେଳେ ସେହି ମଣ୍ଡଳୀ ଯୀଶୁ ଖ୍ରୀଷ୍ଟଙ୍କର ପ୍ରକୃତ କନ୍ୟା ହୋଇଯାଏ, ସେତେବେଳେ ସେ ନିଜ ସହିତ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତକୁ ବହନ କରିବ, ଏହାକୁ ଭୂମି ଉପରେ ଛିଞ୍ଚଣ କରି, ଡାକିବ, "ପବିତ୍ର, ପବିତ୍ର, ପବିତ୍ର, ପ୍ରଭୁଙ୍କର ହେଉ ।" ତାର ପରିବେଶଟି, ତାର ପ୍ରତ୍ୟେକଟି ଅଂଶ ପରମେଶ୍ୱରଙ୍କର ହେବ । ତାର ସମ୍ପୂର୍ଣ୍ଣ ଗଠନଟି ପରମେଶ୍ୱରଙ୍କର ହେବ । ଆପଣ ଆଉ ଅନ୍ୟ କିଛି ଆଶା କରିପାରନ୍ତି ନାହିଁ ।

134 ସେଥିପାଇଁ ମଧ୍ୟ, ଲୋକମାନେ ମଣ୍ଡଳୀକୁ ଆସନ୍ତି । ତାଶ ଖେଳିବା ଏବଂ ପୋକର କ୍ରୀଡା ଖେଳିବା, ଭୂମିଷ୍ଠ କୋଠରୀରେ ନାଚିବା, ସୁପ୍ ଭୋଜି କରିବା ଏବଂ ସେହିପରି ବିଷୟ କରିବା ନୁହେଁ । ତାହା ତ ଜଗତ ପାଇଁ ଅଟେ । ଏବଂ ଆମେମାନେ କଦାପି ସେମାନଙ୍କ ସହିତ ତୁଳନା କରିବାକୁ ସମର୍ଥ ହେବା ନାହିଁ, ଏବଂ ଏହା କରିବା ପାଇଁ ଚେଷ୍ଟା କରିବାକୁ ସୁଦ୍ଧା ଆମକୁ ଲାଜ ଲାଗିବା କଥା । ଆମେମାନଙ୍କୁ ତ ପବିତ୍ରଆତ୍ମାଙ୍କ ପ୍ରଚାର, ଖ୍ରୀଷ୍ଟଙ୍କ ଶକ୍ତି, ଏବଂ ପୁନରୁତ୍ଥାନରେ କରିବା ଉଚିତ୍ । ଆମ ପାଖରେ ଏପରି କିଛି ବିଷୟ ଅଛି ଯାହା ସେମାନଙ୍କ ପାଖରେ ନାହିଁ । ଆସନ୍ତୁ ଆମେମାନେ ଏହାକୁ ଜୀବନରେ ବଞ୍ଚିବା, ସେମାନଙ୍କୁ ଅନୁସରଣ

କରି ନକଲ କରିବାକୁ ଚେଷ୍ଟା କରିବା ନାହିଁ । ଆମେ ଯାହା ଠିକ ବୋଲି ଜାଣିଛୁ ତଦନୁସାରେ ଜୀବନଯାପନ କରୁ । ଖ୍ରୀଷ୍ଟଙ୍କଠାରେ ବଞ୍ଚି ରହୁ । ଯୀଶୁ କହିଲେ, "ଯଦି ମୁଁ ଉପରକୁ ଉଠାଇ ନିଆଯାଏ, ତାହାହେଲେ ମୁଁ ସମସ୍ତ ମନୁଷ୍ୟକୁ ମୋ ନିକଟକୁ ଆକର୍ଷିତ କରିବି । ତୁମେ ପୃଥିବୀର ଲବଣ ଅଟ । ମାତ୍ର ଯଦି ଲବଣ ତାହାର ସ୍ୱାଦକୁ ହରାଏ, ତେବେ ଏହା ନିକ୍ଷେପ ଫିଙ୍ଗା ଯାଇ ମନୁଷ୍ୟମାନଙ୍କର ପଦଦଳିତ ହେବା ଛଡା ଆଉ କୌଣସି ବିଷୟ ନିମନ୍ତେ ଉପକାରୀ ନୁହେଁ ।" ଆମର ସାକ୍ଷ୍ୟଗୁଡିକ!

135 ଆଶ୍ଚର୍ଯ୍ୟର ବିଷୟ ନୁହେଁ, ଏପରିକି ଆମର ପେଣ୍ଟିକଷ୍ଟାଲ୍ ଗୋଷ୍ଠୀମାନେ ମଧ୍ୟ, ସେତିକି ମନ୍ଦ ଅଟେ ଯେତିକି ମୁଁ ଏହାକୁ କହିବାକୁ ଘୃଣା କରେ, ଆମର ପେଣ୍ଟିକଷ୍ଟାଲ୍ ଗୋଷ୍ଠୀଗୁଡ଼ିକ ଠିକ ସେହି ସମାନ ବିଷୟ ମଧ୍ୟକୁ, ଠିକ ସେହି ସମାନ ଧାରା ମଧ୍ୟକୁ ପତିତ ହେଉଛନ୍ତି । ଏବଂ ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଲୋକମାନେ କହୁଛନ୍ତି ଯେ ସେମାନଙ୍କ ପାଖରେ ତାହା ନାହିଁ ଯାହା ସେମାନେ ପାଇଛନ୍ତି ବୋଲି କହିଥାନ୍ତି । ପେଣ୍ଟିକଷ୍ଟାଲ୍ ଆନ୍ଦୋଳନର ଏହି ମଣ୍ଡଳୀଟି ସର୍ବଶକ୍ତିମାନ ପରମେଶ୍ୱରଙ୍କ ଶକ୍ତିରେ ଏତେ ଅଧିକ ଜଡିତ ହୋଇଥିବା ଉଚିତ୍, ଏପରିକି ଯୀଶୁ ଖ୍ରୀଷ୍ଟଙ୍କର ଠିକ ସେହି ସମାନ ଜୀବନଟି ଏଥିରେ ପ୍ରତିଫଳିତ ହେବ ।

136 ମାତ୍ର ଆମେ ଜଗତ ଅନୁସାରେ ନମୁନା ହେବାକୁ ଚାହିଁଥାଉ । "ଆମେମାନେ ଏହାକୁ, ଯେକୌଣସି ଉପାୟରେ ବି କରିବାକୁ ଯାଉଅଛୁ ।" ବୁଝିଲେ? "ଆମେ ତ ଏହା ବିଷୟରେ ନିଜର ମାର୍ଗ ଗ୍ରହଣ କରିବାକୁ ଚାହୁଁଅଛୁ ।" ମାତ୍ର ଆମେ ଏହା କରିବା ଉଚିତ୍ ନୁହେଁ । ଏହା କରିବା ଭୁଲ୍ ଅଟେ । ମଣ୍ଡଳୀଗୁଡ଼ିକ ଠିକ ସେହି ସ୍ତ୍ରୀଲୋକ ପରି ଅଟନ୍ତି, ମୁଣ୍ଡ ଖରାପ ହୋଇଯାଇଛି ।

137 ପ୍ରଥମ ବିଷୟ ଆପଣମାନେ ଜାଣନ୍ତି, ଆରମ୍ଭରେ ପ୍ରାୟଃ ଚାଳିଶ କିମ୍ବା ପଚାଶ ବର୍ଷ ପୂର୍ବେ, ଯେତେବେଳେ ପରମେଶ୍ୱର ଏହି ପେଣ୍ଟିକଷ୍ଟାଲ୍ ମଣ୍ଡଳୀକୁ ଜନ୍ମ ଦେଇଥିଲେ, ସେ ସବୁକିଛି ଠିକ୍ ରହିଥିଲା । ସେ ପବିତ୍ର ଜୀବନ ଯାପନ କରୁଥିଲା । ସେ ପବିତ୍ର ଥିଲା । ପରମେଶ୍ୱରଙ୍କ ଶକ୍ତି ତାହା ସହିତରେ ଥିଲା । ମାତ୍ର ଯେପରି ଆମେମାନେ ଆଗକୁ ବଢିଲୁ, ଆମେ ଜଗତ ଅନୁସାରେ ଆଚରଣ କରିବାକୁ ଆରମ୍ଭ କରିଦେଲୁ ।

138 ପ୍ରଥମ ବିଷୟ ଆପଣ ଜାଣିଛନ୍ତି, ଆମ ପାଖରେ ଏକ ଭବନ ରହିବାକୁ ଅଛି ଯାହାକି ଏତେ ବଡ ହେବା କଥା ଯେ ଏହା ଅନ୍ୟ କୋଣରେ ଥିବା ମେଥୋଡିଷ୍ଟକୁ ଅତିକ୍ରମ କରି ପକାଇବ । ଆମ ପାଖରେ ଏପରି କିଛି ଗୋଟାଏ ଏତେ ବଡ ରହିବାକୁ ଅଛି, ସବୁଠାରୁ ବଡ ବିଷୟ, ଏବଂ ସବୁଠୁ ବଡ ବିଷୟ, ଏବଂ ସବୁଠୁ ବଡ ବିଷୟ ରହିବାକୁ ଅଛି । ଏହା ଏକ ଲଜ୍ଜାଜନକ ବିଷୟ ଅଟେ । ଆମମାନଙ୍କ ମଧ୍ୟରୁ ଅନେକେ ନିଜକୁ ଗର୍ବିତ ଅନୁଭବ କରିଥାଉ ଯେତେବେଳେ ଆମେମାନେ ପାଇଥାଉ,...ସେହି ପେଣ୍ଟିକଷ୍ଟାଲ ଭାଇ ସେଠାରେ ତଳେ କାହାରିକୁ ଦେଖିଥାନ୍ତି, ସେହି ଛୋଟ ମିଶନ, କିମ୍ବା ଅତି କ୍ଷୁଦ୍ର ମଣ୍ଡଳୀକୁ, ଏବଂ ସେମାନେ ଏକ ବଡ ମଣ୍ଡଳୀକୁ ଯାଆନ୍ତି । "ଆମେମାନେ ସେହି ପ୍ରଥମ ମଣ୍ଡଳୀ, ଅବା ସେହି ବଡ ମଣ୍ଡଳୀରେ

ସମ୍ପୃକ୍ତ ଅଟୁ,” କିଅବା ସେହିପରି କିଛି ଗୋଟାଏ; ସେମାନଙ୍କୁ ନୀଚ ଦୃଷ୍ଟିରେ ଦେଖିଥାନ୍ତି ।

139 ଆପଣଙ୍କୁ ଯାହା ପ୍ରୟୋଜନ ତାହା ହେଉଛି ପବିତ୍ରଆତ୍ମା, ଯେପରିକି ଆପଣଙ୍କଠାରୁ ଅଳ୍ପ ଟିକେ ବାୟୁ ବାହାର କରି ଦିଆଯାଏ, ତାହା ଠିକ୍, ଆପଣଙ୍କୁ ଏହା ଜଣାଇ ଦିଆଯାଏ ଯେ ପବିତ୍ରଆତ୍ମାଙ୍କର ପ୍ରକୃତ ସତ୍ୟ ବାପ୍ତିସ୍ମ ଏକ ଟକ୍ସେଡୋ ସୁଟ୍ ପିନ୍ଧିଥିବା ଜଣେ ବ୍ୟକ୍ତିଙ୍କୁ ଏକ ସାଧାରଣ ଅଙ୍ଗରଖା କୋଟ ପିନ୍ଧିଥିବା ଜଣେ ବ୍ୟକ୍ତିଙ୍କୁ ଉପରେ ବାହୁକୁ ଦେଇ, “ଭାଇ” କହିବାକୁ ବଳାଇବ । ଠିକ୍ । ପ୍ରକୃତ ପୁରୁଣା-କାଳିଆ ପରିତ୍ରାଣ, ସର୍ବଶକ୍ତିମାନ ପରମେଶ୍ୱରଙ୍କ ଶକ୍ତି, ହଁ, ମହାଶୟ, ଏକ ପୁରୁଣା ରେଶମ ପୋଷାକ ପିନ୍ଧିଥିବା ଜଣେ ବ୍ୟକ୍ତିଙ୍କୁ ଏକ କାଲିକୋ କପାସର ବସ୍ତ୍ର ପିନ୍ଧିଥିବା ଜଣକାର ଚାରିଆଡ଼େ ନିଜର ବାହୁକୁ ଦେଇ, ଏହା କହିବାକୁ ବଳାଇବ, “ଭଉଣୀ, ମୁଁ ଆପଣଙ୍କୁ ପ୍ରେମ କରେ ।” ନିଶ୍ଚିତରେ କରିବ ।

140 ମାତ୍ର ଆମେ ତ ଜଗତ ସହିତରେ ବାହାରି ଯିବାକୁ ଆରମ୍ଭ କରିଥାଉ, ଜୁଆର ସହିତ ଭାସିବାକୁ ଆରମ୍ଭ କରିଥାଉ । ଆମ ମଣ୍ଡଳୀରେ ତାହା ରହିଛି । ଆମମାନଙ୍କୁ ଆଉ ଅଧିକ ମେଥୋଡିଷ୍ଟ ଏବଂ ବାଟିପ୍ଷ୍ଟଙ୍କ ବିଷୟରେ କଥାବାର୍ତ୍ତା କରିବାର ଦରକାର ନାହିଁ । ଏହା ତ ଆମେମାନେ ନିଜେ ଅଟୁ । ଏହା ତ ଆମମାନଙ୍କର ନିଜର ସ୍ତରଗୁଡିକ ମଧ୍ୟରେ ଅଛି । ସେହି କାରଣ ଯୋଗୁଁ ପବିତ୍ରଆତ୍ମା ଗତାୟତ କରିପାରନ୍ତି ନାହିଁ । ସେଇଥି ପାଇଁ ମୁଁ କୁହେ ଯେ ପରମେଶ୍ୱର ଆଜି ରାତି କୌଣସି ବି ସଂସ୍ଥା ଉପରେ ନିଜର ମଞ୍ଜୁରୀକୁ ଦେଇପାରନ୍ତି ନାହିଁ । କାରଣ, ବିଜାତୀୟମାନଙ୍କୁ ଏକ ରାଷ୍ଟ୍ର ଭାବରେ ବାହାର କରାଯାଇ ନ ଥିଲା । ସେମାନେ ତ ତାହାଙ୍କର ନାମ ସକାଶେ, ବିଜାତୀୟମାନଙ୍କ ମଧ୍ୟରୁ ଏକ ଲୋକ ଥିଲେ । ପରମେଶ୍ୱର ବ୍ୟକ୍ତିଗତ ଲୋକମାନଙ୍କୁ ଗ୍ରହଣ କରିବେ ।

141 ତେବେ, ମୁଁ ଭାବେ ଯେ ଆମର ସଂସ୍ଥାଗୁଡିକ ଏକ ଭଲ କାମ କରିଛନ୍ତି । ତାହା ଠିକ୍ ଅଟେ । ମାତ୍ର ଆପଣ ତାହା ଉପରେ ନିର୍ଭର କରିପାରନ୍ତି ନାହିଁ, ଏହା କହି, “ମୁଁ ପେଣ୍ଟିକଷ୍ଟାଲ୍ ଅଟେ, କାରଣ ମୁଁ ଏକ ପେଣ୍ଟିକଷ୍ଟାଲ୍ ସଂଗଠନରେ ସମ୍ପୃକ୍ତ ଅଟେ ।” ଆପଣ ସେତେବେଳେ ପେଣ୍ଟିକଷ୍ଟାଲ୍ ଅଟନ୍ତି ଯେତେବେଳେ ଆପଣ ଏକ ପେଣ୍ଟିକଷ୍ଟାଲ୍ ଅନୁଭୁତି ପ୍ରାପ୍ତ କରନ୍ତି । ମୋର ସେଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କ୍ୟାଥୋଲିକ୍ ମଣ୍ଡଳୀରେ ସମ୍ପୃକ୍ତ ଅଟନ୍ତି, ଆପଣ ତ ପେଣ୍ଟିକଷ୍ଟାଲ୍ ଅଟନ୍ତି । ଆପଣ ପେଣ୍ଟିକଷ୍ଟକୁ ସଂଗଠିତ କରିପାରନ୍ତି ନାହିଁ । ପେଣ୍ଟିକଷ୍ଟ ତ ଏକ ଅନୁଭୁତି ଅଟେ, କୌଣସି ଏକ ସଂସ୍ଥା ନୁହେଁ । ଏବଂ ତାହା ଠିକ୍ ଅଟେ ।

142 ମାତ୍ର ଆମେ ପେଣ୍ଟିକଷ୍ଟାଲ୍ ଲୋକମାନେ ଏହା ଭାବିବାକୁ ଆରମ୍ଭ କରି ଦେଇଛୁ, ଯେହେତୁ ଆମର ପେଣ୍ଟିକଷ୍ଟ ନାମ ଅଛି, ଆମେମାନେ ଆଗକୁ ଯାଇ ଜଗତରେ ଜୀବନଯାପନ କରିପାରୁ, ଆମର ଯାହା ଇଚ୍ଛା ତାହା କରିପାରୁ । ଆମେ ତ ନିମ୍ରୋଦର ଗଡ଼ ଉପରକୁ ଚଢିବା ପରି ଅଟୁ; ଏହା ପାଉଁଶ ହୋଇଯିବ । ଯେପରିକି ଆଦମଙ୍କ ଡିମ୍ବିରି-ପତ୍ରର ଅଙ୍ଗରଖା ଥିଲା; ସେ ତ ଫେରିଯିବ । ଯେପରିକି ଫ୍ରାନ୍ସର ସିଗଫ୍ରିଡ୍ ରେଖା, ଜର୍ମାନୀରେ ମ୍ୟାଗିନୋଟ ରେଖା; ତାହା ଧୂଳିରେ ମିଶିଗଲା ।

143 କାରଣ, ସେଠାରେ ଅନ୍ୟ କୌଣସି ଗଡ଼ ନାହିଁ, ଅନ୍ୟ କୌଣସି ଭିତ୍ତିମୂଳ ନାହିଁ। "ମାତ୍ର ସଦାପ୍ରଭୁଙ୍କ ନାମ ଏକ ଶକ୍ତିଶାଳୀ ଦୁର୍ଗ ଅଟେ ଯେଉଁଥିରେ ଧାର୍ମିକମାନେ ଦୌଡ଼ି ଯାଇ ସୁରକ୍ଷିତ ରୁହନ୍ତି।" ଯେତେବେଳେ ଆପଣ ଏଥି ଭିତରକୁ ଦୌଡ଼ି ଯାଆନ୍ତି, ଆପଣ ସେହି ନାମକୁ ଧାରଣ କରନ୍ତି, ସେହି ନାମକୁ; କେବଳ ଏକ ନାମକୁ ଡାକିବା ନୁହେଁ, ମାତ୍ର ସେହି ନାମକୁ ଏବଂ ଆପଣ ଯେଉଁ ବ୍ୟକ୍ତି ଅଟନ୍ତି ତାହାକୁ, ଖ୍ରୀଷ୍ଟଙ୍କ-ପରି ସେହି ଜୀବନରେ। ଆମେନ୍। ସେ ଅଦ୍ଭୁତ ଅଟନ୍ତି। ହଁ।

144 ମଣ୍ଡଳୀ ମଧ୍ୟ ସେହି ସମାନ କାର୍ଯ୍ୟ କରିଅଛି, ଆତ୍ମିକ ବ୍ୟଭିଚାର କରିଅଛି, ଏପରି ଜଣେ ସ୍ତ୍ରୀଲୋକ ପରି ଯିଏକି ତାର ପ୍ରେମକୁ ନିଜ ସ୍ୱାମୀଠାରୁ ନେଇ ଅନ୍ୟ ପୁରୁଷ ସହିତ ବାଣ୍ଟିବ। ସେହି ସ୍ତ୍ରୀଲୋକଟି ଜୀବିତ ରହିବା ନିମନ୍ତେ ଯୋଗ୍ୟ ନୁହେଁ। ଆପଣ ତାହା ଜାଣନ୍ତି। ଏବଂ ଯେତେବେଳେ ମଣ୍ଡଳୀ ନିଜର ସହଭାଗିତାକୁ ଜଗତ ସହିତ ବାଣ୍ଟିବାକୁ ଆରମ୍ଭ କରେ, ପରମେଶ୍ୱର ଏକ ଉଦ୍‌ଯୋଗୀ ପରମେଶ୍ୱର ଅଟନ୍ତି। ଠିକ ସେହି କାରଣରୁ ତ ସେ ଇସ୍ରାଏଲକୁ ତ୍ୟାଗ କରିଥିଲେ, ଏବଂ ତାହାଙ୍କ ପୁତ୍ର ମଧ୍ୟ ସେହି ସମାନ ବିଷୟକୁ ତ୍ୟାଗ କରିବେ।

145 ସେ ତ ଏପରି ଏକ କନ୍ୟା ପାଇବାକୁ ଯାଉଛନ୍ତି ଯାହାଙ୍କଠାରେ କୌଣସି କୁଞ୍ଚନ ନାହିଁ। ଆମେନ୍। ସେହି କନ୍ୟା ସମ୍ପୂର୍ଣ୍ଣ ଭାବରେ ତାହାଙ୍କର ନିଜ ରକ୍ତ ଦ୍ୱାରା ଧୌତ ହୋଇଥିବ। ତାହା ଠିକ୍ ଅଟେ। ତେଣୁକରି ଆମେମାନେ ଦେଖୁ ଯେ ଆମେ କେଉଁଠାରେ ଛିଡା ହୋଇଅଛୁ, ସେହି ବିବାହଟି ଉପସ୍ଥିତ ହେବା ନିମନ୍ତେ ପ୍ରସ୍ତୁତ ହେଉଅଛି।

146 ତେବେ, ଆମେମାନେ ପାଉ ଯେ ସେ ଆତ୍ମିକ ବ୍ୟଭିଚାର କରେ, ଜଗତ ସହିତ ବାହାରିଯାଏ, ଗୋଟାଏ ବିଷୟକୁ ଅଙ୍ଗୀକାର କରେ, ଏବଂ ଅନ୍ୟ କିଛି ଗୋଟାଏ ଜୀବନ ଯାପନ କରେ। ତାହା କଦାପି କାମ କରିବ ନାହିଁ। ମଣ୍ଡଳୀକୁ ଯାହା କରିବା ଉଚିତ୍, ତାହା ହେଉଛି ଏଷ୍ଟରଙ୍କ ପରି କରିବା। ଏଷ୍ଟର ଏହି ଜଗତର ଶୋଭାରେ ସୁସଜ୍ଜିତ ହେବାକୁ ମନା କରି ଦେଇଥିଲେ।

147 ଆମେମାନେ ଏଷ୍ଟରଙ୍କର ସେହି ଛୋଟ ପୁସ୍ତକକୁ ଜାଣୁ, କିପରି ମର୍ଦ୍ଦଖୟ...ତାଙ୍କ ପିତୃବ୍ୟଙ୍କର ଏକ କନ୍ୟା ଥିଲା। ଏବଂ ତାହା ସେଠାରେ ମାଦୀୟ ଓ ପାରସ୍ୟର ଶାସନ କାଳରେ ହୋଇଥିଲା। ଏହା ସେଠାରେ ଏକ ବହୁତ ସୁନ୍ଦର ପ୍ରତିଚିତ୍ରଣ ଅଟେ। ସେହି ରାଜା, ସେହିଦିନର ଜଗତରେ ରହିଥିବା ସବୁଠାରୁ ମହାନ ରାଜାମାନଙ୍କ ମଧ୍ୟରୁ ଅନ୍ୟତମ, ସେ ଏକ ବଡ଼ ଭୋଜ ଆୟୋଜନ କରିଥିଲେ। ଏବଂ ସେ ରାଣୀଙ୍କୁ ଆସି ତାଙ୍କ ପାଖରେ ବସିବା ପାଇଁ ଡାକରା ପଠାଇଲେ, ମାତ୍ର ସେହି ରାଣୀ ତାହା କଲେ ନାହିଁ। ସେ ଏହା କରିବାକୁ ମନା କରିଦେଲେ। ତେବେ ସେହି ରାଜା କଅଣ କଲେ? ସେ ଏତେ ଅପମାନିତ ଅନୁଭବ କଲେ, କଅଣ କରିବେ ଜାଣି ନ ଥିଲେ, ଯେ ତାଙ୍କର ନିଜର ପତ୍ନୀ ଆସିଲେ ନାହିଁ।

148 ମୁଁ ଭାବୁଛି ଯେ ତାହା ଆଜି ଅନେକ ମାତ୍ରାରେ ଖ୍ରୀଷ୍ଟଙ୍କ ପରି ଅଟେ। ଖ୍ରୀଷ୍ଟ ଆମକୁ ତାହାଙ୍କ ସହିତ ସ୍ୱର୍ଗୀୟ ସ୍ଥାନରେ ବସିବା ପାଇଁ ଆମନ୍ତ୍ରଣ କରିଛନ୍ତି, ଆଉ ଆମେ ଏଥିରେ ଲଜ୍ଜିତ ଅଟୁ।

ଅନେକ ଲୋକମାନେ ଏହା କହିବାକୁ ଲଜ୍ଜିତ ଅଟନ୍ତି ଯେ ସେମାନେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପାଇଅଛନ୍ତି । ପେଣ୍ଟିକଷ୍ଟାଲ୍ ଲୋକମାନେ, ତାହା ଠିକ୍, ସେମାନେ ଏହା କହିବାକୁ ଲଜ୍ଜିତ ଅଟନ୍ତି । ଆମେମାନେ ତାହାଙ୍କ ବିଷୟରେ ଲଜ୍ଜିତ ଅଟୁ ।

149 ଏବଂ ତେଣୁକରି ସେହି ରାଣୀ ଆସିଲେ ନାହିଁ । ସେ ଆସିବାକୁ ମନା କରିଦେଲେ । ଏହା ରାଜାଙ୍କୁ ଅପମାନିତ କଲା । ତାଙ୍କ ମୁହଁ ଲାଲ ପଡ଼ିଗଲା । ସମସ୍ତେ ଲକ୍ଷ୍ୟ କଲେ ।

150 ମୁଁ ଆଶ୍ଚର୍ଯ୍ୟ କରେ ଯଦି ଯୀଶୁଙ୍କ ଚେହେରା ମଧ୍ୟ, ଟିକେ ଲାଲ ହୋଇଯାଇ ନାହିଁ ତ, ଯେତେବେଳେ ସେ ଆମମାନଙ୍କୁ ଏକ କାମ ପାଇଁ ଡାକନ୍ତି, ପେଣ୍ଟିକଷ୍ଟାଲ୍ ଆନ୍ଦୋଳନକୁ ସହଭାଗୀତା ଏବଂ ଭାଇଚାରା ନିମନ୍ତେ ଆହ୍ୱାନ କରନ୍ତି, ଆଉ ଆମେମାନେ ଛୋଟ ଛୋଟ ଗୋଷ୍ଠୀରେ ଏତେ ଦୃଢ ଭାବରେ ସଂଗଠିତ ହୋଇ ଯାଇଥାଉ ଯେ ଏପରିକି ଆମେମାନେ ଅନ୍ୟ ଜଣକ ପାଇଁ ନତ ମଧ୍ୟ ହୋଇ ନ ଥାଉ । ଆମେମାନେ ଏତେ ଅଧିକ, ଅତ୍ୟଧିକ ସାଂସାରିକ ଏବଂ ସେହିପରି ବିଷୟଗୁଡିକ ହୋଇ ଯାଉଅଛୁ, ଯେ ଆମେମାନେ ପେଣ୍ଟିକଷ୍ଟର ନାମରେ ସୁଦ୍ଧା ଲଜ୍ଜିତ ହୋଇ ଯାଇଥାଉ । କେତେକେ ଲୋକ ତ ଏହା କହିବାକୁ ସୁଦ୍ଧା ଭୟ କରନ୍ତି । କୁହନ୍ତି, "ତେବେ, ମୁଁ—ମୁଁ ସମ୍ପୃକ୍ତ ଅଟେ…ମୁଁ ଜଣେ ଖ୍ରୀଷ୍ଟିଆନ ଅଟେ, ମାତ୍ର…" ମୁଁ ଖୁସି ଯେ ମୁଁ ଏକ ପେଣ୍ଟେଟିକଷ୍ଟାଲ୍ ଅନୁଭୁତି ପାଇଅଛି । ଆମେନ୍ । ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମକୁ ବହନ କରିବା ହେତୁ ଖୁସି ଅଟେ । ଏହା ତ ମୋ ପାଖରେ ଥିବା ସବୁଠାରୁ ଏକ ବଡ଼ ସୌଭାଗ୍ୟର ବିଷୟ ଅଟେ, ଯେ ମୁଁ ଏହା କହିପାରେ ଯେ ମୁଁ ତାହାଙ୍କର ଅଂଶ ଅଟେ ।

151 ତେବେ ଆମେମାନେ ଜାଣିବାକୁ ପାଉ, ତତ୍ପରେ, ସେ ତାଙ୍କର କେତେକ ପରାମର୍ଶଦାମାନଙ୍କୁ ଡାକିଲେ, ଏବଂ ପଚାରିଲେ ଯେ ସେ କଅଣ କରିବା ଉଚିତ । ଏବଂ ସେମାନେ କହିଲେ, "ଯଦି ଏହା ଏହିପରି ଭାବରେ ଚାଲିବ, ତାହାହେଲେ ଦେଶ ସାରା ଅବଶିଷ୍ଟ ସମସ୍ତ ସ୍ତ୍ରୀମାନେ ସେହି ପ୍ରଥମ ମହିଳାଙ୍କ ଉଦାହରଣକୁ ଗ୍ରହଣ କରିବେ ।"

152 ଅବଶ୍ୟ, ତାହାହିଁ ଅଟେ ଯାହାକି ଆଜି ରାତିରେ ଘଟୁଅଛି । ମୁଁ ଏହି ସ୍ତ୍ରୀଲୋକମାନଙ୍କ ମଧ୍ୟରୁ କେତେକଙ୍କୁ ଦେଖେ । ମୁଁ ଆଶା କରେ ଯେ ମୁଁ ଆପଣଙ୍କର ଭାବନାକୁ ଆଘାତ କରୁ ନାହିଁ, ତଥାପି ମୁଁ କରିଥାଏ, ମୁଁ ଆଶା କରେ ଯେ ମୁଁ କରେ । ଉ-ହୁଁ । ଠିକ୍ । ଏଠାରେ ଏହି ୱାଟର-ହେଡ୍ ଗୋଲାକାର କେଶ କର୍ତ୍ତନ ସହିତ, ଏହି ପ୍ରଥମ-ମହିଳା ହେବାକୁ ଚେଷ୍ଟା କରୁଛନ୍ତି । ମୁଁ ମୋର ସାରା ଜୀବନରେ ଏପରି ଜିନିଷ ଦେଖିନାହିଁ ।

153 ଅନ୍ୟ ଦିନ ସେଠାରେ ଜଣେ ସ୍ତ୍ରୀଲୋକ ଏକ ଷ୍ଟୋରକୁ ଆସିଥିଲେ ଯେଉଁଠାରେ ମୁଁ ମୋର ପତ୍ନୀଙ୍କ ପାଇଁ ଅପେକ୍ଷା କରୁଥିଲି, ଏବଂ ସେହି ସ୍ତ୍ରୀଲୋକଙ୍କ ମୁଣ୍ଡ ଏତେ ବଡ ଥିଲା, ଏବଂ ତାଙ୍କର ଆଖି ତଳେ ସବୁଜ ରଙ୍ଗ ରହିଥିଲା । ମୁଁ କହିଲି, "ଫେରିଯାଅ, ବୁଗର୍ମ୍ୟାନ । ମୁଁ ଭଲ ଅନୁଭବ କରିବି ।" ଏହା ସବୁଠାରୁ ଭୟଙ୍କର ଦୃଶ୍ୟ ଥିଲା । ଏହା ଆପଣଙ୍କୁ ଭୟଭୀତ କରିଦେବ । ଏହା କଅଣ ଅଟେ? ସେହି ପ୍ରଥମ ମହିଳା । ଏହା ହେଉଛନ୍ତି ସେହି ପ୍ରଥମ ମହିଳା । ଏହାହିଁ ତାହା ଅଟେ । ଏବଂ ସେମାନେ ଏହା ଦ୍ୱାରା ଏକ ଉଦାହରଣ ଗ୍ରହଣ କରନ୍ତି ।

154 ଏବଂ ମୋତେ ବର୍ତ୍ତମାନ ଏହା କହିବାକୁ ଦିଅନ୍ତୁ । ମୁଁ ଏହାକୁ ଥଟ୍ଟା ଭାବରେ କହି ନ ଥିଲି, ମାତ୍ର ଏକ ଦୃଷ୍ଟାନ୍ତରେ କହିଲି, ଯେପରିକି ଆପଣ ଏହା ଦେଖିବେ । ଅବିକଳ ତାହାହିଁ ଅଟେ ଯାହାକି ଆପଣ ବୟସ୍କ ଖ୍ରୀଷ୍ଟିଆନମାନେ ଏହି ଯୁବାବର୍ଗଙ୍କ ପାଇଁ କରୁଛନ୍ତି । ଅବିକଳ ଠିକ୍ । ଆପଣଙ୍କୁ ତ ଉଦାହରଣ ହେବା କଥା । ଆପଣ ପେଣ୍ଟିକଷ୍ଟାଲମାନେ ଯେଉଁମାନେକି ପବିତ୍ରଆତ୍ମା ପାଇଛନ୍ତି ବୋଲି କହୁଅଛନ୍ତି, ଆପଣଙ୍କୁ ତ ମେଥୋଡିଷ୍ଟ, ଏବଂ ବାପ୍‌ଟିଷ୍ଟ, ପ୍ରେସ୍‌ବିଟେରିୟନ୍‌ମାନଙ୍କ ପାଇଁ ଏକ ଉଦାହରଣ ହେବା କଥା । ସେହି ପ୍ରଥମ ମହିଳାଙ୍କ ପରି ନୁହେଁ, ମାତ୍ର ଯୀଶୁଙ୍କ ପରି ଆପଣମାନଙ୍କୁ ହେବା ଉଚିତ୍ । ସେ ଆପଣଙ୍କୁ *ଏଠା*ରେ କୁହନ୍ତି ଯେ କଅଣ କରିବାକୁ ଅଛି, ଏହାକୁ କିପରି କରିବାକୁ ଅଛି । ଆମକୁ ତ ତାହାଙ୍କର ନିୟମଗୁଡିକ ଏବଂ ଉଦାହରଣଗୁଡିକ ଅନୁସରଣ କରିବା ଉଚିତ । ମାତ୍ର ଆମେମାନେ ତାହାକୁ ସେହି ଉପାୟରେ ହିଁ ପାଇଥାଉ । ଏଷ୍ଟର...

155 ଏହି ରାଣୀ, ସେ ଏହା ଶୁଣିଲେ ନାହିଁ । ସେ ଆସିଲେ ନାହିଁ; ରାଜାଙ୍କୁ ଅପମାନିତ କଲେ । ପରାମର୍ଶଦାତାମାନେ କହିଲେ, "ଯଦି—ଯଦି ଦେଶର ପ୍ରଥମ ମହିଳା ସେହିପରି ଏକ ଉଦାହରଣ ଉପସ୍ଥାପିତ କରନ୍ତି, ତାହାହେଲେ ବାକି ସମସ୍ତ ସ୍ତ୍ରୀଲୋକମାନେ ମଧ୍ୟ ତାହା କରିବେ । ଅତଏବ ତେଣୁକରି ଯେତେବେଳେ ଜଣେ ପୁରୁଷ ନିଜ ସ୍ତ୍ରୀକୁ ଡାକନ୍ତି, ସେ କହିବ, 'ଯାଅ ନଦୀରେ ଡିଆଁ ମାରି ଦେବ ।'" ବୁଝିଲେ? ପିଲାଏ, ସେ ପ୍ରକୃତରେ ଆମେରିକାର ଭବିଷ୍ୟତ୍ ବିଷୟ କହିଥିଲେ, ନୁହେଁ କି? ତେବେ, ଆମେମାନେ ଜାଣିବାକୁ ପାଉ ଯେ, ଏହିପରି କରିବା ଦ୍ୱାରା, ତେବେ ସେଠାରେ ଜଣେ ବ୍ୟକ୍ତି ଥିଲେ ଯାହାଙ୍କଠାରେ ତାଙ୍କ ବିଷୟରେ କିଛି ଜ୍ଞାନ ରହିଥିଲା, ସେ ଆସି ରାଜାଙ୍କୁ ପରାମର୍ଶ ଦେଲେ । ସେ କହିଲେ, "କରିବା ନିମନ୍ତେ ବିଷୟଟି ହେଉଛି ଯେ ରାଣୀଙ୍କୁ ବହିଷ୍କାର କରନ୍ତୁ । ଏବଂ ସମଗ୍ର ଦେଶରେ ଏହି ଖବର ପଠାଉନ୍ତୁ, ଏବଂ ସେଠାରେ ରହିଥିବା ସମସ୍ତ କୁମାରୀମାନଙ୍କୁ ଡାକନ୍ତୁ, ଯୁବତୀ ଓ କୁମାରୀ କନ୍ୟାମାନଙ୍କୁ, ଏବଂ ସେଥିରୁ ନିଜ ପାଇଁ ଏକ ପତ୍ନୀ ବାଛନ୍ତୁ ।"

156 ଏହା ରାଜାଙ୍କୁ ପ୍ରସନ୍ନ କଲା । ତେଣୁ ରାଜା ଖବର ପଠାଇଲେ, ଏବଂ ସେ ପରିଚାରିକା ଓ ଇତ୍ୟାଦିମାନଙ୍କୁ ପଠାଇଲେ, ଯେଉଁମାନେକି ଯଥାସମ୍ଭବ ସମସ୍ତ ଯୁବା କୁମାରୀମାନଙ୍କୁ ଆଣିବା ପାଇଁ—ପାଇଁ ଗଲେ, ସେହି ରାଜ୍ୟ ଏବଂ ସମସ୍ତ ପ୍ରଦେଶରେ ଥିବା ସୁନ୍ଦରୀ ମହିଳାମାନଙ୍କୁ ଆଣିବା ପାଇଁ ଗଲେ, ଯାହାକି ବିଶ୍ୱର ସବୁଠାରୁ ବଡ ପ୍ରାନ୍ତ ଥିଲା ।

157 ଏବଂ ଯେତେବେଳେ ସେ ଏହା କଲେ, ତାହା ଏହି ସାନ ଯିହୁଦୀ ଝିଅ ନିକଟକୁ ଆସିଲା । ସେ ତ ବରଂ ଏକ ପ୍ରକାରେ ବହି-ଷ୍କୃତ ଥିଲେ, କାରଣ, ଯେପରିକି ସେହି ବିଜାତୀୟମାନେ ଥିଲେ, ଆପଣ ଦେଖନ୍ତୁ, ସେ ଗୋଟିଏ ପାର୍ଶ୍ୱକୁ ବହିଷ୍କୃତ କରା ଯାଇଥିଲେ । ଏବଂ ତାର କୌଣସି ପିତା ଏବଂ ମାତା ନ ଥିଲେ । ଏବଂ ମର୍ଦ୍ଦଖୟ, ତାର କାକା ତାଙ୍କୁ ପ୍ରତିପାଳିତ କରୁଥିଲେ । ଏବଂ ତାଙ୍କୁ ଯୋଗ୍ୟତା ପରୀକ୍ଷା ନିମନ୍ତେ, ଯିବାକୁ ଥିଲା ।

158 ଏବଂ ତେଣୁକରି ସେମାନେ ଯାହା କରୁଥିଲେ, ସେମାନେ ଏହି ଝିଅମାନଙ୍କୁ ନିର୍ଦ୍ଦିଷ୍ଟ

କିଛି ମାସ ପର୍ଯ୍ୟନ୍ତ ଶୁଦ୍ଧିକରଣ ପାଇଁ ନେଇଥିଲେ । ସେମାନଙ୍କୁ ସେହି ଝିଅମାନଙ୍କୁ ସୁଗନ୍ଧିତ ଦ୍ରବ୍ୟରେ ସଜ୍ଜିତ କରିବାକୁ ଏବଂ ସମସ୍ତ ପ୍ରକାରର ସାଜସଜ୍ଜା କରିବାକୁ ପଡ଼ିଥିଲା, ଏବଂ ସେସମସ୍ତଙ୍କୁ ପ୍ରସ୍ତୁତ କରିବାକୁ ପଡିଥିଲା, ଯେପରିକି ସେମାନେ ରାଜାଙ୍କ ସମ୍ମୁଖକୁ ଯାଇପାରିବେ ।

159 ତେବେ, ତାହା ଠିକ ସେହି ପ୍ରକାରେ ହିଁ ଅଟେ ଯେପରିକି ଜଗତ ଆଜି ମଣ୍ଡଳୀକୁ ପ୍ରସ୍ତୁତ କରିବାକୁ ଚାହେଁ । ଏହାକୁ ଜାଗତିକ ବିଷୟରେ ସଜାଇଥାଏ; ଜଗତର ଜିନିଷଗୁଡ଼ିକର ଆଦର୍ଶ କରିଥାଏ; ଅଧିକ ସଦସ୍ୟ ପାଇବାକୁ ଚେଷ୍ଟା କରିଥାଏ, ସେମାନଙ୍କ ସହଭାଗୀତା ମଧ୍ୟକୁ ଯେକୌଣସି ବିଷୟକୁ ଗ୍ରହଣ କରି ନେଇଥାଏ । ମୋର ପ୍ରଭୁ! ଏହା ତ ଏକ ଦୁଃଖଦ ବିଷୟ ଅଟେ । ଗୋଟିଏ ସଂସ୍ଥା ଅନ୍ୟକୁ ହରାଇବାକୁ ଚେଷ୍ଟା କରୁଥାଏ, ଜଣେ ସଦସ୍ୟ ପାଇବା ପାଇଁ ଯେକୌଣସି ବିଷୟକୁ ଗ୍ରହଣ କରି ନେଉଥାଏ । ଆପଣ ହୁଏତ ସେମାନଙ୍କୁ ଏହି ସଂଗଠନରେ ନେଇପାରନ୍ତି, ମାତ୍ର ସେମାନେ କଦାପି ଖ୍ରୀଷ୍ଟଙ୍କ ସହଭାଗୀତାକୁ ଆସିବେ ନାହିଁ ଯେପର୍ଯ୍ୟନ୍ତକି ସେମାନେ ପରିଷ୍କୃତ ହୋଇ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମ ନ ହୁଅନ୍ତି । ତାହା ସତ ଅଟେ । ହୋଇପାରେ ସେମାନେ ଏଠାରେ ଏକ ବହିରେ ସେମାନଙ୍କର ନାମକୁ ରଖିପାରନ୍ତି, ମାତ୍ର ସେଠାରେ ଉପରେ, ମେଷଶାବକଙ୍କ ଜୀବନ ପୁସ୍ତକରେ ନୁହେଁ, ଯେପର୍ଯ୍ୟନ୍ତକି ଏହା ପ୍ରଭୁ ଯୀଶୁଙ୍କ ରକ୍ତରେ ଲେଖା ହୋଇନାହିଁ ।

160 ସମସ୍ତ ସ୍ତ୍ରୀଲୋକମାନେ, ସେମାନେ ସୁନ୍ଦର ଦେଖାଯିବା ପାଇଁ, ନିଜକୁ ସୁସଜ୍ଜିତ କରି ପ୍ରସ୍ତୁତ କଲେ । ଏବଂ, ଓଃ, ମୁଁ କଳ୍ପନା କରୁଛି ଯେ ସେମାନେ ପ୍ରକୃତରେ ନିଜକୁ ଖୁବ୍ ସୁନ୍ଦର ଭାବେ ସୁସଜ୍ଜିତା କରିଥିବେ, ବୋଧହୁଏ ସେହି ପ୍ରଥମ ମହିଳା ଓ ପ୍ରଭୃତିର ଢଙ୍ଗ ଅନୁସାରେ । ସେମାନେ ସମସ୍ତେ ନିଜକୁ ସୁସଜ୍ଜିତ କରି ପ୍ରସ୍ତୁତ କଲେ କାରଣ ସେମାନେ ରାଜାଙ୍କ ସମ୍ମୁଖରେ ହାଜର ହେବାକୁ ଯାଉଅଛନ୍ତି ।

161 ମୁଁ ଭାବୁଛି ଯେ ତାହାହିଁ ଆଜି ସମଗ୍ର ବିଷୟ ଯାହାକି ଆଜି ଆମ ମଣ୍ଡଳୀ ସହିତରେ ସେହି ମାମଲାଟି ଅଟେ । ସେମାନେ ନିଜକୁ ସମସ୍ତ ସାଂସାରିକ ବିଷୟରେ, ପ୍ରସ୍ତୁତ କରିବାକୁ ଚେଷ୍ଟା କରୁଛନ୍ତି, ଜାଗତିକ ମନୋରଞ୍ଜନ ସହିତ, ସେଥିରେ ସାଂସାରିକ ବିଷୟଗୁଡିକୁ ରଖି, ଜଗତର କାର୍ଯ୍ୟକଳାପଗୁଡିକୁ କରୁଛନ୍ତି, ଜଗତ ସହିତରେ ଜଡିତ ହୋଇ, ସେମାନେ ଭାବୁଛନ୍ତି ଯେ ସେମାନେ ରାଜାଙ୍କୁ ଭେଟି ପାରିବେ । ପରମେଶ୍ୱର ସେସବୁ ବିଷୟରେ ଖାତିର କରନ୍ତି ନାହିଁ । ସେ ତାହା ଘୃଣା କରନ୍ତି । ମାତ୍ର ଆମେ ଜଗତ ପରିକା ଆଚରଣ କରିବାକୁ ଚାହିଁଥାଉ ।

162 ଆମର କେତେକ ମଣ୍ଡଳୀମାନେ, ମୁଁ କହିଛି, ସେହି ବାଡଗୁଡିକ ତଳେ ପକାଇ ଦେଇଛନ୍ତି, ମଣ୍ଡଳୀରେ, ଏପରି ଦୀକନ୍‌ମାନଙ୍କୁ ଗ୍ରହଣ କରି ନେଇଛନ୍ତି, ଏବଂ ପ୍ରଭୃତି ସବୁ, ଏବଂ ବେଳେବେଳେ ଏପରି ପାଳକମାନଙ୍କୁ, ଯିଏକି ଚାରି କିମ୍ବା ପାଞ୍ଚ ଥର ବିବାହିତ ହୋଇଛନ୍ତି, ଏବଂ—ଏବଂ ସେମାନଙ୍କ ମଧ୍ୟରୁ କେତେକ ତ ସିଗାରେଟ୍ ଟାଣନ୍ତି । କୁହନ୍ତି, "ସେମାନେ—ସେମାନେ ଏହାକୁ ଜୟ କରି ଯିବେ । ସେମାନେ ଠିକ୍ ହୋଇଯିବେ ।"

ଗୋଟିଏ ରାତିରେ ଜଣେ ବ୍ୟକ୍ତିଙ୍କୁ ଏକ ମଦଶାଳାରୁ ବାହାର କରି, ପୁଣି ପରଦିନ ରାତିରେ ତାଙ୍କୁ ପ୍ରଚାର ମଞ୍ଚ ଉପରେ ରଖିଦିଅନ୍ତି । ମୁଁ ଏହିପରି କୌଣସି ଜିନିଷରେ ବିଶ୍ୱାସ କରେ ନାହିଁ । ମୁଁ ବିଶ୍ୱାସ କରେ ଯେ ଜଣେ ବ୍ୟକ୍ତିଙ୍କୁ ପ୍ରମାଣ କରାଯିବାକୁ ଅଛି, ତାହା ଠିକ୍, ସିଦ୍ଧ ପ୍ରମାଣିତ ହେବାକୁ ଅଛି । ମୁଁ ଆପଣଙ୍କୁ କୁହେ, ଅନେକ ଥର ଆମେମାନେ ଡାକିଥାଉ…

163 ମୁଁ ପବିତ୍ରଆତ୍ମାଙ୍କ ବାପ୍ତିସ୍ମରେ ବିଶ୍ୱାସ କରେ । ମୁଁ ପରଭାଷାରେ କଥା କହିବାକୁ ବିଶ୍ୱାସ କରେ, ମାତ୍ର ମୁଁ ଭାବୁଛି ଯେ ଆମେମାନେ ତାହା ଉପରେ ବହୁତ ଅଧିକ ଗୁରୁତ୍ୱ ଦେଇଥାଉ । ଜଣେ ପୁରୁଷ ପରଭାଷାରେ କଥା କହିପାରନ୍ତି, ଏବଂ ଜଣେ ସ୍ତ୍ରୀଲୋକ ପରଭାଷାରେ କଥା କହିପାରନ୍ତି, ଏବଂ ଯଦି ସେହି ପୁରୁଷର ଜୀବନ ଏବଂ ସେହି ସ୍ତ୍ରୀଲୋକର ଜୀବନ ସେହି ପରଭାଷା ସହିତ ଯାହା ଆପଣ କହୁଛନ୍ତି ତୁଳନା ନ କରେ, ତେବେ ଏହା ଭୁଲ ପରଭାଷା ଅଟେ, 'କାରଣ ପବିତ୍ରଆତ୍ମା ଆପଣଙ୍କୁ ବାଇବଲ ପରି ଆଚରଣ କରିବାକୁ ପ୍ରବର୍ତ୍ତାଇବେ । ଏହା ଆପଣଙ୍କୁ ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତିର ପୂର୍ଣ୍ଣତା ମଧ୍ୟକୁ ନେଇ ଆସିବ ।

164 ଆପଣ ଏପରି ଜଣେ ବ୍ୟକ୍ତିଙ୍କୁ ନିଅନ୍ତୁ ଯିଏକି ପରଭାଷାରେ କଥା କୁହନ୍ତି, ଯାହାଙ୍କ ପାଖରେ ଏକ ଗୁଣୁଗୁଣୁ କରୁଥିବା ପୋକ ସହିତ କଳି କରିବାକୁ ଯଥେଷ୍ଟ କ୍ରୋଧ ରହିଥିବ, ଏବଂ ଯିଏ ପଡ଼ୋଶୀମାନଙ୍କ ବିଷୟରେ କଥାବାର୍ତ୍ତା କରୁଥିବେ, ଏବଂ ସେହିପରି ସବୁକିଛି କରୁଥିବେ । କାହିଁକି, ଆପଣ ଏହାକୁ ପବିତ୍ରଆତ୍ମା ବୋଲି କୁହନ୍ତି କି? ଏହା ହୋଇପାରିବ ନାହିଁ । ନା, ଆଜ୍ଞା ।

165 ପବିତ୍ରଆତ୍ମା ତ ହେଉଛନ୍ତି ନମ୍ରତା, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ଉତ୍ତମତା, ଭଦ୍ରତା, ଧୈର୍ଯ୍ୟ, ବିଶ୍ୱାସ । ସେହି ପବିତ୍ରଆତ୍ମା, ତାହା ତ ଆତ୍ମାଙ୍କର ଫଳ ଅଟେ, ଯାହାକି ପବିତ୍ରଆତ୍ମା ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀରେ ବହନ କରନ୍ତି, ମଧୁରତା, ଏବଂ ବିନମ୍ରତା, ନମ୍ରତା, ପରସ୍ପର ନିମନ୍ତେ ପ୍ରେମ, ଦୀର୍ଘସହିଷ୍ଣୁତା ।

166 ଯଦି ଜଣେ ଭାଇ ଭୁଲ୍ କରିଥାନ୍ତି, ତାଙ୍କୁ କେବଳ ପ୍ରହାର କରନ୍ତୁ ନାହିଁ କିମ୍ବା ଅନ୍ୟ କିଛି କରନ୍ତୁ ନାହିଁ । ତାଙ୍କ ପଛେ ପଛେ ଯାଆନ୍ତୁ ଏବଂ ଦେଖନ୍ତୁ ଯେ ଆପଣ ତାଙ୍କୁ ଫେରାଇ ଆଣି ପାରିବେ କି । ଏହା କରିବା ପାଇଁ ପ୍ରଚାରକଙ୍କର ଅପେକ୍ଷା କରନ୍ତୁ ନାହିଁ । ଆପଣ ଏହା କରନ୍ତୁ, ଅନ୍ୟ କେହି ବି । ପ୍ରଚାରକ ଏହା ସବୁ କରିପାରନ୍ତି ନାହିଁ, କିଅବା ଦୀକନ୍‌ମାନେ ମଧ୍ୟ କରିପାରନ୍ତି ନାହିଁ । ପ୍ରତ୍ୟେକ ଜଣ, ଖ୍ରୀଷ୍ଟଙ୍କ ଏହି ଶରୀରର ଏକ ସଦସ୍ୟ ଅଟନ୍ତି, ପରସ୍ପର ଜଣେ ଅନ୍ୟ ପଛରେ ଯିବା ଉଚିତ୍ । ଆମମାନଙ୍କ ପାଖରେ…ଏବଂ ଯଦି ଆମେମାନେ ନିଜ ଭିତରେ ଖ୍ରୀଷ୍ଟଙ୍କ ଆତ୍ମା ପାଇଅଛୁ…ସେ ସେହି ମହାନ ଦୃଷ୍ଟାନ୍ତକୁ ଶିଖାଇଥିଲେ । ସେମାନେ ଅନେସ୍ୱତ ଜଣଙ୍କୁ ଛାଡି, ସେହି ଗୋଟିକ ପଛରେ ଗଲେ । ତାହାହିଁ ଅଟେ ଯାହାକି ଆମେମାନେ କରିବା ଉଚିତ୍ । ମାତ୍ର ଆମେମାନେ କହିଥାଉ, "ଓଃ, ସେମାନଙ୍କୁ ଛାଡିଦିଅ ।" ଆମେମାନେ ତାହା କେବେବି କରିବା ଉଚିତ୍ ନୁହେଁ । ଆମକୁ ତ ଭଦ୍ର, କ୍ଷମାକାରୀ, ଦୀର୍ଘସହିଷ୍ଣୁ ହେବା ଉଚିତ୍ । ତାହାହିଁ ଆତ୍ମାଙ୍କର ଫଳ ଅଟେ ।

167 ବର୍ତ୍ତମାନ, ତେବେ ଆମେମାନେ ନିଜେ ପାଉ, ଯେ ଏଷ୍ଟର୍, ତାହାପରେ ସେ... ସେମାନେ ତାକୁ ଏହି ସ୍ଥାନଗୁଡିକ ମଧ୍ୟରୁ ଗୋଟିକରେ ରଖି ଦେଲେ, ଯେ ସେ ସୁସଜ୍ଜିତ କରି ପ୍ରସ୍ତୁତ କରାଯାନ୍ତି, ଯେପରିକି ସେ ରାଜାଙ୍କ ସମ୍ମୁଖରେ ନିଜକୁ ପ୍ରଦର୍ଶନ କରିବେ। ମୋର ପ୍ରଭୁ! ସେ ଏହାକୁ ମନା କରିଦେଲା। ସେ ଏହାସବୁ ଚାହିଁଲା ନାହିଁ। ସେ ତ କେବଳ ଯେପରି ଅଛି ସେହିପରି ହିଁ ତାଙ୍କ ସମ୍ମୁଖକୁ ଯିବାକୁ ଚାହିଁଲା। ଆମେନ୍।

168 ଆମେମାନେ ଆଜି ଏପରି ମଣ୍ଡଳୀଗୁଡିକୁ ପାଇଅଛୁ ଯାହାକି ଜଗତ ପରି ଆଚରଣ କରିବାକୁ ଚାହାଁନ୍ତି, କିମ୍ବା କାରଣ ଆମେମାନେ ବଡ଼ ହୋଇ ଯାଇଅଛୁ। ପରମେଶ୍ୱର କହିଲେ, "ଥରେ ସେ ଛୋଟ ଥିଲେ, ସେମାନେ ତାହାଙ୍କର ସେବା କରିଥିଲେ। ମାତ୍ର ଯେତେବେଳେ ସେ ବଡ ହୋଇଗଲେ, ସେମାନେ ତାହାଙ୍କୁ ଭୁଲିଗଲେ।" ତାହା ଠିକ୍ ଅଟେ।

169 ଯେତେବେଳେ ଆମେମାନେ ଏଠାରେ କେଉଁ ସ୍ଥାନରେ ଗୋଟିଏ ଗଳିରେ ଏକ ଟିଣ ଡବା ରଖି, ଏକ ଖଞ୍ଜଣୀ ସହିତ, ଏହାକୁ ଆମ ହାତର ପଛରେ ବଜାଇଥିଲୁ; ଏବଂ ଏକ ପୁରୁଣା ଗିଟାର, ଏହାକୁ ବଜାଇଥିଲୁ; ଏବଂ ଏକ ଗଳି ସଭା କରିଥିଲୁ, ଆପଣ ବିନମ୍ର ଥିଲେ। ମାତ୍ର ଯେତେବେଳେ ଆମେମାନେ ତିନି କିମ୍ବା ଚାରି ନିୟୁତ ଡଲାରର କୋଠା, ଏବଂ ସେହିପରି ବଡ଼ ବଡ଼ ବିଷୟ ପାଇବାକୁ ଗଲୁ, ସେତେବେଳେ ଆମେମାନେ ଏତେ ଅହଂକାରୀ ହୋଇଗଲୁ ଯେ ଆମେମାନେ ତାହା ବିଷୟରେ ଭୁଲିଗଲୁ, ତାହା ଠିକ୍, ଜଗତ ସହିତ ସମାନ ଭାବରେ ମିଶିଗଲୁ।

170 ଅନ୍ୟ ଦିନ ମୁଁ ଗୋଟିଏ ସ୍ଥାନରେ ଥିଲି ଯେଉଁଠାରେକି, ଜଣେ ହୋଲିନେସ୍ ଭାଇ, ସେଠାରେ ତାଙ୍କ ପାଇଁ ଅନେକ ଲୋକମାନେ କାମ କରୁଥିଲେ। ଏବଂ ଯଦି ପ୍ରତ୍ୟେକ ସ୍ତ୍ରୀଲୋକ ସେଠାରେ କଫି ସମୟରେ, ଏକ କଫି-ବିରତି ନେବାକୁ ବାହାରି ଆସନ୍ତି, ସେଠାରେ ଥିବା ପ୍ରତ୍ୟେକ ସ୍ତ୍ରୀଲୋକଙ୍କର ଛୋଟ କେଶ ଥିଲା ଏବଂ ଲିପଷ୍ଟିକ୍ ଲଗାଇଥିଲେ। ତେବେ, ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ଆପଣଙ୍କର ସେହି ବିଷୟରେ କହିବାରେ କୌଣସି କାମ ନାହିଁ।" ମୋର ଅଛି। ବାଇବଲ ତାହା କୁହେ। ତାହା ଠିକ୍।

171 ଅନେକ ପେଣ୍ଟିକଷ୍ଟାଲ୍ ସ୍ତ୍ରୀଲୋକମାନେ ପୁରୁଷଙ୍କ ନିମନ୍ତେ ଥିବା ପୋଷାକଗୁଡିକୁ ପିନ୍ଧନ୍ତି, ଏବଂ ପରମେଶ୍ୱର କୁହନ୍ତି ଯେ ଏହା ତାହାଙ୍କ ଦୃଷ୍ଟିରେ ଘୃଣାଯୋଗ୍ୟ ବିଷୟ ଅଟେ। ତାହା ଠିକ୍। ଆପଣ ସେହିପରି ଭାବରେ ସ୍ୱର୍ଗକୁ କିପରି ଯିବାର ଆଶା କରନ୍ତି? ଏହା ଦର୍ଶାଏ ଯେ ସେଠାରେ ପବିତ୍ରଆତ୍ମା ନାହାଁନ୍ତି। ଯଦି ସେଠାରେ ପବିତ୍ରଆତ୍ମା ଥାଆନ୍ତେ, ତେବେ ଏହା ଆପଣଙ୍କୁ ନିନ୍ଦା କରିଥାନ୍ତେ। ଠିକ୍। ଓଃ, ଆପଣ ହୁଏତ ଚିତ୍କାର କରି ଥାଇପାରନ୍ତି, ପରଭାଷାରେ କଥା କହି ଥାଇପାରନ୍ତି, ଉପର-ଓ-ତଳକୁ ଦୌଡି ଥାଇପାରନ୍ତି, ଆତ୍ମାରେ ନାଚି ଥାଇପାରନ୍ତି। ମୁଁ ହିନ୍ଦୁମାନଙ୍କୁ, ଏବଂ ଭାରତୀୟମାନଙ୍କୁ ତାହା କରୁଥିବାର, ଏବଂ ଅନ୍ୟ ସମସ୍ତ କାର୍ଯ୍ୟ କରୁଥିବାର ଦେଖିଅଛି। ତାହାର ଅର୍ଥ କିଛି ହେଲେ ନୁହେଁ, ଯେପର୍ଯ୍ୟନ୍ତକି ସେଠାରେ ଆପଣ ଯେଉଁ ବିଷୟରେ କଥା କହୁଛନ୍ତି ତାହା ସପକ୍ଷରେ ଏକ ଜୀବନ ନାହିଁ,

ପବିତ୍ରଆତ୍ମାଙ୍କର ଶକ୍ତି ନାହିଁ, ଯେ ଧାର୍ମିକ ଜୀବନଯାପନ କରୁଥିବା ଲୋକମାନଙ୍କୁ ପ୍ରସ୍ତୁତ କରେ । ତାହାହିଁ ଖ୍ରୀଷ୍ଟଙ୍କର କନ୍ୟା ଅଟେ ।

172 ଏଷ୍ଟରଙ୍କୁ ଏକ କନ୍ୟା ହେବାକୁ ଥିଲା, ତେଣୁ ସେ ଜଗତର କୌଣସି ଶୋଭାରେ ସୁସଜ୍ଜିତ ହେବାକୁ ଚାହିଁ ନ ଥିଲା । ସେ ଯେପରି ଭାବରେ ଥିଲା, ଠିକ ସେହିପରି ଭାବରେ ହିଁ, ରାଜାଙ୍କ ନିକଟକୁ ଭିତରକୁ ଯିବାକୁ ଚାହିଁଥିଲା । ସେ ନିଜକୁ ଏକ ନମ୍ର ଦୀନ ଆତ୍ମା ସହିତରେ ସୁସଜ୍ଜିତ କରିଥିଲା, ଯେପରିକି ସେହି ପେଣ୍ଟିକଷ୍ଟାଲ୍ ସ୍ତ୍ରୀଲୋକମାନେ କରିବା ଉଚିତ । ଏବଂ ଯେତେବେଳେ ଏହି ସମସ୍ତ କୃତ୍ରିମଭାବେ ସଜ୍ଜିତ, ପ୍ରଥମ ମହିଳାମାନେ, ସେମାନଙ୍କର ସବୁ ନୂତନ ଜାଗତିକ ସାଜସଜ୍ଜା ବିଷୟଗୁଡିକ ସହିତରେ ଆସିଲେ, ରାଜା ସେମାନଙ୍କୁ ଅନାଇଲେ, ଓ ସେମାନଙ୍କୁ ଉପପତ୍ନୀମାନଙ୍କ ସହିତ କକ୍ଷରେ ରଖିଦେଲେ । ମାତ୍ର ଯେତେବେଳେ ଏହି ଏଷ୍ଟର ରାଜାଙ୍କ ଦୃଷ୍ଟିରେ ଆସିଲା, ଏବଂ ରାଜା ସେହି ମଧୁର, ବିନମ୍ର, ଦୀନ ଆତ୍ମାର ଏକ ଝଲକ ପାଇଲେ, ସେ କହିଲେ, "ତାହାହିଁ ହେଉଛି ସେ । ଯାଅ ମୁକୁଟ ଘେନି ଆସ ଓ ତାର ମସ୍ତକରେ ରଖ ।" ଏହାହିଁ ତାହା ଅଟେ ।

173 ସେମାନେ ନିଜକୁ ସେହି ପ୍ରକାରର ଏକ ଆତ୍ମା ସହିତରେ ସୁସଜ୍ଜିତ କରନ୍ତୁ, କେବଳ ସ୍ତ୍ରୀଲୋକମାନେ ନୁହଁନ୍ତି, ବରଂ ପୁରୁଷମାନେ, ମଧ୍ୟ, ନିଜକୁ ସେହି ପ୍ରକାରର ଏକ ଆତ୍ମା ସହିତରେ ସୁସଜ୍ଜିତ କରନ୍ତୁ । ତାହାପରେ ଯାଇ ଆପଣ ସେହି—ସେହି କନ୍ୟା ନିମନ୍ତେ ପ୍ରସ୍ତୁତ ହେଉଅଛନ୍ତି, ମଧୁର, ସମ୍ମାନୀୟ ଭାବରେ । ଏଷ୍ଟର ତାର ହୃଦୟକୁ ପରିଷ୍କାର କରିଥିଲା ।

174 ସେଠାରେ ଏପରି ବହୁତ କିଛି ବିଷୟ ଅଛି ଯାହା ଦ୍ୱାରା ଆମେମାନେ, ଏହି ବାହ୍ୟ ବିଷୟର ଯତ୍ନ ନେଇଥାଉ, ଓଃ, ଏଥିରେ ତ ଏତେଗୁଡ଼ିଏ କୁଞ୍ଚନ ଅପସାରଣ, ଏବଂ ଏହାର ଅନେକ ଅଂଶ, ଏହା—ଏହା ବିଷୟରେ ରହିବାକୁ ଅଛି ।

175 ଏଠାରେ କିଛି ସମୟ ପୂର୍ବରୁ, ମୁଁ ଏଠାରେ ଟେନେସିରେ ଏକ—ଏକ ସଂଗ୍ରହାଳୟରେ ଛିଡା ହୋଇଥିଲି । ମୁଁ ଗୋଟିଏ ଛୋଟ ସ୍ଥାନ ଦେଇ ଗତି କଲି, ଏବଂ ତାହା ଏକ ମାନବ ଶରୀରର ବିଶ୍ଳେଷଣ ଦେଖାଇଲା । ଏଥିରେ କୁହା ଯାଇଥିଲା ଯେ ଜଣେ ବ୍ୟକ୍ତି ଯିଏକି ଓଜନରେ ଶହେ ପଚାଶ ପାଉଣ୍ଡ ଅଟନ୍ତି, ଏହାର ରାସାୟନିକ ପଦାର୍ଥରେ ମୂଲ୍ୟ ଚୌରା-ଅଶୀ ସେଣ୍ଟ ଅଟେ । ତେବେ, ଆପଣ କେହି ଜଣେ ଅଟନ୍ତି, କଅଣ ଆପଣ, ଚୌରା-ଅଶୀ ସେଣ୍ଟ ନୁହଁନ୍ତି କି? ଏବଂ କେତେକ ସ୍ତ୍ରୀଲୋକମାନେ ତ ହେବେ, ପେଣ୍ଟିକଷ୍ଟାଲ୍ ସ୍ତ୍ରୀଲୋକମାନେ, ପାଞ୍ଚ-ଶହ-ଡଲାରର ଏକ ପଶୁ ଲୋମ କୋଟ ପିନ୍ଧି ସେମାନଙ୍କ ମୁଣ୍ଡକୁ ଉପରକୁ ଟେକି ରଖିଥିବେ, ଯଦି ତାହା ବର୍ଷା ହୁଏ, ତେବେ ଏହା ସେମାନଙ୍କୁ ଓଦା କରି ଦେଇଥାଏ, ଏବଂ ସେମାନେ ତ, ରାସାୟନିକ ପଦାର୍ଥରେ, ଏପରିକି ଚୌରା-ଅଶୀ ସେଣ୍ଟ ମୁଲ୍ୟ ସୁଦ୍ଧା ନୁହଁନ୍ତି । ତାହା ସତ୍ୟ ଅଟେ, ଏକ ଥଟ୍ଟା ନୁହେଁ । ତାହା ହେଉଛି ସତ୍ୟ । ଚୌରା-ଅଶୀ ସେଣ୍ଟ, ଗୋଟିଏ କୁକୁଡ଼ା ବସାକୁ ଛିଞ୍ଚିବା ପାଇଁ ପ୍ରାୟଃ ଯଥେଷ୍ଟ ଧଳା ରଙ୍ଗ ଅଟେ, ଏବଂ ଅଳ୍ପ ଟିକେ କ୍ୟାଲସିୟମ୍ ଓ ଇତ୍ୟାଦି ଅଟେ । ଚୌରା-ଅଶୀ ସେଣ୍ଟ, ଆପଣ ତାହାକୁ ଅତି ନିକଟତାର ସହ ଧ୍ୟାନ ଦେଇ

ଦେଖନ୍ତୁ ।

176 ଆପଣ ରେଷ୍ଟୁରାଣ୍ଟକୁ ଯାଆନ୍ତି ଓ ପାଆନ୍ତି...ଏକ ପାତ୍ର ସୁପ୍ ନିଅନ୍ତି ଏବଂ ସେଥିରେ ଏକ ବୁଢିଆଣୀ ରହିଥିବ, ଆପଣ ତ ସେହି ରେଷ୍ଟୁରାଣ୍ଟ ବିରୁଦ୍ଧରେ ମକଦ୍ଦମା କରି ଦେବେ ।

177 ମାତ୍ର ଆପଣ ଶୟତାନକୁ ପୁରୁଣା ମନ୍ଦ ଟେଲିଭିଜନ ଏବଂ ତାଶ ପତାର ଜିନିଷଗୁଡ଼ିକୁ ଆପଣଙ୍କ ଗଳା ଭିତରେ ପୂରାଇବାକୁ ଦେବେ, ଏବଂ ଏହାକୁ ଗିଳି ପକାଇବେ; ଆପଣଙ୍କୁ ପୁରୁଣା ଅପରିଷ୍କାର ପୋଷାକ ପିନ୍ଧାଇବାକୁ ଦେବେ, ଏହି ସ୍ତ୍ରୀଲୋକମାନେ, ଏହି ଛୋଟ ପୁରୁଣା ଚିପା ପୋଷାକଗୁଡିକୁ ଯେପରିକି ଏକ ଚର୍ମ-ବିଚ୍ଛେଦ ଥିବା ଦୁର୍ବଳ ବ୍ୟକ୍ତି ରହିଥାଏ, ଏବଂ ଏଠାରେ ଏହି ମାର୍ଗରେ ସେହିପରି ଭାବରେ ଚାଲିବାକୁ ଦେବେ । ଏବଂ ମୋର ଭଉଣୀ, କଅଣ ଆପଣ ଜାଣିଛନ୍ତି, ଯେ ମୁଁ ତାହା ଥଟ୍ଟା ନିମନ୍ତେ କହୁ ନାହିଁ । ଆପଣ ମୋତେ ଭୁଲ୍ ବୁଝୁଛନ୍ତି ।

178 ଶୁଣନ୍ତୁ । ମୁଁ ଏହା କହୁଅଛି । ଆପଣ ସେହିପରି ଭାବରେ ଆଚରଣ କରନ୍ତି, ଏବଂ ବିଚାର ଦିନରେ ଆପଣ ଜଣେ ବ୍ୟଭିଚାରୀ ଭାବରେ ଗଣାଯିବେ । ଠିକ୍ ଅଛି । ଯୀଶୁ କହିଲେ, "ଯେକେହି ଜଣେ ସ୍ତ୍ରୀକୁ କାମାସକ୍ତ ଦୃଷ୍ଟିରେ ଦେଖେ ସେ ତାହା ସହିତ ନିଜ ହୃଦୟରେ ବ୍ୟଭିଚାର କରିସାରିଛି ।" ଏବଂ ଯେତେବେଳେ ସେହି ପାପୀକୁ ବ୍ୟଭିଚାର ପାଇଁ ଉତ୍ତର ଦେବାକୁ ପଡିଥାଏ, ତେବେ ଏହା କିଏ ଅଟେ? ଆପଣ । ଏହା କିଏ କରାଇଲା? ଆପଣ । ତାହା ଠିକ୍ । ଯଦି ଆପଣ ନିଜକୁ ସେଠାରେ ସେହିପରି ଭାବରେ ପ୍ରଦର୍ଶିତ କରନ୍ତି, ଯେ ପୁରୁଷମାନଙ୍କ ଆଗରେ ଦେଖାଯାଆନ୍ତି, ଜଗତ ପରିକା ହୁଅନ୍ତି ଏବଂ ଜଗତ ପରିକା ପୋଷାକ ପିନ୍ଧନ୍ତି ।

179 ମୁଁ ଥରେ ତାହା କହିଥିଲି, ଏବଂ ଜଣେ ସ୍ତ୍ରୀଲୋକ, କେଣ୍ଟକି, ଲୁଇସଭିଲେର, ସେ କହିଲେ, "ତେବେ, ଏଠାରେ ଶୁଣନ୍ତୁ, ଶ୍ରୀମାନ ବ୍ରାନହାମ୍ । ମୁଁ ବର୍ତ୍ତମାନ ଆପଣଙ୍କୁ ଠିକ ବୁଝିବା ହେତୁ ଜଣାଇବି!"

ମୁଁ କହିଲି, "ହଁ, ମହାଶୟା?"

ସେ କହିଲେ, "ସେମାନେ କେବଳ ସେହି ପ୍ରକାରର ହିଁ ପୋଷାକ ପ୍ରସ୍ତୁତ କରନ୍ତି ।"

ମୁଁ କହିଲି, "ସେମାନେ ସିଲେଇ ମେସିନ୍ ତିଆରି କରନ୍ତି ଏବଂ ସାମଗ୍ରୀ ବିକ୍ରି କରନ୍ତି ।"

180 ଏହା ତ ଏଇଥି ପାଇଁ ଅଟେ ଯେହେତୁ ଆପଣ ତାହା ଚାହାଁନ୍ତି । ଆପଣଙ୍କ ଭିତରେ କିଛି ଗୋଟାଏ ଭୁଲ ଅଛି । ତାହା ଅବିକଳ ଠିକ୍ ଅଟେ । ଆପଣ ତାହା ଏଇଥି ପାଇଁ କରନ୍ତି ନାହିଁ କାରଣ ଏହା ଏକ ଫ୍ୟାଶନ୍ ଅଟେ । ଆପଣ ତାହା ଏଇଥି ପାଇଁ କରନ୍ତି ନାହିଁ ଯେ ଆପଣଙ୍କୁ ତାହା କରିବାକୁ ପଡେ । ଆପଣ ତାହା ଏଇଥି ପାଇଁ କରନ୍ତି କାରଣ ଆପଣ ତାହା ଚାହାଁନ୍ତି ।

181 ଆପଣ ଏଇଥି ପାଇଁ ଧୂମପାନ କରନ୍ତି କାରଣ ଆପଣ ତାହା ଚାହାଁନ୍ତି । ଆପଣଙ୍କୁ ତାହା କରିବାର ଆବଶ୍ୟକତା ନାହିଁ । ମୁଁ ଭାବୁଛି ଯେ ମୁଁ କଦାଚ ଦେଖିଥିବା ସବୁଠାରୁ ନୀଚ ବିଷୟ ହେଉଛି ଏପରି ଜଣେ ସ୍ତ୍ରୀଲୋକକୁ ଦେଖିବା ଯିଏକି ରାସ୍ତାରେ ଯାଉଥାନ୍ତି, ଯେପରି

ଆପଣ ପ୍ରତ୍ୟେକ ଜଣଙ୍କୁ ଦେଖନ୍ତି, ଗାଡିରେ ଯାଉଥିବାବେଳେ, ସେମାନେ ନିଜର ଆଙ୍ଗୁଳି ମଧ୍ୟରେ ସିଗାରେଟ୍ ଧରି ରହିଥାନ୍ତି। କାହିଁକି, ଏହା ତ ଏକ ନିନ୍ଦନିୟ ବିଷୟ ଅଟେ। ତାହାହିଁ ହେଉଛି ସବୁଠାରୁ ବଡ ପଞ୍ଚମ-ପୃଷ୍ଠାର ଆନ୍ଦୋଳନ ଯାହାକି ଆମେ ଦେଶରେ ପାଇଅଛୁ, ଯେତେବେଳେକି ଡାକ୍ତର ଏବଂ ଆୟୁର୍ବିଜ୍ଞାନ କୁହେ ଯେ ଏହା କର୍କଟ ଏବଂ ସମସ୍ତ କିଛି ବିଷୟରେ ପରିପୂର୍ଣ୍ଣ ଅଟେ। ଏବଂ ସେମାନେ ସବୁବେଳେ, ସେଗୁଡିକୁ ଟାଣି ରହୁଥାଆନ୍ତି।

182 ଜଣେ ସ୍ତ୍ରୀଲୋକଙ୍କୁ ଦେଖନ୍ତୁ, ଯିଏକି ଏକ ଖ୍ରୀଷ୍ଟିଆନ ବୋଲି ଅନୁମାନ କରାଯାଏ, ସେଠାରେ ଏକ କୂଳରେ ବିସ୍ତାରିତ ଭାବରେ, ମିଶ୍ରିତ ସ୍ନାନ ହେତୁ ରହିଥାନ୍ତି, ସ୍ନାନ ପୋଷାକ ପିନ୍ଧି, ସେଠାରେ ବିସ୍ତାରିତ ହୋଇ ରହିଥାନ୍ତି। ମୋର ଦୁଇଟି କନ୍ୟା ଅଛନ୍ତି। ମୁଁ କହୁ ନାହିଁ ଯେ ସେମାନେ ତାହା କରିବେ ନାହିଁ। ସେମାନେ କୁହନ୍ତି ଯେ ସେମାନେ ଏକ ସୁର୍ଯ୍ୟର ଖରା ତାପୁଛନ୍ତି। ଯଦି ମୁଁ ଜୀବିତ ରୁହେ ତେବେ ସେମାନେ ଏକ ପୁତ୍ରର-ଖରା ପାଇବେ। ଏହା *ତାହା*ର ଏକ ପୁତ୍ର ହେବ। ବୁଝିଲେ? ଏହା ଶ୍ରୀମାନ ବ୍ରାନ୍‌ହାମ୍‌ଙ୍କର ପୁତ୍ର ହେବ, ପୁଣି ତାହା ସହିତ ସେତେ ଲମ୍ବା ଏକ ବୋର୍ଡ ହେବ। ମୁଁ ବିଶ୍ୱାସ କରେ ଯେ ଏହା ଭୁଲ ଅଟେ।

183 ତାହାପରେ ଆମେମାନେ ନିଜକୁ ବୋଲାଇଥାଉ, "ଓଃ, ଆମେ ତ ପେଣ୍ଟିକଷ୍ଟାଲ୍ ମଣ୍ଡଳୀର ସଦସ୍ୟ ଅଟୁ।" ଓଃ, ଆପଣଙ୍କୁ ଲାଜ ଲାଗିବା କଥା! ଠିକ୍ ଅଛି। ସେହି ପେଣ୍ଟିକଷ୍ଟାଲ୍ ମଣ୍ଡଳୀଟି ଆଗରୁ ନେଇ ପଛ ପର୍ଯ୍ୟନ୍ତ, ଏବଂ ଛାତ ଏବଂ ଭୂମିସ୍ଥ କୋଠରୀ ସମଗ୍ର, ଏବଂ ଉପର ମହଲା, ସର୍ବତ୍ର ଏକ ପରିଷ୍କାର କରାଯିବାକୁ ଆବଶ୍ୟକ କରେ। ତାହା ଠିକ୍। ଏବଂ ତଥାପି, ଏହାର ସବୁ କିଛିରେ, ଏହା ଆମେମାନେ ପାଇଥିବା ସର୍ବୋତ୍ତମ ବିଷୟ ଅଟେ। ମାତ୍ର ଏହା କରିପାରେ...

184 ଯେପରିକି ତାହା ବିପ୍ଳବ ଏବଂ ଜୋନ୍ ଅଫ୍ ଆର୍କ ସମୟରେ ହୋଇଥିଲା, ଫ୍ରାନ୍ସର ଏକ ବିପ୍ଳବୀ ଆବଶ୍ୟକ ରହିଥିଲା, ତେବେ ସେମାନେ ଏକ ପ୍ରତି-ବିପ୍ଳବୀକୁ ଆବଶ୍ୟକ କରିଥିଲେ ଯେ କେତେକ ସେହି ବିଷୟଗୁଡିକୁ ସଳଖ କରିବେ ଯାହା ସମ୍ବନ୍ଧରେ ସେମାନେ ବିପ୍ଳବ କରୁଥିଲେ।

185 ଏବଂ ପେଣ୍ଟିକଷ୍ଟାଲ୍ ମଣ୍ଡଳୀ ଏକ ବିପ୍ଳବୀକୁ ଆବଶ୍ୟକ କରେ। ଠିକ୍ ଅଛି। ନିଶ୍ଚିତ ଭାବରେ କରେ। ଭୁଲ୍ ଜିନିଷ ବିରୁଦ୍ଧରେ ଏକ ବିଦ୍ରୋହ କରିବା, ଏବଂ ଯାହା ଠିକ୍ ତାହା ଗ୍ରହଣ କରିବା, ଆମେନ୍, ପବିତ୍ରଆତ୍ମାଙ୍କର ଏକ ସତେଜ ବାପ୍ତିସ୍ମ: "ନିଜକୁ ପ୍ରସ୍ତୁତ କରିବା ନିମନ୍ତେ ଏକ ମଣ୍ଡଳୀ!"

186 ମନେରଖନ୍ତୁ, ଏହା କେବେବି ହେବ ନାହିଁ...ଆପଣ କହିପାରିବେ ନାହିଁ, "ତେବେ, ବର୍ତ୍ତମାନ, ମୁଁ ଏହି, ଆସେମ୍ବଲିଜରେ ସମ୍ପୃକ୍ତ ଅଟେ। ମୁଁ ଫୋର୍ସ୍କୋୟାର, କିମ୍ବା ଚର୍ଚ୍ଚ ଅଫ ଗଡ, କିମ୍ବା ଯୀଶୁ ନାମରେ ସମ୍ପୃକ୍ତ ଅଟେ," କିମ୍ବା—କିମ୍ବା ସେମାନଙ୍କ ମଧ୍ୟରୁ ଯେକୌଣସିଠାରେ ସମ୍ପୃକ୍ତ ଅଟେ। ନା! ଆପଣ ସେଗୁଡିକ ମଧ୍ୟରୁ କୌଣସିଟିରେ ପ୍ରବେଶ କରିପାରନ୍ତି ନାହିଁ।

187 ପରମେଶ୍ୱର ଆପଣଙ୍କୁ ଜଣେ ବ୍ୟକ୍ତିଗତ ମନୁଷ୍ୟ ଭାବରେ ଡାକନ୍ତି। ଏବଂ ଏହା ଆପଣ

ଅଟନ୍ତି ଯାହାଙ୍କୁକି ପରିଷ୍କାର କରାଯିବାକୁ ଅଛି, କାରଣ, "ସେ ବିଜାତୀୟମାନଙ୍କଠାରୁ ଏକ ଲୋକଙ୍କୁ ନେଉଛନ୍ତି, ତାହାଙ୍କର ନାମ ସକାଶୁ, ତାହାଙ୍କର କନ୍ୟା, ସେହି ବିଜାତୀୟକୁ ।"

188 ଏଷ୍ଟର ନିଜକୁ ପରିଷ୍କାର କଲା । ସେ ନିଜର ହୃଦୟକୁ ସଫା କଲା । ତାହାହିଁ ଅଟେ ଯାହାକି ସେ ସଫା କରିଥିଲା । ତାହାହିଁ ଅଟେ ଯାହାକି ମଣ୍ଡଳୀ ଆବଶ୍ୟକ କରେ: ଏକ ହୃଦୟ-ପରିଷ୍କାର କରାଯିବା ।

"ଆପଣ କିପରି ନିଜର ହୃଦୟକୁ ସଫା କରନ୍ତି, ଭାଇ ବ୍ରାନହାମ୍?"

189 "'ବାକ୍ୟରୂପ ଜଳ ଦ୍ୱାରା ଧୌତ ହୋଇ,' ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ମାଧ୍ୟମରେ ।"

190 ବାଇବଲ କୁହେ ଯେ ଏହା ସ୍ତ୍ରୀଲୋକମାନଙ୍କ ପାଇଁ ସେହିଭଳି ଆଚରଣ କରିବା, ଏବଂ ପୁରୁଷମାନେ ସେମାନଙ୍କୁ ସେହିପରି କରିବାକୁ ଦେବାଟା ଭୁଲ୍ ଅଟେ । ତାହା ଉଭୟେ ଆପଣ ଅଟନ୍ତି । ଜଣେ ପୁରୁଷ ଯିଏକି ନିଜ ସ୍ତ୍ରୀକୁ ସେହିପରି ପୋଷାକ ପିନ୍ଧିଥାଇ ଉଲଗ୍ନ ଅବସ୍ଥାରେ ରାସ୍ତାରେ ଯିବାକୁ ଦେବେ, ମୋର ତ ତାହାଙ୍କ ପାଇଁ ଏପରିକି ଜଣେ ପୁରୁଷ ସୁଦ୍ଧ ହୋଇଥିବାକୁ ନେଇ ଅତି ଅଳ୍ପ ସମ୍ମାନ ରହିବ । ସେହି ପୁରୁଷ ଏକ କଣ୍ଢେଇ ଅଟନ୍ତି । ତାହା ଠିକ୍ । ସେହି ସ୍ତ୍ରୀଲୋକ ତାଙ୍କୁ ଏକ ପାତ୍ର ଧୋଇବା ଭାବରେ ବ୍ୟବହାର କରେ । ଆପଣମାନଙ୍କୁ ଲାଜ ଲାଗିବା କଥା । ଆପଣଙ୍କୁ ତ ପୁରୁଷ ହେବା ଉଚିତ୍ ।

191 ଏବଂ ଜଣେ ପାଳକ ଯିଏକି ନିଜର ମଣ୍ଡଳୀକୁ ଏହିପରି ବିଷୟଗୁଡ଼ିକ ସହିତରେ ଯିବା ପାଇଁ ଛାଡ଼ିଦେବେ, ପୁଣି ପ୍ରଚାର ମଞ୍ଚରୁ ସେହି କଳା ଦାଗକୁ ବାହାର କରିବା ନିମନ୍ତେ କଠୋର ପ୍ରଚାର ନ କରିବେ । ସେ ତ ଜଣେ ଭୀରୁ ଅଟନ୍ତି । ଆମକୁ ଯାହା ଆବଶ୍ୟକ ତାହା ହେଉଛି ଏପରି ପୁରୁଷମାନେ, ଯିଏକି ସେହି ସୁସମାଚାରକୁ, ରବର ଗ୍ଲୋଭସ୍ ସହିତରେ ନୁହେଁ, ବରଂ ପବିତ୍ରଆତ୍ମାଙ୍କର ଶକ୍ତି ଏବଂ ପ୍ରଦର୍ଶନ ସହିତରେ, ବାକ୍ୟ ସହିତରେ ପରିଚାଳନା କରିବେ । ବାଇବଲ କୁହେ ଯେ ଏହି ସବୁ ବିଷୟଗୁଡିକ ଭୁଲ ଅଟେ । ଲୋକମାନଙ୍କ ପାଇଁ ସେହିଭଳି କାର୍ଯ୍ୟ କରିବା, ସେହିଭଳି ଆଚରଣ କରିବା ଭୁଲ୍ ଅଟେ । ଏହାକୁ ତ ପ୍ରଚାର କରାଯିବା ଉଚିତ୍, ଓ ଜୀବନରେ ଆଚରଣ କରାଯିବା ଏବଂ ସର୍ବତ୍ର ରହିବା ଉଚିତ୍ । ନତୁବା, ସେହି ମଣ୍ଡଳୀ ଏକ ଶୁଦ୍ଧୀକରଣ, ଏକ ସଫା କରିବା ବିଷୟକୁ ଆବଶ୍ୟକ କରେ ।

192 ଏଷ୍ଟର ପରମେଶ୍ୱରଙ୍କ ଆଗରେ ନିଜର ହୃଦୟକୁ ଶୁଦ୍ଧ କଲା, ଏକ ନମ୍ର ଓ ଦୀନ ଆତ୍ମା ସହିତ ଗମନାଗମନ କଲା; ସେହି ମଣ୍ଡଳୀ ଯାହାକି ଖ୍ରୀଷ୍ଟଙ୍କ କନ୍ୟା ହେବାକୁ ଯାଉଅଛନ୍ତି । ତେବେ, ମନେରଖନ୍ତୁ, ଏଷ୍ଟର ସେହି ସାଂସାରିକ ସାଜସଜ୍ଜାକୁ ମନା କରି ଦେଇଥିଲା । ସେ ତ ରାଜାଙ୍କ ସମ୍ମୁଖକୁ ଯିବା ପାଇଁ, ନିଜର ହୃଦୟରେ ଆତ୍ମାକୁ ଗ୍ରହଣ କରିଥିଲା ।

193 ଏବଂ ଆଜି ସେହି ସ୍ତ୍ରୀଲୋକ, ସେହି ମଣ୍ଡଳୀ ଯିଏକି ଏହା ଭାବୁଛି ଯେ ସେ ଭିତରକୁ ପ୍ରବେଶ କରିଯିବ କାରଣ ତାଙ୍କ ପାଖରେ ଅଧିକ ସଂଖ୍ୟା ରହିଛି, ସେ ତ ସବୁଠାରୁ ଶ୍ରେଷ୍ଠ ପୋଷାକ ପରିହିତା ଜନତା ଅଟେ, ତାଙ୍କ ପାଖରେ ସବୁଠାରୁ ବଡ ସଂଗଠନ ଅଛି, ସେହି ସହରର ସବୁଠାରୁ ବଡ ମଣ୍ଡଳୀ ଅଛି, ଏବଂ ସେହିପରି ବିଷୟଗୁଡିକ ପ୍ରଭୃତି, ତାହହେଲେ

ଆପଣ ଏହାକୁ ଲକ୍ଷ ଲକ୍ଷ ମାଇଲ୍ ବାଟ ଦୂରରୁ ହରାଇବେ ଯଦି ଆପଣ ସେହି ବିଷୟଗୁଡ଼ିକ ଉପରେ ନିର୍ଭର କରୁଅଛନ୍ତି ।

194 ଏହା ତ ପରମେଶ୍ୱରଙ୍କ ବାକ୍ୟ ପ୍ରତି ଏକ ମଧୁର, ଦୟାଳୁ, ସମ୍ମାନଯୋଗ୍ୟ ଆତ୍ମା ଅଟେ, "ବାକ୍ୟରୂପ ଜଳ ଦ୍ୱାରା ଧୌତ ହୋଇ," ଏବଂ ଆପଣଙ୍କ ଭିତରେ ଥିବା ବାକ୍ୟ । ଏହା ତ ଏକ ଧୋଇବା ଅଟେ । ଆମେନ୍ । ମଣ୍ଡଳୀ ଏକ ଧୌତ କରାଯିବା, ପୂର୍ଣ୍ଣ-ସୁସମାଚାର ଧୌତ କରାଯିବା ଆବଶ୍ୟକ କରେ । ତାହା ଠିକ୍ । କେବଳ ଏକ ଅଂଶ ବିଶେଷ ଧୌତ ହେବା ନୁହେଁ, ବରଂ ଏକ ପୂର୍ଣ୍ଣ-ସୁସମାଚାର ଧୌତ କରାଯିବା, ପରିଷ୍କାର କରାଯିବା, "ଖ୍ରୀଷ୍ଟ ଯୀଶୁଙ୍କଠାରେ ନୂତନ ସୃଷ୍ଟି କରାଯିବା" କୁ ଆବଶ୍ୟକ କରେ ।

195 ଯୀଶୁଙ୍କ କନ୍ୟା ଏକ ଅପରିଷ୍କୃତ କନ୍ୟା ନୁହେଁ । ସେ ତାହାଙ୍କର କନ୍ୟାକୁ, ଅପରିଷ୍କୃତ ଗ୍ରହଣ କରିବେ ନାହିଁ ।

196 ଯଦି ଜଣେ ସ୍ତ୍ରୀଲୋକ ବିବାହ କରିବାକୁ ଆସନ୍ତି, ଏବଂ ସେ ଏପରି ଦେଖାଯାଆନ୍ତି ଯେପରିକି ସେ ଘୁଷୁରୀ ଗୁହାଳରୁ ସେଠାକୁ ବାହାରି ଆସିଛନ୍ତି; ତାହାହେଲେ ଜଣେ ବ୍ୟକ୍ତି ଯାହାଙ୍କ ପାଖରେ ନିଜ ବିଷୟରେ ଟିକିଏ ବି କୌଣସି ସମ୍ମାନ ରହିଛି, ତାଙ୍କୁ ବିବାହ କରିବେ ନାହିଁ । ସେ ତ ସେହି ସ୍ତ୍ରୀଲୋକଙ୍କୁ ପ୍ରଥମେ ନିଜକୁ ସଫା କରିବା ପାଇଁ ପ୍ରବର୍ତ୍ତାଇବେ ।

197 ଏବଂ ଯେତେବେଳେ ଖ୍ରୀଷ୍ଟଙ୍କ ମଣ୍ଡଳୀ ବିବାହ କରିବାକୁ ଆସେ, ଏହା ଭାବି ଯେ ସେ କନ୍ୟାରେ ଯାଉଅଛନ୍ତି, ପୁଣି ତାଙ୍କ ଉପରେ ସମସ୍ତ ଜଗତ ଲାଗି ରହିଥାଏ, ଖ୍ରୀଷ୍ଟଙ୍କ କନ୍ୟା ସେହିପରି ହେବେ ନାହିଁ । ନା, ଆଜ୍ଞା ।

ମୋତେ ଶୀଘ୍ର କରିବାକୁ ପଡିବ ।

198 ପୁଣି ନା ତ ଚର୍ଚ୍ଚ ଅଫ କ୍ରାଇଷ୍ଟ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଅଟେ, ସେହି ମଣ୍ଡଳୀ ତ ଏକ ଚିରାଚରିତ ମଣ୍ଡଳୀ ନୁହେଁ, କିମ୍ବା, ନାମଧାରୀ ସଂସ୍ଥାଗୁଡ଼ିକର ଛିଣ୍ଡା-ହୋଇଥିବା କନା ସହିତରେ ସଜ୍ଜିତ ନୁହେଁ । ତାକୁ କୌଣସି ମହାନ ନାମଧାରୀ ସଂସ୍ଥାର ଜଣେ ସଦସ୍ୟ ହେବାର ଆବଶ୍ୟକତା ନାହିଁ । ତାକୁ ତ ରକ୍ତ-ଧୌତ, ରକ୍ତ-କ୍ରୀତ ହେବା ଆବଶ୍ୟକ ଅଟେ । ଏହା କହିବା ନୁହେଁ ଯେ ଆମେ ସବୁଠୁ ବଡ ମଣ୍ଡଳୀରେ ସମ୍ପୃକ୍ତ ଅଟୁ, ସବୁଠୁ ବଡ ସଂଗଠନରେ, କିମ୍ବା *ଏହା, ତାହା,* ଅବା *ଅନ୍ୟ* କିଛି ସହିତରେ *।* ତାକୁ ତ ନିଜର—ନିଜର ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା, ବିଶୁଦ୍ଧ, ପବିତ୍ରୀକୃତ, ପବିତ୍ର, କୌଣସି ଦାଗ କିମ୍ବା କୁଞ୍ଚନ ବିନା ହେବା ଆବଶ୍ୟକ ।

199 ଯେପରିକି ଏଷ୍ଟର ଥିଲା, ହୃଦୟରେ ଲୁକ୍କାୟିତ ଥିବା ସେହି ମନୁଷ୍ୟ, ସେହି ଲୁକ୍କାୟିତ ବ୍ୟକ୍ତି, ପରମେଶ୍ୱରଙ୍କ ଆତ୍ମାର ବିନମ୍ରତା ଏବଂ ଭଦ୍ରତା, ମନୁଷ୍ୟର ହୃଦୟରେ; ଜଗତର ଗୌରବ ଏବଂ ଶ୍ରେଣୀ ନୁହେଁ ।

200 ମୁଁ ସବୁବେଳେ କହିଅଛି ଯେ ଜଗତ ଚମକେ; ସୁସମାଚାର ଉଜ୍ଜ୍ୱଳ ଭାବେ ଆଲୋକିତ ହୋଇଥାଏ । ଓଃ, ଏହା ତ ମାଇଲ୍ ମାଇଲ୍ ଅଲଗା ଅଟେ । ହଲିଉଡ୍ ଚମକିଥାଏ; ଖ୍ରୀଷ୍ଟଙ୍କ

ମଣ୍ଡଳୀ ତ ସୁନ୍ଦରତା, ଏବଂ କୋମଳତା, ଏବଂ ମଧୁର, ଦୟାଭାବରେ ଉଜ୍ଜ୍ୱଳ ଭାବେ ଆଲୋକିତ ହୋଇଥାଏ । ତାହା ଠିକ୍ ଅଟେ ।

201 ଏଷ୍ଟର ଜଗତର ସମସ୍ତ ଆଧୁନିକ ପୋଷାକ ସହିତ ନିଜକୁ ସଜାଇବାକୁ ଚାହିଁ ନ ଥିଲା । ତାହା ଜଣେ ରାଜାଙ୍କ ପତ୍ନୀ ପରି ଦେଖାଯିବ ନାହିଁ ।

202 ଏବଂ କଅଣ ଆମେମାନେ, ଜଗତ ପରି ହେବାକୁ ଚାହୁଁଅଛି କି, ଏବଂ କଅଣ ତାହା ଏକ ପବିତ୍ର ପୁରୁଷଙ୍କ ପତ୍ନୀ ପରି ଦେଖାଯିବ କି? ଆମେମାନେ, ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀ ଭାବରେ, ନିଜକୁ ଜଗତର ଜିନିଷଗୁଡ଼ିକରେ ସଜାଇଥାଉ, ଏବଂ ତାହାପରେ କଅଣ ଜଣେ ପବିତ୍ର ପୁରୁଷଙ୍କ ପତ୍ନୀ ପରି ଦେଖାଯିବା କି? କଅଣ ତାହା ସ୍ୱାଭାବିକ ଦେଖାଯିବ କି?

203 ଯଦି ଆପଣ ଆଜି ଜଣେ ପୁରୁଷଙ୍କୁ ଦେଖିଥିବେ, ଯିଏକି ଜଣେ ପବିତ୍ର ବ୍ୟକ୍ତି ହୋଇଥିବେ; ଏଠାରେ ତାଙ୍କ ପତ୍ନୀ ଆସନ୍ତି, ସେହି ପ୍ରଥମ ମହିଳାଙ୍କ ପରି ଥାଆନ୍ତି, ଏହିପରି ଭାବରେ ଏକ ବଡ଼ କେଶସଜ୍ଜା ମଧ୍ୟରୁ ଗୋଟିକ କରି; ଏବଂ ଗୋଟିଏ ପଟେ ଲାଲ୍ ରଙ୍ଗ ପ୍ରସାଧନ, ଏବଂ ଅନ୍ୟ ପଟେ ସବୁଜ ରଙ୍ଗ ପ୍ରସାଧନ, ଏବଂ—ଏବଂ ଏପରି ଦେଖାଯାନ୍ତି ଯେପରିକି ତାଙ୍କୁ କିଏ ପେଣ୍ଟ ବ୍ରଶରେ ପାଟିରେ ଆଘାତ କରି ଦେଇଛି; ଏବଂ ସେହିପରି ଭାବରେ ଏହି ସମସ୍ତ ବିଷୟଗୁଡିକ, ରାସ୍ତାରେ ଚାଲି ଯାଉଥାନ୍ତି, ସେହି ପରି ଚର୍ମ ବିଚ୍ଛେଦ ଦିଶୁଥିବା ଚିପା-ଛୋଟ ପୋଷାକରେ; ଏବଂ ଜୋତାର ହିଲ୍ ଏତେ ଉଚ୍ଚ ରହିଥାଏ, ମୋଡ଼ି ହୋଇ, ରାସ୍ତାରେ ଅଙ୍କେଇ ବଙ୍କେଇ ଚାଲୁଥାନ୍ତି; ଏବଂ କହିବେ, "ତାହା ଜଣେ ପବିତ୍ର ପୁରୁଷର ପତ୍ନୀ ଅଟନ୍ତି"? ମୁଁ ଥଟ୍ଟା କଥା କହୁନାହିଁ । ମୁଁ ତ କେବଳ ବିବୃତ୍ତି ଦେଉଅଛି ।

204 ମୁଁ କିଛି ଦିନ ପୂର୍ବରୁ, ଆମର ଏକ ମହାନ ପେଣ୍ଟିକଷ୍ଟାଲ୍ ଆନ୍ଦୋଳନ ମଧ୍ୟକୁ ଆସିଲି । ମୁଁ ଏକ ତମ୍ବୁ ସ୍ଥାପନ କରିଥିଲି । ଆଉ ପାଳକ ମୋତେ କହିଲେ, କହିଥିଲେ, "ମୋ ପତ୍ନୀ ଓର୍ଗାନ ବାଦ୍ୟଯନ୍ତ୍ର ବଜାନ୍ତି ।"

ମୁଁ କହିଲି, "ଭାଇ, ତାହା ଉତ୍ତମ ଅଟେ ।"

"କଅଣ ସେ ବଜାଇଲେ ଆପଣ କିଛି ଖରାପ ଭାବିବେ କି?"

ମୁଁ କହିଲି, "ନା । ନା, ଆଜ୍ଞା । ମୁଁ ନିଶ୍ଚିତରେ ଖରାପ ଭାବିବି ନାହିଁ ।"

205 ଏବଂ ସେ ପ୍ରବନ୍ଧକଙ୍କ ପାଖକୁ ଗଲେ । ପ୍ରବନ୍ଧକ କହିଲେ, ଭାଇ ବାକ୍ସଟର, କହିଲେ, "ତାହା ଠିକ୍ ଅଛି ।"

206 ସେ କହିଲେ, "ଭାଇ ବ୍ରାନହାମ୍, ଏଠାକୁ ଆସିଯାଆନ୍ତୁ । ମୁଁ ଚାହେଁ ଯେ ଆପଣ ମୋ ପତ୍ନୀଙ୍କୁ ଭେଟନ୍ତୁ ।" ଏବଂ ମୁଁ ସେଠାକୁ ଗଲି ।

207 ଦୟାକରି ମତେ କ୍ଷମା କରିବେ । ବୁଝିଲେ? ମୁଁ ଆମ ପାଇଁ ଏକ—ଏକ ଟିପ୍ପଣୀ, କରିବାକୁ ଚେଷ୍ଟା କରୁନାହିଁ । ମୁଁ ଏକ ବକ୍ତବ୍ୟ ଦେବାକୁ ଚେଷ୍ଟା କରୁଛି । ବୁଝିଲେ?

208 ଏବଂ ସେହି ସ୍ତ୍ରୀଲୋକଜଣକ ଏଠାରେ ତାଙ୍କର ହାତ ଓ ନଖର ସୌନ୍ଦର୍ଯ୍ୟବନ୍ଧକ ପରିଚର୍ଯ୍ୟା କରିଥିଲେ। ମୁଁ ଜାଣେ ନାହିଁ। ସେହି ଜିନିଷ, ଆପଣମାନେ ଜାଣନ୍ତି, ସବୁକିଛି ସାଜସଜ୍ଜା କରା ଯାଇଥାଏ, ଏବଂ ମୁଁ ମୋ ଜୀବନରେ କେବେବି ସେହିପରି କିଛି ଦେଖି ନ ଥିଲି; ଏବଂ ଏପରି ଏକ ପୋଷାକ ଯାହାକି *ଏଠାରେ* ଏତେ ତଳକୁ ରହିଥିଲା, ସେଥିରେ କିଛି ହେଲେ ପଛ ପାର୍ଶ୍ୱରେ ନ ଥିଲା, ଏବଂ ସେଥିରେ ତଳ ଭାଗ ମଧ୍ୟ ପ୍ରାୟଃ କିଛି ନ ଥିଲା। ଏବଂ ମୁଁ—ମୁଁ ମୋ ଜୀବନରେ ସେପରି ଚେହେରା କେବେବି ଦେଖି ନ ଥିଲି। ଏବଂ ତାଙ୍କର ଏତେ ବଡ଼ ବଡ କାନଫୁଲ ଏହିପରି ଭାବରେ ଝୁଲି ରହିଥିଲା, ଏବଂ ବହୁତ ଅଧିକ ସୌଦର୍ଯ୍ୟ ପ୍ରସାଧନ ରହିଥିଲା।

209 ଏବଂ ମୁଁ ଚାରିଆଡେ ଅନାଇଲି। ମୁଁ ଚିନ୍ତା କଲି, "ଓଃ, ମୁଁ!" ମୁଁ ଜଣେ ବାପ୍‌ଟିଷ୍ଟ ଅଟେ, ଏବଂ ମୁଁ ତାହା ଅପେକ୍ଷା ଅଧିକ ଭଲ ଭାବରେ ଜାଣେ। ମୁଁ ପୁଣି ଥରେ ଅନାଇଲି। ମୁଁ କହିଲି...

210 ତେବେ, ଦୟାକରି, ଏହା ଏକ ପରିହାସର ବିଷୟ ନୁହେଁ। ମାତ୍ର ମୋତେ ଏହା ସେହି ଭାଇଙ୍କୁ କହିବାକୁ ପଡିଲା, ଏବଂ ମୁଁ ଆଶା କରେ ଯେ ଏହା ତାଙ୍କୁ ସାହାଯ୍ୟ କଲା। ଏହାକୁ ଅଲଗା ହେବା ପାଇଁ କହି ନ ଥିଲି; ଯଦି ମୁଁ କରିଥାଏ, ତେବେ ମୁଁ ଜଣେ କପଟୀ ହେବି, ଦେଖନ୍ତୁ, ମୋତେ ତ ନିଜେ, ପରିଷ୍କୃତ ହେବାର ଆବଶ୍ୟକ ଥିଲା।

ମୁଁ କହିଲି, "ମହାଶୟ, କଅଣ ଆପଣ କହିଲେ କି ଆପଣଙ୍କର ପତ୍ନୀ ଜଣେ ସାଧୁ ଅଟନ୍ତି?"

କହିଲା, "ଓଃ, ହଁ।"

211 ମୁଁ କହିଲି, "ମୋତେ ତ, ସେ ଜଣେ ନ ଥିବା ପରି ଦିଶୁଛନ୍ତି।" ମୁଁ କହିଲି, "ଜଣେ ସେବକଙ୍କ ପତ୍ନୀ ଭାବରେ, ମୁଁ—ମୁଁ ମୋ ଜୀବନରେ କେବେବି ଏପରି ଦୃଶ୍ୟ ଦେଖି ନାହିଁ। ତାହା ତ ଜଣେ ପବିତ୍ର ପୁରୁଷର ସ୍ତ୍ରୀ ପରି ଦେଖାଯାନ୍ତି ନାହିଁ।"

212 ଏବଂ ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀ ମଧ୍ୟ, ତାର ପୋଷାକର ଶୈଳୀ ଉପରେ, ତାର ଚାହା ଜଳପାନ ଭୋଜରେ, ଏବଂ ବଙ୍କୋ ଖେଳ ଆମୋଦ ପ୍ରମୋଦରେ, ଏବଂ ତାଶ ପତା ଖେଳରେ, ଏବଂ ନୃତ୍ୟରେ, ଏବଂ ସାମାଜିକ ବିଷୟରେ ନିର୍ଭର କରେ ନାହିଁ, ନିଜକୁ ଜଗତ ସହିତ, ସେହିପରି ଭାବରେ ସଜ୍ଜିତ କରେ ନାହିଁ, ଓ ଏକ ପବିତ୍ର ପରମେଶ୍ୱରଙ୍କ କନ୍ୟା ପରି ଦେଖାଯାଏ ନାହିଁ। ଯେତେବେଳେ ସେ ସିଗାରେଟ୍ ଟାଣେ, ଏବଂ ନୃତ୍ୟ କରେ, ଏବଂ ଆମୋଦ ପ୍ରମୋଦ ମିଳନଭୋଜକୁ ଯାଏ, ଏବଂ ସୁପ୍ ସନ୍ଧ୍ୟାଭୋଜକୁ ଯାଏ, ଏବଂ ମିଶ୍ରିତ ମଦ୍ୟପାନ କରିଥାଏ, ଏବଂ ସେହିପରି ସବୁ ବିଷୟକୁ କରିଥାଏ, ଏବଂ କହିଥାଏ ଯେ ସେମାନେ କଅଣ ଖ୍ରୀଷ୍ଟଙ୍କର କନ୍ୟା ନୁହଁନ୍ତି କି? ମୋତେ ତ, ସେ ଜଣେ ପବିତ୍ର ପୁରୁଷଙ୍କ ପତ୍ନୀ ପରି ଦେଖାଯାଆନ୍ତି ନାହିଁ। ନା, ମହାଶୟ। ସେ ଏହିପରି ଏକ ବିଷୟକୁ ବାଛିବେ ନାହିଁ। ସେ ତ ଏପରି ଜଣେ ସ୍ତ୍ରୀଲୋକକୁ ନେବେ ଯିଏକି ଠିକ୍ ଅଟନ୍ତି, ଠିକ ତାହା ଦେଖାଯାଆନ୍ତି ଯାହା

ପ୍ରତିନିଧିତ୍ୱ କରିବାକୁ ଚେଷ୍ଟା କରିଥିଲେ । ମୁଁ ବିଶ୍ୱାସ କରେ ଯେ ତାହା ସତ ଅଟେ । ତାହା ଅଳ୍ପ ଟିକିଏ ଆଘାତ ଦେଇପାରେ ।

213 ମୋର ବୃଦ୍ଧ ଦକ୍ଷିଣ ପ୍ରାନ୍ତିୟ ମାଆ ଚାଲି ଯାଇଛନ୍ତି । ଯେତେବେଳେ ମୁଁ ଜଣେ ସାନ ବାଳକ ଥିଲି, ସେତେବେଳେ ଆମ ପାଖରେ ରହୁଥିଲା...ଖାଇବାକୁ କିଛି ବିଷୟ ନ ଥିଲା, କ୍ୱଚିତ୍ ହିଁ, ଏବଂ ଆମ ପାଖରେ କଳା-ନୟନ ମଟର ଏବଂ ମକା ରୁଟି ରହୁଥିଲା । ମୁଁ ଜାଣେ ନାହିଁ ଯେ ଆପଣମାନେ ତାହା ଜାଣିଛନ୍ତି କି ନାହିଁ ଯେ ତାହା କଅଣ ଅଟେ । ତେଣୁକରି ଆମ ପାଖରେ ନ ଥାଏ...ତାଙ୍କ ପାଖରେ ବର୍ଷସାରା ପାଇଁ କୌଣସି ତେଲ ନ ଥିଲା, ଏବଂ ଆମମାନଙ୍କୁ ତ ସେହି ପୁରୁଣା ବଡ ତାୱାକୁ ପ୍ରାୟଃ ସେହି ପ୍ରକାରେ ନେବାକୁ ପଡିଥାଏ, ଏବଂ ସେଥିରେ ମାଂସ ଚର୍ମ ଲଗାଇବାକୁ ପଡିଥାଏ । ଆମେମାନେ ତାକୁ ସେଠାରେ ନେଇଥାଉ ଯେଉଁଠାରେ ସେମାନେ କାଟିଥାନ୍ତି, କିମ୍ବା କସାଇମାନେ ସେହି ମାଂସକୁ କାଟି ଆମକୁ ଚର୍ମ ଦେଇଥାନ୍ତି । ଏବଂ ଆମେମାନେ ସେହି ଚର୍ବୀ ତେଲକୁ ପାଇ, ଏହାକୁ ସେଠାରେ ଢାଳିବା ପାଇଁ, ଏହାକୁ ଉପର ତଳ ଉପସ୍ଥାପନ କରିଥାଉ ।

214 ପ୍ରତ୍ୟେକ ଶନିବାର ରାତିରେ, ମାଆ କୁହନ୍ତି ଯେ ଆମକୁ ଜଡା ତେଲର ଏକ ମାତ୍ରା ଦରକାର ଅଟେ । ଏବଂ ମୁଁ—ମୁଁ ଏପର୍ଯ୍ୟନ୍ତ ସୁଦ୍ଧା ସେହି ବସ୍ତୁକୁ ସହ୍ୟ କରିପାରେ ନାହିଁ । ଏବଂ ମୋତେ ଏହାକୁ ନେବାକୁ ପଡୁଥିଲା । ମୁଁ ଏହିପରି ଭାବରେ ନାକ ଧରି, ତାଙ୍କ ପାଖକୁ ଆସିଥାଏ । ମୁଁ କହିଥାଏ, "ମାମା, ମୁଁ—ମୁଁ ଏହାକୁ ସହ୍ୟ କରିପାରୁ ନାହିଁ ।" ମୁଁ କୁହେ, "ଏହା ମୋତେ ଅତି ଅସୁସ୍ଥ କରିଦିଏ ।"

ସେ କୁହନ୍ତି, "ଯଦି ଏହା ତୁମକୁ ଅସୁସ୍ଥ ନ କରିବ, ତେବେ ଏହା ତୁମର କୌଣସି ଲାଭ କରିବ ନାହିଁ ।"

215 ଅତଏବ ମୁଁ ଭାବୁଛି ଯେ ତାହା ଠିକ ସେହି ପ୍ରକାରେ ସୁସମାଚାର ପ୍ରଚାର କରିବା ସହିତରେ ଅଟେ । ଯଦି ଏହା ଆପଣଙ୍କୁ ଅଳ୍ପ ଟିକେ ଉତ୍ତେଜିତ ନ କରେ, ଆପଣଙ୍କୁ ନ କରାଏ...ଏହା ଅନୁଭବ ନ କରାଏ ଯେ ଆପଣଙ୍କର ଆତ୍ମିକ ଉଦରସ୍ଥ ବ୍ୟବସ୍ଥା ସବୁ ଠିକ୍ ଆରମ୍ଭ ହୋଇଅଛି, ଆପଣଙ୍କୁ ଟିକିଏ ଅସୁସ୍ଥ ନ କରେ, ଯେପରିକି ନିଜକୁ ବାଇବଲ ସହିତ ପରୀକ୍ଷା କରନ୍ତି: ଦେଖନ୍ତି ଯେ ସେହି ପୁରୁଣା କ୍ରୋଧ, ଏବଂ ସ୍ୱାର୍ଥପରତା, ଅଧାର୍ମିକତା, ଜଗତର ପ୍ରେମ, ଟେଲିଭିଜନ୍, ଏବଂ ରାତିର ଜିନିଷଗୁଡିକ; ଏବଂ ଗୀର୍ଜାକୁ ଖାଲି ଛାଡିଦେବା, ଏବଂ ବସିବାର ଆସନଗୁଡିକ ଖାଲି ରହିବା । ଯେତେବେଳେକି, ଆପଣଙ୍କୁ ତ ସେଠାରେ ଯୀଶୁଙ୍କ ପରି ରହିବା ଉଚିତ୍, ଆପଣଙ୍କ ଭିତରେ ତାହାଙ୍କର ଆତ୍ମା ରଖିବା ଉଚିତ, ଦେଶର ସମସ୍ତଙ୍କୁ ନିଜର ମଣ୍ଡଳୀକୁ ଆଣିବା ନିମନ୍ତେ ଚେଷ୍ଟା କରିବା ଉଚିତ, ଯେପରିକି ଖ୍ରୀଷ୍ଟଙ୍କୁ ଗ୍ରହଣ କରନ୍ତି । ପୁଣି ଆମେମାନେ ନିଜକୁ ଖ୍ରୀଷ୍ଟଙ୍କ କନ୍ୟା ବୋଲି କହିଥାଉ କି? ଓଃ, ବନ୍ଧୁ, କି ଏକ ଦୟାର ବିଷୟ ଅଟେ!

216 ସେହି ସମୟ ଆସିଯାଇଛି । "ତାହାଙ୍କର କନ୍ୟା ଆପଣାକୁ ସଜ୍ଜିତ କରିଅଛି ।" ଓଃ!

"ଆପଣାକୁ ସଜ୍ଜିତ କରିଅଛି ।" ସେ ଏହି ସବୁ ବିଷୟଗୁଡ଼ିକୁ ଅଲଗା କରିଦେଲା । ମନେରଖନ୍ତୁ, ଏଷ୍ଟର ବଛା ଯାଇଥିଲା, ଏବଂ ଅନ୍ୟମାନେ ପ୍ରତ୍ୟାଖ୍ୟାନ କରା ଯାଇଥିଲେ । ଏବଂ କେବଳ ସେମାନେ ଯେଉଁମାନେକି ନୂତନ ଜନ୍ମ ପାଇଅଛନ୍ତି, ଯେଉଁମାନଙ୍କ ପାଖରେ ପରମେଶ୍ୱରଙ୍କ ଆତ୍ମା ଅଛି, ସେହି ଦିନ ବଛା ଯିବେ, ଯେପରିକି ସେହି ଗୌରବର ମୁକୁଟ ତାଙ୍କ ମସ୍ତକ ଉପରେ ପିନ୍ଧାଯିବ । ଏବଂ ଅନ୍ୟମାନେ ପ୍ରତ୍ୟାଖ୍ୟାନ କରାଯିବେ ।

217 ମୋତେ ଆପଣମାନଙ୍କୁ ଅଳ୍ପ ଟିକିଏ କିଛି ସେହି ବିଷୟରେ କହିବାକୁ ଦିଅନ୍ତୁ ଯାହାକି ଘଟିଥିଲା । ମୁଁ—ମୁଁ, ମୁଁ ଜଣେ ମିଶନାରୀ ଅଟେ, ଯେପରିକି ଆପଣମାନେ ଜାଣନ୍ତି, ସୁସମାଚାର ପ୍ରଚାର, ମିଶନାରୀ କାର୍ଯ୍ୟ କରିଥାଏ, ସମଗ୍ର ବିଶ୍ୱରେ, ପ୍ରାୟଃ ସାତଥର ଘୁରି ସାରିଲିଣି । ଏଠାରେ, ଅଳ୍ପ କିଛି ଦିନ ପୂର୍ବରୁ, ରୋମ୍ ସହରରେ, ରୋମ୍ କଳା ପାଇଁ ଏକ ମହାନ ସହର ଅଟେ । ଏବଂ ସେଠାରେ ସେମାନଙ୍କର ଏକ କଳା ବିଦ୍ୟାଳୟ ଥିଲା, ଏବଂ ଆମର ଅନେକ ଆମେରିକୀୟ ଯୁବା ପିଲାମାନେ ପ୍ରତିବର୍ଷ ସେଠାକୁ ଯାଆନ୍ତି, ଯେପରିକି କଳାରେ ଗୋଟିଏ-କିମ୍ବା-ଦୁଇ ବର୍ଷର ତାଲିମ ନିଅନ୍ତି, ଚିତ୍ର ଆଙ୍କିବାକୁ ଶିଖନ୍ତି । ଯେପରିକି ମୋତେ କାହାଣୀଟି କୁହାଯାଇଛି, ଅଳ୍ପ କିଛି ବର୍ଷ ପୂର୍ବେ, ସେଠାରେ ଦଳେ ଆମେରିକୀୟ ଯୁବା ପିଲାମାନେ ଏଠାକୁ ଆସିଥିଲେ । ଏବଂ ଯେତେବେଳେ ସେମାନେ ସେଠାରେ ପହଞ୍ଚିଲେ, ସେମାନେ କେବଳ ଘୁଷୁରୀ-ତୁଲ୍ୟ ଅମାନିଆ ହୋଇଗଲେ । ଯେତେବେଳେ ସେମାନେ ରୋମ୍‌ରେ ଥାଆନ୍ତି, ସେମାନେ ରୋମ୍ ପରି କାର୍ଯ୍ୟକଳାପ କରିଥାଆନ୍ତି: ବାହାରକୁ ଯାଆନ୍ତି ଏବଂ ମଦ ପିଅନ୍ତି, ଓ ନିଜକୁ ନିର୍ବସ୍ତ୍ର ଉଲଗ୍ନ କରନ୍ତି, ଏବଂ ଅନ୍ୟ ସବୁକିଛି ବିଷୟ କରନ୍ତି, ଏବଂ ଉଭୟ ବାଳକ ଏବଂ ବାଳିକା, ସେହିପରି ଭାବରେ ଆଚରଣ କରିଥାନ୍ତି ।

218 ଏବଂ ସେଠାରେ ଏକ ନିର୍ଦ୍ଦିଷ୍ଟ ବିଦ୍ୟାଳୟ ଥିଲା । ଏବଂ ଏହି ବିଦ୍ୟାଳୟରେ, ଏହି—ଏହି ଯୁବା ଆମେରିକୀୟମାନଙ୍କର ଗୋଷ୍ଠୀ ଆସିଲା । ଏବଂ ସେମାନଙ୍କ ମଧ୍ୟରୁ ସମସ୍ତେ, ପ୍ରାୟଃ, ସେହି ସମାନ କାର୍ଯ୍ୟ କରିଥିଲେ । ମାତ୍ର ଜଣେ ନିର୍ଦ୍ଦିଷ୍ଟ ସାନ ଝିଅ, ସେ ଏହାକୁ ଆଦୌ, ସହ୍ୟ କରି ନ ଥିଲା । ସେ ସେଠାରେ ରହିଥିଲା । ରାତି ସମୟରେ, ଯେତେବେଳେ ସେମାନେ ସମସ୍ତେ ମଦ୍ୟପାନ କରୁଥିଲେ, ସେ ପଢୁଥିଲା । ଦିନ ସମୟରେ, ସେ କାମ କରୁଥିଲା, ଅଧ୍ୟୟନ କରୁଥିଲା । ତେବେ, ସେ ସମଗ୍ର ବିଦ୍ୟାଳୟର ଉପହାସ ପାତ୍ର ହୋଇଥିଲା । ଏବଂ ସେ ନିଜକୁ ଜଣେ ମହିଳା ପରି ପରିଚାଳନା କରୁଥିଲା, ନିଜେ ଜଣେ ମହିଳା ପରି ଆଚରଣ କରୁଥିଲା । ଯଦିଓ ସେଠାରେ ଯୁବା ରୋମାନ୍ ବାଳକମାନେ ଏବଂ ସବୁକିଛି ଆଖପାଖରେ ରହିଥିଲେ, ସେମାନେ ତାକୁ ବାହାରକୁ ବୁଲାଇ ନେବା ହେତୁ ବଳାଇବା ନିମନ୍ତେ ଚେଷ୍ଟା କରିଥିଲେ, ସେ ଏହାକୁ ମନା କରି ଦେଇଥିଲା । ନା, ମହାଶୟ । ସେ ତ ଠିକ ତାର ପାଠପଢା ସହିତ ରହିଥିଲା, ବରଂ, ଚିତ୍ର ଆଙ୍କିବାକୁ, ଏବଂ ରଙ୍ଗ କରିବାକୁ ଶିଖିଥିଲା । ଏବଂ ସେ ଏହା ସହିତ ରହିଥିଲା ।

219 ଅବଶେଷରେ, ସେହି ସ୍ଥାନରେ ଥିବା ଜଣେ ବୃଦ୍ଧ ତତ୍ତ୍ୱାବଧାରକ ଜଗୁଆଳି ତାଙ୍କୁ ଲକ୍ଷ୍ୟ କରିଥିଲେ, ଏହା ଦେଖି ଯେ ସେ ଏତେ ଭିନ୍ନ ଥିଲା, ଯଦିଓ ସେହି ବ୍ୟକ୍ତି ଜଣେ ରୋମାନ୍

କ୍ୟାଥୋଲିକ୍ ଥିଲେ, ତାଙ୍କୁ ଲକ୍ଷ୍ୟ କରିଥିଲେ, ଯେ ସେ କିପରି ନିଜକୁ ପରିଚାଳନା କରୁଅଛି । ଦିନେ ସନ୍ଧ୍ୟାରେ, ସେହି ଯୁବା ଝିଅ, ସେହି ଉଦ୍ୟାନରେ ଥିଲା ଯେଉଁଠାରେକି ସେହି—ସେହି ଷ୍ଟୁଡିଓ ଥିଲା, କାହିଁକି, କିମ୍ବା ସେହି ସ୍ଥାନରେ ଥିଲା ଯେଉଁଠାରେକି ସେମାନଙ୍କର ବିଦ୍ୟାଳୟ ଥିଲା, ସେ ସେହି ପରିସର ମଧ୍ୟରେ ଚଲାବୁଲା କରୁଥିଲା, ଏବଂ ପାହାଡର ଶିଖର ଆଡ଼କୁ ଗଲା ଏବଂ ସୂର୍ଯ୍ୟ ଅସ୍ତ ହେଉଥିଲା । ଏବଂ ସେ ସେଠାରେ ଛିଡା ହୋଇଥିଲା, ତାଙ୍କର ସୁନ୍ଦର, ସଫା ଚେହେରା ସହିତ, ଏବଂ ତାର କେଶ ଝୁଲି ରହିଥିଲା, ଏବଂ ସୂର୍ଯ୍ୟ ଅସ୍ତ ହେଉଥିବାର ସେହି ଦିଗ ଆଡ଼କୁ ଚାହିଁ ରହିଥିଲା ।

220 ସେହି ବୃଦ୍ଧ ତତ୍ତ୍ୱାବଧାରକ ସେଠାରେ ପ୍ରାଙ୍ଗଣରେ କୋଦାଳରେ ଘାସ କୁଟା ବଛାବଛି କରୁଥିଲେ । ସେ ସେହି କାର୍ଯ୍ୟ କରୁଥିବା ବେଳେ, ସେହି ଝିଅଟିକୁ ଦେଖି ରହିଥିଲେ । କିଛି ଗୋଟାଏ ତାଙ୍କୁ କେବଳ ନିରନ୍ତର କହିବାକୁ ଲାଗିଲା, "ଯାଅ, ତାହା ସହିତ କଥାବାର୍ତ୍ତା କର ।" ତେଣୁ ସେ ନିଜର କୋଦାଳ ତଳେ ରଖି ଦେଇ, ନିଜର ପୁରୁଣା ନଇଁ ଯାଉଥିବା ଟୋପିକୁ ଲଗାଇ, ସେହି ଯୁବା ମହିଳା ନିକଟକୁ ଯେଉଁଠାରେ ସେ ଛିଡା ହୋଇଥିଲେ ଗଲେ । ନିଜର ଗଳାକୁ ସଫା କଲେ । ସେହି ଝିଅ ବୁଲିପଡିଲା । ଏହି ବୃଦ୍ଧ ବ୍ୟକ୍ତି କହିଲେ, "ମୋତେ କ୍ଷମା କରିବେ, ସୁଶ୍ରୀ ।"

ସେ କହିଲା, "ହଁ, ମହାଶୟ । ନିଶ୍ଚିତରେ ।"

221 ଏବଂ ସେହି ବ୍ୟକ୍ତି ଲକ୍ଷ୍ୟ କଲେ ଯେ ସେ କାନ୍ଦୁଥିଲା । ବାକି ସମସ୍ତେ ତ ସେହି ରାତିରେ ଏକ ବଡ଼ ଧରଣର ମୌଜ ମସ୍ତି ନିମନ୍ତେ ବାହାରେ ରହିଥିଲେ । ସେ କହିଲେ, "ମହାଶୟା, ମୁଁ ଆଶା କରେ ଯେ ଆପଣ ମୋତେ ସଠିକ୍ ଭାବରେ ବୁଝନ୍ତି, ଯାହା ମୁଁ ଆପଣଙ୍କୁ ବର୍ତ୍ତମାନ କହିବାକୁ ଯାଉଅଛି ।" କହିଲେ, "ଆପଣ ପ୍ରାୟଃ ଦୁଇ ବର୍ଷରୁ ଅଧିକ ସମୟ ହେଲାଣି, ଏଠାରେ ଅଛନ୍ତି । ଏବଂ ମୁଁ ଲକ୍ଷ୍ୟ କରିଛି ଯେ ସେହି ଗୋଷ୍ଠୀ ଯାହା ସହିତ ଆପଣ ଆସନ୍ତି, ସେମାନେ ନିରନ୍ତର ଆମୋଦ ପ୍ରମୋଦ ଭୋଜିରେ ରହିଥାନ୍ତି, ଏବଂ ସବୁ ସମୟରେ ରାତିରେ, ମଦ୍ୟପାନ କରି, ସେମାନଙ୍କ ଅର୍ଧ ନଗ୍ନ ଅବସ୍ଥାରେ, ଏବଂ ସବୁକିଛି ଅବସ୍ଥାରେ ଆସିଥାନ୍ତି । ମାତ୍ର ମୁଁ ଲକ୍ଷ୍ୟ କରିଛି ଯେ ଆପଣ ଏହିପରି ଭୋଜିରେ ଯୋଗ ଦିଅନ୍ତି ନାହିଁ ।" ଏବଂ କହିଲେ, "ମୁଁ—ମୁଁ ଲକ୍ଷ୍ୟ କରିଛି ଯେ, ଏପରି ଲାଗେ, ଆପଣ ସବୁବେଳେ ସମୁଦ୍ର ଆରପାର୍ଶ୍ୱକୁ ଦେଖୁଥାଆନ୍ତି । ଏକ ସନ୍ଧ୍ୟାରେ, ଆପଣ ଏଠାକୁ ଯାଆନ୍ତି, ଏବଂ ପ୍ରତ୍ୟେକ ସନ୍ଧ୍ୟାରେ ଏଠାରେ ଛିଡା ହୁଅନ୍ତି, ଏବଂ ସୂର୍ଯ୍ୟ ଅସ୍ତ ହେଉଥିବାର ଦେଖନ୍ତି ।" ଏବଂ କହିଲେ, "କଅଣ, ଏହାର କାରଣ କଅଣ?" କହିଲେ, "ମୁଁ ଜଣେ ବୃଦ୍ଧ ବ୍ୟକ୍ତି । ଏବଂ ମୁଁ—ମୁଁ ଏହା ଜାଣିବାକୁ ଆଗ୍ରହୀ ଯେ କେଉଁ ବିଷୟ ଆପଣଙ୍କ ଏବଂ ଅନ୍ୟମାନଙ୍କ ମଧ୍ୟରେ ଏହି ପାର୍ଥକ୍ୟକୁ ଆଣିଥାଏ ।"

222 ସେ କହିଲା, "ହଁ, ମହାଶୟ ।" ସେ କହିଲା, "ମହାଶୟ, ସୂର୍ଯ୍ୟ ଅସ୍ତ ହେଉଥିବା ବେଳକୁ ମୁଁ ଘର ଆଡ଼କୁ ଚାହିଁଥାଏ ।" ସେ କହିଲା, "ଆରପାରିରେ, ସେହି ସୂର୍ଯ୍ୟର ପର ପାର୍ଶ୍ୱରେ

ମୋର ମାତୃଭୂମି ଅଛି ।" ଏବଂ ସେ କହିଲା, "ସେହି ଦେଶରେ ଏକ ନିର୍ଦ୍ଦିଷ୍ଟ ରାଜ୍ୟ ଅଛି । ଏବଂ ସେହି ନିର୍ଦ୍ଦିଷ୍ଟ ରାଜ୍ୟରେ ସେଠାରେ ଏକ ନିର୍ଦ୍ଦିଷ୍ଟ ସହର ଅଛି । ଏବଂ ସେହି ନିର୍ଦ୍ଦିଷ୍ଟ ସହରରେ ଏକ ନିର୍ଦ୍ଦିଷ୍ଟ ଘର ଅଛି । ଏବଂ ସେହି ଘରେ ଏକ ନିର୍ଦ୍ଦିଷ୍ଟ ବାଳକଟିଏ ଅଛନ୍ତି ।" କହିଲା, "ସେ, ମଧ୍ୟ, ଜଣେ କଳାକାର ଅଟନ୍ତି । ଯେତେବେଳେ ମୁଁ ଏଠାକୁ ଆସିବା ପାଇଁ, ଘର ଛାଡିଥିଲି, ସେତେବେଳେ ମୁଁ ତାଙ୍କ ପ୍ରତି ମୋର ପ୍ରେମର ପ୍ରତିଶୃତି ଦେଇଥିଲି । ଆମେମାନେ ପରସ୍ପର ସହିତ ନିର୍ବନ୍ଧିତ ଅଟୁ ।"

223 ଏବଂ ସେ କହିଲା, "ଏଥିରେ କିଛି ଯାଏ ଆସେ ନାହିଁ ଯେ ସେହି ବାକି ଅନ୍ୟମାନେ କଅଣ କରନ୍ତି, ତାର ମୋ ସହିତ କିଛି ହେଲେ ସମ୍ପର୍କ ନାହିଁ ।" ସେ କହିଲା, "ମୁଁ ସତ୍ୟ ଏବଂ ସଠିକ୍ ଭାବେ ଜୀବନଯାପନ କରିବାକୁ ପ୍ରତିଜ୍ଞା କରିଅଛି ।" ଏବଂ ସେ କହିଲା, "ମୁଁ ସେହି ଦିନ ପାଇଁ ଅପେକ୍ଷା କରୁଅଛି ଯେତେବେଳେକି ମୁଁ ନିଜକୁ ସେହି ବଡ଼ ବିମାନର ଡେଣା ଉପରେ ଅନୁଭବ କରିବି ଯାହାକି ମୋତେ ସମୁଦ୍ର ଆରପାରିକୁ ନେଇଯିବ ଓ ମୋତେ ସେହି ବିମାନବନ୍ଦରରେ ଓହ୍ଲାଇ ଦେବ ଯେଉଁଠାରେକି ସେ ମୋତେ ଭେଟିବେ । ସେ ଏକ ଘର ନିର୍ମାଣ କରୁଛନ୍ତି, ଏବଂ ଆମେମାନେ ଏକାଠି ସେହି ଦେଶରେ ରହିବୁ ।"

224 ଏବଂ କହିଲା, "ସେହି କାରଣରୁ ମୁଁ ସେହିଭଳି ଆଚରଣ କରେ ଯେପରିକି ମୁଁ କରିଥାଏ । ମୁଁ ସେହି ପ୍ରତିଜ୍ଞା ପ୍ରତି ସଚ୍ଚୋଟ ଅଟେ ଯାହା ମୁଁ ଏକ ବାଳକ ସହିତ କରିଅଛି । ଏବଂ ସେ ମଧ୍ୟ ସେହି ପ୍ରତିଶ୍ରୁତିରେ ସତ୍ୟ ଅଟନ୍ତି ଯାହା ସେ ମୋତେ କରିଛନ୍ତି ।" କହିଲା, "ମୁଁ ବେଳେ ବେଳେ କେବେ କେମିତି, ତାଙ୍କଠାରୁ ଖବର ପାଇଥାଏ, ଏବଂ ମୁଁ ତାଙ୍କୁ ଲେଖିଥାଏ, ଏବଂ," କହିଲା, "ପରସ୍ପର ସହିତ ଯୋଗାଯୋଗ କରିଥାଉ । ଆମେମାନେ ଏବେ ସୁଦ୍ଧା ଆମର ଶପଥକୁ ପାଳନ କରୁଅଛୁ, ସେହି ଦିନର ଅପେକ୍ଷା କରି ଯେବେ ଆମେମାନେ ଭେଟିବୁ ।"

225 ଓଃ, ତାହା ଜଣେ ପ୍ରକୃତ ଖ୍ରୀଷ୍ଟିଆନଙ୍କ ପାଇଁ କିପରି କରିବା ଉଚିତ, ଯେ ଜଗତର ବିଷୟ ବସ୍ତୁଠାରୁ ଦୂରେଇ ଯାଆନ୍ତି । ଏବଂ କୌଣସି ଏକ ଦିନ, ଆପଣ ଏକ କପୋତର ଡେଣା ଉପରେ, ବନ୍ଦରକୁ ଆସିବା ବିଷୟରେ କଥାବାର୍ତ୍ତା କରନ୍ତି! ସେ ତ ଏକ କନ୍ୟା ପାଇଁ ଆସୁଛନ୍ତି, ଏପରି ଜଣେ ଯିଏକି ଜଗତ ସହିତ କିମ୍ବା ଜଗତର ବିଷୟଗୁଡିକ ସହିତ ମୂର୍ଖ ହୁଅନ୍ତି ନାହିଁ । ସେ ମେଷଶାବକଙ୍କ ରକ୍ତରେ ଧୌତ ହୋଇଥାନ୍ତି । ସେ ତ ନିଜର—ନିଜର ପ୍ରେମକୁ କେବଳ ତାହାଙ୍କୁ ହିଁ ପ୍ରତିଶ୍ରୁତି ଦେଇଅଛି । ଜଗତର ପ୍ରେମ ସେହି କନ୍ୟା ପାଇଁ ମୃତ ଅଟେ ଏବଂ କ୍ଷାନ୍ତ ହୋଇ ଯାଇଥାଏ । "ମେଷଶାବକଙ୍କ ବିବାହ ଉପସ୍ଥିତ, ଏବଂ ତାହାଙ୍କ କନ୍ୟା ଆପଣାକୁ ସଜ୍ଜିତ କରିଅଛି ।"

ଆସନ୍ତୁ ଆମେମାନେ ଏହା ବିଷୟରେ ଚିନ୍ତା କରିବା ଯେତେବେଳେକି ଆମେମାନେ କିଛି କ୍ଷଣ ପାଇଁ ମସ୍ତକ ନତ କରୁ ।

226 କୌଣସି ଦିନ, ଯେତେବେଳେ ମୁଁ ସୂର୍ଯ୍ୟ ଅସ୍ତ ହେବାର ଆଡକୁ ଚାହିଁଥାଏ, ମୁଁ ମଧ୍ୟ, ଏକ-ତିରିଶ ବର୍ଷ ପୂର୍ବେ, ସେହି ଜଣକାକୁ ଏକ ପ୍ରତିଜ୍ଞା କରିଥିଲି ଯାହାଙ୍କୁ ମୁଁ ପ୍ରେମ କରୁଥିଲି,

ତାହାଙ୍କ ପ୍ରତି ମୋର ସମସ୍ତ ପ୍ରେମକୁ ପ୍ରତିଶ୍ରୁତି କରିଥିଲି। ମୁଁ ସବୁବେଳେ ତାହାଙ୍କୁ ଏବଂ ତାହାଙ୍କର ବାକ୍ୟକୁ ଧରି ରଖିବାକୁ ଚେଷ୍ଟା କରିଅଛି, ଯେଉଁଠାକୁ ବି ମୁଁ ଯାଏ। ମୁଁ ଜାଣେ ଯେ ଏଠାରେ ସେହିପରି ଭାବରେ, ଆହୁରି ଅନେକ ଲୋକମାନେ ବସିଛନ୍ତି, ସେହି ଦିନକୁ ଅପେକ୍ଷା କରୁଛନ୍ତି ଯେତେବେଳେକି ସିୟୋନର ସେହି ପୁରୁଣା ଜାହାଜ ବନ୍ଦରକୁ ଆସିବ, ଆମର ପ୍ରାଣଗୁଡ଼ିକୁ ଗ୍ରହଣ କରିବ ଏବଂ ଆମମାନଙ୍କୁ ତାହାଙ୍କର ଉପସ୍ଥିତିକୁ ନେଇଯିବ ଯାହାଙ୍କୁ ଆମେ ପ୍ରେମ କରୁ ଓ ଆମର ପ୍ରେମର ପ୍ରତିଶୃତି ଦେଇଅଛୁ।

227 ଆଜି ରାତି ଏଠାରେ ସେପରି କିଛି ଲୋକ ଥାଇପାରନ୍ତି, ଯେଉଁମାନେକି ସେହି ପ୍ରତିଶ୍ରୁତିକୁ କଦାପି କରି ନାହାଁନ୍ତି। ସେଠାରେ ଏପରି କିଛି ଥାଇପାରନ୍ତି ଯେଉଁମାନେକି ଏହାକୁ କରି ଭାଙ୍ଗି ଦେଇଥିବେ। ହେ ବନ୍ଧୁ, ଯଦି ଆପଣ ଆଜି ରାତି ସେହି ଅବସ୍ଥାରେ ଅଛନ୍ତି, ତାହାହେଲେ ଆପଣ କାହିଁକି ଆଜି ରାତି ଫେରି ଆସି ନିଜର ପ୍ରତିଶ୍ରୁତିକୁ ନୂତନୀକୃତ କରୁ ନାହାଁନ୍ତି? ଯଦି ଆପଣ କରି ନାହାଁନ୍ତି, ତାହାହେଲେ ଏହାକୁ କରି ନିଅନ୍ତୁ। କାହିଁକି ଆପଣ ଆଜି ରାତି ଆସି ଏହାକୁ କରୁ ନାହାଁନ୍ତି? କୁହନ୍ତୁ, "ପ୍ରଭୁ ଯୀଶୁ, ମୁଁ ତୁମକୁ ପ୍ରେମ କରେ।"

228 ମନେରଖନ୍ତୁ, ଯଦି ଆପଣ ପୂର୍ବରୁ ନିଜର ପ୍ରତିଜ୍ଞା କରିସାରିଛନ୍ତି, ଏବଂ ତଥାପି ଜଗତର ବିଷୟଗୁଡ଼ିକ ସହିତ ମିଶ୍ରିତ ହେଉଛନ୍ତି, ତେବେ ଯୀଶୁ ସେପରି କୌଣସି ଏକ କନ୍ୟାକୁ ଗ୍ରହଣ କରିବେ ନାହିଁ। ସେ ଏପରି ଜଣକାକୁ ଗ୍ରହଣ କରିବେ ନାହିଁ ଯିଏକି ବ୍ୟଭିଚାରୀ ଅଟେ। ଆପଣଙ୍କର ସମସ୍ତ ପ୍ରେମ ତାହାଙ୍କ ପ୍ରତି ରହିବା ଆବଶ୍ୟକ। ଏବଂ ଯଦି ଆପଣ ଜଗତର ବିଷୟଗୁଡିକୁ, ଏବଂ ଏହି ଜଗତର ଶୈଳୀକୁ ତାହା ଅପେକ୍ଷା ଯେତିକି ଆପଣ ପରମେଶ୍ୱରଙ୍କୁ ଭଲ ପାଆନ୍ତି, ଅଧିକ ଭଲ ପାଉଥାଆନ୍ତି, ତାହାହେଲେ ଆପଣ ନିଜକୁ ପ୍ରସ୍ତୁତ କରି ନାହାଁନ୍ତି।

229 କଅଣ ସେହି ବ୍ୟକ୍ତି ଆଜି ରାତିରେ ଏଠାରେ ଅଛନ୍ତି କି, ଯେତେବେଳେକି ଆମେମାନେ ନିଜର ମସ୍ତକଗୁଡିକୁ ନତ କରିଅଛୁ, ନିଜର ହାତ ଉଠାଇ, ଏହା କହିବେ କି, "ଭାଇ ବ୍ରାନହାମ୍, ମୋ ପାଇଁ ପ୍ରାର୍ଥନା କରିବେ। ମୁଁ ସେହିପରି ହେବାକୁ ଚାହେଁ। ମୁଁ—ମୁଁ ସେହି କନ୍ୟାର ଅଂଶ ହେବାକୁ ଚାହେଁ। ଏବଂ ମୁଁ ଜାଣେ ଯେ ମୁଁ ଏହିପରି କାର୍ଯ୍ୟଗୁଡିକ କରୁଅଛି ଯାହା ମୋତେ କରିବା ଉଚିତ୍ ନୁହେଁ। ମୋ ପାଇଁ ପ୍ରାର୍ଥନା କରିବେ"? ମୋ ଭାରତୀୟ ଭଉଣୀ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭଉଣୀ। ଆଉ ଆପଣଙ୍କୁ, ମୋର ଭାଇ। ଏବଂ ଆପଣଙ୍କୁ, ଭାଇ। ଆଉ କେହି ଅଛନ୍ତି କି? ନିଜର ହାତ ଉଠାନ୍ତୁ, କୁହନ୍ତୁ, "ଭାଇ ବ୍ରାନହାମ୍, ମୋ ପାଇଁ ପ୍ରାର୍ଥନା କରିବେ। ମୁଁ—ମୁଁ—ମୁଁ—ମୁଁ ଜାଣେ ଯେ ମୁଁ ଠିକ୍ ନୁହେଁ।"

230 ତେବେ ନିଜ ସହିତ ସଚ୍ଚୋଟ ରୁହନ୍ତୁ। ନିଜ ଜୀବନରେ ପଛକୁ ଅନାନ୍ତୁ। ଆପଣ ଆଗକୁ ଯିବା ପୂର୍ବରୁ ଆପଣଙ୍କୁ ପଛକୁ ଅନାଇବାକୁ ରହିଥାଏ। ଦେଖନ୍ତୁ ଯେ ଆପଣ କଅଣ ରହିଆସିଛନ୍ତି। ଦେଖନ୍ତୁ ଯେ ଆପଣଙ୍କ ଭିତରେ ରହିଥିବା ସେହି ଆତ୍ମା ଆପଣଙ୍କୁ କଅଣ କରିବାକୁ ବାଧ୍ୟ କରିଛି। ଯଦି ଆପଣ କରି ନାହାଁନ୍ତି…ଯଦି ଆପଣ ଜଣେ ଖ୍ରୀଷ୍ଟିଆନ ବୋଲି

ଘୋଷଣା କରନ୍ତି, ଏବଂ ତଥାପି ସୁଦ୍ଧା ଆପଣ ଜଗତର ବିଷୟବସ୍ତୁ ସହିତ ମିଶ୍ରିତ ହୁଅନ୍ତି, ହେ ଭାଇ, ଭଉଣୀ, ତେବେ ଯଦି ଆପଣ ନିଜକୁ ଭୁଲ୍ ଥିବାର ଦେଖନ୍ତି ନାହିଁ ତାହାହେଲେ ଆପଣ ଅନ୍ଧ ନ ହୋଇ କିପରି ବା ରହିପାରନ୍ତି?

231 ଅନ୍ୟ ଦିନ କେହି ଜଣେ କହିଲେ, କହିଥଲେ, "ଭାଇ ବ୍ରାନହାମ୍, ଆପଣଙ୍କୁ ତ ଲୋକମାନଙ୍କୁ ସେହିଭଳି ଛାଡି ଦେବା ଉଚିତ୍।" କହିଲେ, "ଲୋକମାନେ ଆପଣଙ୍କୁ ଜଣେ ଭବିଷ୍ୟଦ୍‌ବକ୍ତା ବୋଲି କୁହନ୍ତି।"

ମୁଁ କହିଲି, "ମୁଁ ଜଣେ ଭବିଷ୍ୟଦ୍‌ବକ୍ତା ନୁହେଁ।"

232 କହିଲେ, "କିନ୍ତୁ ଲୋକମାନେ ତ ଆପଣ ଅଟନ୍ତି ବୋଲି ଭାବନ୍ତି। ଆପଣଙ୍କୁ ତ ଏହି ସ୍ତ୍ରୀଲୋକମାନଙ୍କୁ ଶିକ୍ଷା ଦେବା ଉଚିତ୍। ସେମାନଙ୍କୁ ଲମ୍ବା କେଶ ରଖିବା ଏବଂ ସଠିକ୍ ପ୍ରକାରର ପୋଷାକ ପରିଧାନ କରିବା ଓ ସେହିପରି ବିଷୟ କହିବା ପରିବର୍ତ୍ତେ, ଆପଣଙ୍କୁ ତ ସେମାନଙ୍କୁ ଆତ୍ମିକ ବିଷୟଗୁଡିକ କିପରି ପ୍ରାପ୍ତ କରିବାକୁ ଅଛି ସେ ବିଷୟରେ କହିବା ଉଚିତ୍।"

233 ମୁଁ କହିଲି, "ମୁଁ ସେମାନଙ୍କୁ କିପରି ଭାବରେ ବୀଜଗଣିତ ଶିକ୍ଷା ଦେଇପାରେ, ଯେତେବେଳେକି ସେମାନେ ତ ସେହି ଶିଶୁମାନଙ୍କର ଶିକ୍ଷାକୁ, କଖଗ ସୁଦ୍ଧା ନିଅନ୍ତି ନାହିଁ? ସେମାନଙ୍କ ପାଖରେ ତ ଏତିକି ସୁଦ୍ଧା ସାମାନ୍ୟ ଜ୍ଞାନ ନାହିଁ ଯେ ନିଜକୁ ପରିଷ୍କାର କରିବାକୁ ଅଛି, ପୁଣି, 'ଖ୍ରୀଷ୍ଟଙ୍କ କନ୍ୟା' ବୋଲାଇଥାନ୍ତି!" ମୁଁ ଏହାକୁ ବିରକ୍ତିକର ଭାବରେ କହୁ ନାହିଁ। ମୁଁ ତ ଏହାକୁ ଈଶ୍ୱରୀୟ ପ୍ରେମରେ କହୁଅଛି।

234 ଯେପରି ମୁଁ ଆଜି ସକାଳେ କହିଥିଲି, ଯଦି ମୁଁ ଆପଣଙ୍କୁ ଏକ ଡଙ୍ଗାରେ ନଦୀର ପ୍ରବାହରେ ଭାସି ଯାଉଥିବାର ଦେଖେ, ଏବଂ ଏହା ଦେଖେ ଯେ ଆପଣ ସେହି ଝରଣାରେ ପଡ଼ିବାକୁ ଯାଉଛନ୍ତି, ଯାହାକି ସେହି ଡଙ୍ଗା ସହ୍ୟ କରିବ ନାହିଁ, ମୁଁ ଆପଣଙ୍କୁ ଉଚ୍ଚ ପାଟିରେ ଚିତ୍କାର କରୁଅଛି ଏବଂ ଆପଣଙ୍କ ଉପରେ ପାଟିତୁଣ୍ଡ କରୁଅଛି, ସେତେବେଳେ ମୁଁ ଆପଣଙ୍କୁ ଆଘାତ କରିବାକୁ ଚେଷ୍ଟା କରୁନାହିଁ। ମୁଁ ଆପଣଙ୍କୁ ଭଲ ପାଏ। କାରଣ, ଯଦି ଆପଣ ନ କରିବେ, ଆପଣଙ୍କର ଜୀବନ ନଷ୍ଟ ହୋଇଯିବ।

235 ସେଠାରେ ଆଉ କେହି ଅଛନ୍ତି କି, ଯିଏକି ସେମାନଙ୍କର ହାତକୁ ଉଠାଇବେ ଏହା ପୂର୍ବେକି ଆମେମାନେ ପ୍ରାର୍ଥନା କରୁ? ମୁଁ ଆପଣଙ୍କୁ ଦେଖୁଛି, ସେଠାରେ ପଛରେ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଏବଂ ଆପଣଙ୍କୁ, ଆପଣଙ୍କୁ। ଆପଣ ଜାଣିଛନ୍ତି ଯେ ଆପଣ ଭୁଲ୍ ଅଟନ୍ତି ବୋଲି ଆପଣଙ୍କର ଜୀବନ ଏହା ଦର୍ଶାଇଥାଏ। ଆପଣ ଏବେ ସୁଦ୍ଧା ପରମେଶ୍ୱରଙ୍କ ଅପେକ୍ଷା ଜଗତକୁ ଅଧିକ ଭଲ ପାଆନ୍ତି, ତାହାହେଲେ ସେଠାରେ କିଛି ଗୋଟାଏ ବିଷୟ କୌଣସିଠାରେ ଭୁଲ ଅଛି। ନିଜକୁ ଦେଖନ୍ତୁ। ସେଠାରେ ବାହାରେ ଥିବା କକ୍ଷଗୁଡିକରେ, ନିଜର ହାତ ଉଠାନ୍ତୁ, କୁହନ୍ତୁ, "ଭାଇ ବ୍ରାନହାମ୍, ମୋ ପାଇଁ ପ୍ରାର୍ଥନା କରିବେ।" ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର…ତାହା ଠିକ୍। ଉତ୍ତମତା ପ୍ରତି ସଚ୍ଚୋଟ ରୁହନ୍ତୁ, ମୁଁ—ମୁଁ ନିଷ୍କାପରତାକୁ ପ୍ରଶଂସା କରେ।

236 ତାହାହିଁ ଆଜି ପେଣ୍ଟିକଷ୍ଟାଲ୍ ମଣ୍ଡଳୀ ସହିତରେ ସମସ୍ୟା ଅଟେ । ଆମ ପାଖରେ ସେହି ପ୍ରକୃତ ନିଷ୍ଠାପରତା ନାହିଁ ଯାହା ଆମ ପାଖରେ ରହୁଥିଲା । ଆମ ପାଖରେ ସେହି ସାହାସ ନାହିଁ ଯେ—ଯେ ଆସି, ତାହା କହୁ, ସ୍ୱୀକାର କରୁ ଯେ ଆମେ ଭୁଲ୍ ଅଟୁ । ଶୟତାନ ମଣ୍ଡଳୀ ଉପରେ ଏପରି କର୍ତ୍ତୃତ୍ୱାଧିକାର ସ୍ଥାପନ କରିଅଛି ଯେ ଏପରିକି ତାହା ଜଗତର କାଦୁଅ ପଙ୍କ ଭିତରେ କେବଳ ପଡ଼ି ରହିଅଛି । ତାହା କରନ୍ତୁ ନାହିଁ ।

237 ଆପଣଙ୍କର ନିଜର ଜୀବନ ହିଁ ଏହା ପ୍ରମାଣ କରିଥାଏ ଯେ ଆପଣ ଯାହା ପାଇଛନ୍ତି ବୋଲି କହୁଛନ୍ତି ଆପଣ ତାହା ପାଇ ନାହାଁନ୍ତି । ତେବେ କାହିଁକି ଏହାକୁ ସ୍ୱୀକାର କରୁ ନାହାଁନ୍ତି? "ଯେଉଁ ଲୋକ ନିଜର ପାପ ସ୍ୱୀକାର କରିବ ସେ କ୍ଷମା ପାଇବ: ଯିଏ ନିଜର ପାପକୁ ଆଚ୍ଛାଦନ କରିବ ସେ ସମୃଦ୍ଧ ହେବ ନାହିଁ ।" ଆପଣ ଏହାକୁ ଲୁଚାଇ ପାରିବେ ନାହିଁ । ପରମେଶ୍ୱର ଏହା ବିଷୟରେ ସବୁକିଛି ଜାଣନ୍ତି । ଏବଂ ଯଦି ଆପଣ ଦେଖନ୍ତି ଓ ଜାଣନ୍ତି ଯେ ଆପଣ ଠିକ୍ ଭାବେ ଜୀବନଯାପନ କରୁନାହାଁନ୍ତି, ତାହାହେଲେ କାହିଁକି ଏହାକୁ ସ୍ୱୀକାର କରୁ ନାହାଁନ୍ତି, ଏବଂ ବାହାରି ଯାଇ ଏହାକୁ ସ୍ପଷ୍ଟ କରି ଦେଉ ନାହାଁନ୍ତି?

238 "କିଛି ଲୋକଙ୍କର ପାପ ସେମାନଙ୍କ ଆଗରେ ଆଗରେ ଗମନ କରିଥାଏ; କେତେକଙ୍କର ଅନୁସରଣ କରେ ।" ଏହା ହେଉ ଯେ ମୋର ପାପ ମୋର ସମ୍ମୁଖରେ ଯାଉ । ମୋତେ ଠିକ ବର୍ତ୍ତମାନ ହିଁ ମୋର ସମସ୍ତ କିଛି କହି ଦେଉ । ପରମେଶ୍ୱର ଏହାକୁ ଠିକ୍ ଭାବେ ଗ୍ରହଣ କରନ୍ତୁ । ତାହା ହିଁ ଅଟେ ଯାହାକି ଆମକୁ କରିବା ଉଚିତ୍ ।

239 ସେଠାରେ ପ୍ରାୟଃ ଛଅ କିମ୍ବା ଆଠ ଗୋଟି ହାତ ଉପରକୁ ଉଠିଅଛି । ନିଶ୍ଚିତ ଭାବରେ ତାହା ସେଠାରେ ଏହି ଛୋଟ ମଣ୍ଡଳୀରେ ଅପେକ୍ଷାକୃତ ଅଧିକ ଅଛି, ଆଜି ରାତି, ଏଠାରେ ଥିବା ଏକ ଶହ କିମ୍ବା ଦୁଇ-, କିମ୍ବା ବୋଧହୁଏ ଶହେ ପଚାଶ ଲୋକମାନଙ୍କ ମଧ୍ୟରୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ହେ ଯୁବା ଲୋକ । ବର୍ତ୍ତମାନ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ହେ ମହିଳା । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭଉଣୀ । ତାହା ଠିକ୍ ଅଟେ । ହେ ପୁଅ, ପରମେଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ । ତାହା ଭଲ ଅଟେ ।

240 [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]...-କଷ୍ଟାଲ୍ ସ୍ତ୍ରୀଲୋକମାନେ ସେମାନଙ୍କର କେଶ କାଟୁ ନ ଥିଲେ, ମାତ୍ର ସେମାନେ ତାହା ଆଜି କରନ୍ତି । କଅଣ ଘଟିଅଛି? ସେମାନେ ଲଗାଉ ନ ଥିଲେ...ମୁଖ ସୌନ୍ଦର୍ଯ୍ୟ ପ୍ରସାଧନ ବ୍ୟବହାର—ବ୍ୟବହାର କରୁ ନ ଥିଲେ । ଆପଣଙ୍କର ମାତା ତାହା କରି ନାହାଁନ୍ତି ଯଦି ସେ ପେଣ୍ଟିକଷ୍ଟାଲ ଥିଲେ । ଆଜି କଅଣ ହୋଇଅଛି? କାରଣ ସେମାନେ ଜଗତର ଜିନିଷଗୁଡ଼ିକ ସହିତରେ ମିଶି ଯାଉଛନ୍ତି । ଏବଂ ଜଗତ ଆମ ଆଡ଼କୁ ଅନାଇଥାଏ । ଆମେମାନେ ଏକ ପବିତ୍ର ମଣ୍ଡଳୀ ବୋଲି ଦାବି କରିଥାଉ । ମାମଲାଟି କଅଣ ଅଟେ? ଆମେମାନେ ଖ୍ରୀଷ୍ଟଙ୍କ କନ୍ୟା ପରି ଦେଖାଯାଉ ନାହୁଁ । ଏବଂ ଆପଣ ସେଠାରେ ବାହାରେ ଥିବା ପୁରୁଷମାନଙ୍କ ବିଷୟରେ, ସେହି ସମାନ କଥା ଅଟେ । ଭାଇ, ଆପଣଙ୍କୁ ଲଜ୍ଜା

ଲାଗିବା କଥା।

241 ସ୍ୱର୍ଗସ୍ଥ ପିତା, ଯେତେବେଳେ ମୁଁ ଆରପାରିକୁ ଅନାଇଥାଏ, ଏବଂ ସେହିପରି ଭାବରେ ଏକ ବେଦୀର ଡାକରା ଦେଇଥାଏ, ଭର୍ତ୍ସନା କରିଥାଏ, ଆଘାତ ଦେବା ଭଳି କହିଥାଏ, ଏହା କଠୋର ପରି ମନେ ହୁଏ। ମାତ୍ର ମୋ ଭିତରେ ରକ୍ତାକ୍ତ ହେଉଥାଏ, ଯେତେବେଳେ ମୁଁ ଜାଣେ ଯେ ଆମେ ଶେଷ ସମୟର ସନ୍ନିକଟ ହେଉଅଛୁ। ଏହି ଦିନଗୁଡିକ ମଧ୍ୟରୁ ଗୋଟିକରେ, ଏହି ଛୋଟ ଛୋଟ ଡଙ୍ଗାଗୁଡ଼ିକ ଭାଙ୍ଗି ଛିଦ୍ର ହେବାକୁ ଯାଉଅଛି। ମୃତ୍ୟୁ ଘାତ କରିବାକୁ ଯାଉଅଛି, ଏବଂ ସଂଘର୍ଷମାନ ହେବାକୁ ଯାଉଅଛି। ଏବଂ କେତେ ଥର ମୋତେ ସେମାନଙ୍କ ପାର୍ଶ୍ୱକୁ ଡକା ଯାଇଅଛି, ଏବଂ ସେମାନଙ୍କୁ ଏହା କହୁଥିବାର ଶୁଣିଅଛି, "ଓଃ, ଭାଇ ବ୍ରାନହାମ୍, ଯଦି ମୁଁ ଏହାକୁ କେବଳ ଆଉ ଥରେ ପୁନର୍ବାର ଜୀବନଯାପନ କରିପାରନ୍ତି।" ତେବେ, ଯେତେବେଳେକି ଏମାନେ, ଏହାକୁ ଠିକ୍ କରିବା ହେତୁ ସକ୍ଷମ ଅଟନ୍ତି, ହେ ପ୍ରଭୁ!

242 ମୁଁ ମୋର ଯଥାସମ୍ଭବ ଚେଷ୍ଟା କରୁଅଛି। ହେ ପରମେଶ୍ୱର, ଏହା ହେଉ ଯେ ପବିତ୍ରଆତ୍ମା ଏହାକୁ ଲୋକମାନଙ୍କଠାରେ ପ୍ରକାଶ କରନ୍ତୁ, ଯେ ମୁଁ କେବଳ ସେମାନଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରୁଅଛି, ସେମାନଙ୍କୁ ଗାଳିଗୁଲଜ ଦେବାକୁ ନୁହେଁ। ମାତ୍ର, ଯେପରିକି ପୁରାତନ ସମୟର, ପାଉଲ କହିଥିଲେ! ହେ ପରମେଶ୍ୱର, ମୁଁ ଚାହେଁ ନାହିଁ ଯେ ସେମାନେ ଆଘାତପ୍ରାପ୍ତ ହୁଅନ୍ତୁ, ମାତ୍ର ମୁଁ ସେମାନଙ୍କୁ ଯଥେଷ୍ଟ ଆଘାତ ଦେବାକୁ ଚାହେଁ ଯେପରିକି ସେମାନେ ଦେଖିପାରନ୍ତି ଯେ ସେମାନେ କେଉଁଠାରେ ଭୁଲ୍ ଅଟନ୍ତି।

243 ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଆଜି ରାତି, ପ୍ରଦାନ କରିବ, ଯେ ଏହି ଲୋକମାନେ, ଯେଉଁମାନେକି ପରମେଶ୍ୱରଙ୍କ ସମ୍ମୁଖରେ, ଏପରିକି ଏହା ଚିହ୍ନିବା ହେତୁ—ହେତୁ ଯଥେଷ୍ଟ ସମ୍ମାନ ସହିତରେ—ସହିତରେ, ସେମାନଙ୍କର ହାତ ଉଠାଇଛନ୍ତି, ଯେ ସେମାନେ ଭୁଲ୍ ଅଟନ୍ତି, ଏବଂ ସେମାନେ ଠିକ୍ ହେବାକୁ ଚାହାଁନ୍ତି। "ଖୋଜ, ଏବଂ ତୁମେ ପାଇବ। ଆଘାତ କର, ଏହା ଖୋଲାଯିବ।" ମାତ୍ର ଯଦି ଆପଣ କେବେବି ଆଘାତ ନ କରିବେ, ତାହାହେଲେ ସେ କିପରି ଖୋଲିବାକୁ ଯାଉଛନ୍ତି? ଆପଣ କେବେବି ନ ଖୋଜିଲେ, ଆପଣ ତାହା କିପରି ପାଇବାକୁ ଯାଉଛନ୍ତି?

244 ହେ ପ୍ରଭୁ, ଏହା ହେଉ ଯେ ପବିତ୍ରଆତ୍ମା, ଏହି ଲୋକମାନଙ୍କୁ ଆଜି ରାତିରେ, ପରମେଶ୍ୱରଙ୍କ ନିକଟରେ ଏକ ସମ୍ପୂର୍ଣ୍ଣ ସମର୍ପଣରେ ନେଇ ଆସନ୍ତୁ। ଏହା ହେଉ ଯେ ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସେହି ମହାନ ପିତା ସେମାନଙ୍କୁ ପବିତ୍ରୀକୃତ କରନ୍ତୁ, ପ୍ରାଣ, ଶରୀର, ଓ ଆତ୍ମାକୁ, ଏବଂ ସେମାନଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଶରୀରରେ ସ୍ଥାପନ କରନ୍ତୁ। "କାରଣ ମେଷଶାବକଙ୍କ ବିବାହ ସନ୍ନିକଟ, ଏବଂ ତାହାଙ୍କ କନ୍ୟା ଆପଣାକୁ ପ୍ରସ୍ତୁତ କରିଅଛି।" ହେ ପ୍ରଭୁ, ଏହା ହେଉ ଯେ ଏହି ରାତିଟି ପ୍ରସ୍ତୁତିକରଣର ରାତି ହେଉ, କାରଣ ହୋଇପାରେ ଯେ ଆସନ୍ତାକାଲି ସେହି ଦିନ ହେବେ ଯେଉଁଦିନକି ଆମେ ତାହାଙ୍କୁ ସାକ୍ଷାତ କରୁ। ଆମେମାନେ ଜାଣି ନାହୁଁ ଯେ ତାହାଙ୍କୁ ସାକ୍ଷାତ କରିବା ପାଇଁ ଆମକୁ କେଉଁ ଘଟିକାରେ ଡକାଯିବ। ହେ ପ୍ରଭୁ,

ଏହା ପ୍ରଦାନ କର।

245 ତେବେ ଯେତେବେଳେକି ମୁଁ ପ୍ରାର୍ଥନା କରୁଅଛି, ଏବଂ ଆପଣମାନେ ନିଜର ମସ୍ତକ ନତ କରିଛନ୍ତି। ଆପଣମାନେ ପ୍ରତ୍ୟେକେ ଯେଉଁମାନେକି ନିଜର ହାତ ଉଠାଇଥିଲେ, ଯଦି ଆପଣମାନେ ତାହା ସହିତ ଗଭୀର ଭାବରେ ନିଷ୍ଠାବାନ ଅଟନ୍ତି, ଏବଂ ଆପଣଙ୍କର ତାହା ପ୍ରକୃତରେ ଅଭିପ୍ରାୟ ଅଟେ, ଏବଂ ଆପଣ ଲୋକମାନଙ୍କୁ ଏହା ଜଣାଇବା ହେତୁ ଲଜ୍ଜିତ ନୁହଁନ୍ତି ଯେ ଆପଣ ଭୁଲ୍ ରହିଥିଲେ! ଆପଣ ଯେକୌଣସି ପ୍ରକାରେ ବି, ସେଠାରେ ବିଚାରରେ ସେମାନଙ୍କ ସହିତ ଛିଡା ହେବାକୁ ଯାଉଛନ୍ତି। ଏବଂ ପରମେଶ୍ୱର ଆପଣଙ୍କ ଉପରେ ଯଥେଷ୍ଟ ବିଶ୍ୱାସ ନ୍ୟସ୍ତ କରିଛନ୍ତି, ଯେ ଆପଣ ଜାଣିଛନ୍ତି ଯେ ଆପଣ ଭୁଲ୍ ଅଟନ୍ତି।

246 ଏଠାରେ କିଛି ସମୟ ପୂର୍ବରୁ, ମୁଁ ସେହିପରି କିଛି ଗୋଟାଏ ପ୍ରଚାର କରୁଥିଲି। ମୁଁ ସେଠାରେ ପଛରେ ଛିଡା ହୋଇଥିବା ଜଣେ ଯୁବା ମହିଳାଙ୍କ ସହ କଥା ହେଲି। ସେ ଭୟଙ୍କର ଦେଖାଯାଉଥିଲେ, ଜଣେ ସେବକଙ୍କ ଝିଅ ଅଟନ୍ତି। ଏବଂ ସେ ମୋତେ ଗୀର୍ଜାଘର ବାହାରେ ଭେଟିଥିଲେ, ଏବଂ ଯଦି ସେ ମୋତେ ରାମ୍ପି ନ ପକାଇଥିଲେ! ସେ କହିଲେ, "ଆପଣ ଏକ ନିର୍ବୋଧ ବିଷୟ।" ସାନ, ଦୁଃସାହସୀ, ଚିତ୍ରିତ-ଓଠ; ଛୋଟ, କର୍ତ୍ତନ କେଶ ସହିତ। ସେ କହିଲେ, "ଯଦି ମୁଁ ସେହି ବିଷୟରେ ମୋ ସହିତ କଥାବାର୍ତ୍ତା କରିବା ପାଇଁ କାହାରିକୁ ଚାହେଁ, ତାହାହେଲେ ମୁଁ ଏପରି କାହାରିକୁ ନେବି ଯାହାଙ୍କ ପାଖରେ କିଛି ବୁଦ୍ଧି ଥାଏ।" କହିଲେ, "ଆପଣ ମୋ ବାପାଙ୍କ ପ୍ରଚାର ମଞ୍ଚକୁ ଆସି କଦାପି ପୁନର୍ବାର ସେହିପରି କୌଣସି ବିଷୟକୁ ପ୍ରଚାର କରିବେ ନାହିଁ।"

247 ମୁଁ କହିଲି, "ଆପଣଙ୍କର କହିବାର ଅର୍ଥ, ଆପଣଙ୍କ ବାପା, ଜଣେ ଉତ୍ତମ ସଚ୍ଚୋଟ ବାପ୍ଟିଷ୍ଟ ପ୍ରଚାରକ, ଏବଂ ଏହା ବିରୁଦ୍ଧରେ ପ୍ରଚାର କରିବେ ନାହିଁ?"

ସେ କହିଲେ, "ସେ ଆପଣଙ୍କୁ ଏଠାକୁ ଆସିବା ପାଇଁ ନିଯୁକ୍ତି ଦେଇ ନାହାଁନ୍ତି..."

କହିଲି, "ସେ ମୋତେ ଆଦୌ ନିଯୁକ୍ତି ଦେଇ ନାହାଁନ୍ତି। ମୁଁ ତ ନିମନ୍ତ୍ରଣ ଦ୍ୱାରା ଆସିଅଛି।"

ସେ କହିଲେ, "ମୁଁ ଏଥିପାଇଁ ଆପଣଙ୍କୁ କେବେବି କ୍ଷମା କରିବି ନାହିଁ।"

248 ମୁଁ କହିଲି, "ତାହା ଆପଣଙ୍କ ଉପରେ ନିର୍ଭର କରେ। ମୁଁ ତ କେବଳ ସୁସମାଚାରକୁ ଅନୁସରଣ କଲି।" ସେଠାରେ ଗୋଲାପ ବୁଦାମାନ ଅଳ୍ପ ଟିକେ ପବନରେ ଦୋହଲୁଥିଲା। ସୁନ୍ଦର ଯୁବା ସ୍ତ୍ରୀଲୋକଟିଏ।

249 ଅଳ୍ପ ସମୟ ପରେ, ପ୍ରାୟଃ ଗୋଟିଏ ବର୍ଷ ଉତ୍ତାରେ, ମୁଁ ସେହି ସହର ଦେଇ ଯାଉଥିଲି। ମୁଁ ଦେଖିଲି ଯେ ସେହି ସମାନ ଯୁବା ମହିଳାଜଣକ ତାଙ୍କ ସ୍କର୍ଟ ତଳକୁ ଝୁଲି ରହିଥିବା ସହ, ସିଗାରେଟ୍ ଟାଣୁଥିବା ଅବସ୍ଥାରେ, ରାସ୍ତାରେ ଯାଉଥିଲେ। ମୁଁ ଭାବିଲି, "ତାହା ତ ଭାଇ *ଅମୁକ-ଓ-ଅମୁକ*ଙ୍କ ସ୍ତ୍ରୀ, କିମ୍ବା, ଝିଅ ଅଟନ୍ତି।" ମୁଁ ରାସ୍ତା ଆରପାରିକୁ ଗଲି, ଦେଖିବାକୁ ଯେ ଯଦି ମୁଁ ତାଙ୍କୁ ପାଇପାରିବି କି ନାହିଁ।

250 ସେ ମୋ ଆଡକୁ ଚାହିଁଲେ, ଏହି ସିଗାରେଟ୍ ଟାଣୁଥିବା ଅବସ୍ଥାରେ, ପୁଣି ଧୂଆଁକୁ ନାକ ଦେଇ ବାହାର କଲେ। ସେ କହିଲା, "ନମସ୍କାର, ପ୍ରଚାରକ," ସେହିପରି, ଏକ ଅଧାର୍ମିକ ଭାଷାର ପ୍ରୟୋଗ କରି କହିଲେ।

ମୁଁ କହିଲି, "ତେବେ, ତେବେ!"

କହିଲେ, "ମୋ ସିଗାରେଟରୁ ଥରେ ଟାଣି ଦେଖ। ଜଣେ ପୁରୁଷ ହୁଅ।"

କହିଲି, "କଅଣ ଆପଣ ନିଜ ପାଇଁ ଲଜ୍ଜିତ ନୁହଁନ୍ତି କି?"

251 ସେ ନିଜ ପକେଟବହିରେ ହାତ ମାରି, କହିଲେ, "ତେବେ ଗୋଟିଏ ସିଗାରେଟ୍ ନିଅନ୍ତୁ।"

252 ମୁଁ କହିଲି, "ଆପଣଙ୍କୁ ଲାଜ ଲାଗିବା କଥା। ପରମେଶ୍ୱରଙ୍କ ସେବକଙ୍କୁ ଏକ ସିଗାରେଟ୍ ଦେବା ପାଇଁ, ଆପଣଙ୍କୁ ଲାଜ ଲାଗିବା କଥା।"

ସେ କହିଲେ, "ତେବେ ତାହାହେଲେ ଆପଣ ବୋଧହୁଏ ମୋ ବୋତଲରୁ ଏକ ପାନୀୟ ଗ୍ରହଣ କରିବେ।"

ମୁଁ କହିଲି, "ଦୟାକରି ଏହା କୁହନ୍ତୁ ନାହିଁ।"

253 ମୁଁ ତାଙ୍କ ଆଡକୁ ଅନାଇଲି। ମୁଁ କାନ୍ଦିବାରୁ ବାରଣ କରିପାରିଲି ନାହିଁ, କାରଣ ତାଙ୍କ ବାପା ଜଣେ ଭଲ ବ୍ୟକ୍ତି ଥିଲେ। ମୁଁ ତାଙ୍କ ଆଡ଼କୁ ଅନାଇଲି। ମୁଁ ଭାବିଲି, "ଓଃ, ମୋର ପ୍ରଭୁ! ସେ ଭାବିଥିଲେ ଯେ ତାଙ୍କ ପାଖରେ ବହୁତ ସମୟ ଅଛି।"

254 ମୁଁ ଚାଲିବାକୁ ଆରମ୍ଭ କଲି। ମୁଁ ମୋ ଆଖିରୁ ଲୁହ ରୋକିପାରିଲି ନାହିଁ। ମୁଁ ଚାଲି ରହିଲି। ସେ କହିଲେ, "ଗୋଟିଏ ମିନିଟ୍ ରୁହନ୍ତୁ।"

ମୁଁ କହିଲି, "ହଁ, ମହାଶୟା?"

255 ସେ ପଛକୁ ଚାଲିଗଲେ। ରାସ୍ତାରେ ତାଙ୍କ ସହ କଥା ହେବା ଏହା ପ୍ରାୟଃ ଏକ ଲଜ୍ଜାଜନକ ବିଷୟ ଥିଲା, ଲୋକମାନେ ଗମନାଗମନ କରୁଥିଲେ। ସେ ଚାଲିକରି ଆସିଲେ। ସେ କହିଲେ, "କଅଣ ଆପଣ ଜାଣିଛନ୍ତି ଯେ ସେଦିନ ରାତିରେ ଆପଣ ମୋତେ କଅଣ କହିଥିଲେ?"

ମୁଁ କହିଲି, "ମୁଁ ସବୁବେଳେ ମନେ ରଖିବି।"

256 କହିଲେ, "ମୁଁ ଆପଣଙ୍କୁ କହିବାକୁ ଚାହେଁ, ପ୍ରଚାରକ, ଆପଣ ଠିକ୍ ଥିଲେ।" ସେ କହିଲେ, "ମୁଁ ଶେଷ ଥର ପାଇଁ ପବିତ୍ରଆତ୍ମାଙ୍କୁ ଦୁଃଖିତ କରିଥିଲି।" ତେବେ, ଏଠାରେ ସେହି ଟିପ୍ପଣୀ ଅଛି ଯାହା ସେହି ମହିଳାଜଣକ ମୋତେ କହିଥିଲେ, ଏବଂ ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ, ଏହାକୁ କେବେବି ଭୁଲିବି ନାହିଁ। ସେ କହିଲେ, "ସେ ମୋ ସହିତ ସେହି ରାତିରେ ବ୍ୟବହାର କରୁଥିଲେ। ମାତ୍ର," କହିଲେ, "ଯେତେବେଳେ ମୁଁ ତାହାଙ୍କୁ ସେହି ସମୟରେ ପ୍ରତ୍ୟାଖ୍ୟାନ କରିଥିଲି, ତାହା ମୋର ଶେଷ ଥରକ ଥିଲା।" କହିଲେ, "ମୋର ହୃଦୟ ଏତେ କଠିନ ହୋଇଯାଇଛି; ମୁଁ ପରମେଶ୍ୱର, ମଣ୍ଡଳୀ, କିମ୍ବା ଅନ୍ୟ କୌଣସି ବିଷୟର ଖାତିର କରେ ନାହିଁ। ମୁଁ ପ୍ରତିଦିନ, ମୋର ବାପାଙ୍କୁ

ଅପଶବ୍ଦ କହିଥାଏ ।" ଏବଂ ସେ କହିଲେ, "ମୁଁ ମୋର ମାଆର ପ୍ରାଣକୁ ନରକରେ ଗୋଟିଏ ପିଠା ପରି, ଛଣା ହେଉଥିବାର ଦେଖିପାରେ, ଏବଂ ତାହା ଉପରେ ହସିପାରେ ।" ତାହାହିଁ ଶେଷ ଥରକ ପାଇଁ ପବିତ୍ରଆତ୍ମାଙ୍କୁ ଦୁଃଖ ଦେବାର ବିଷୟ ଅଟେ । ଏହା ବିଷୟରେ ଚିନ୍ତା କରନ୍ତୁ ।

257 ଆସନ୍ତୁ ଆମେମାନେ ଏକ କପୋତର ଡେଣା ଉପରେ ଘରକୁ ଯାଉ । ଆସନ୍ତୁ ଆମେମାନେ କନ୍ୟା ହେଉ । ଯଦି ଆପଣ ଭୁଲ୍ ଅଟନ୍ତି, ତେବେ ବର୍ତ୍ତମାନ ହିଁ ନିଜ ଆସନରୁ ଉଠି ଯାଆନ୍ତୁ । ଏଠାରେ ଉପରକୁ ଆସନ୍ତୁ । ଏଠାରେ ଯଜ୍ଞବେଦୀ ନିକଟରେ ଛିଡା ହୋଇ କୁହନ୍ତୁ, "ମୁଁ ଭୁଲ୍ ରହି ଆସିଛି । ଭାଇ ବ୍ରାନହାମ୍, ମୋର ଏକ କ୍ରୋଧ ସ୍ୱଭାବ ରହିଅଛି । କିଅବା, ମୁଁ—ମୁଁ—ମୁଁ ଅଧାର୍ମିକ ଭାବରେ ଜୀବନ ଅତିବାହିତ କରିଅଛି । ମୋତେ—ମୋତେ ଏହି ବିଷୟଗୁଡିକ କରିବା ଉଚିତ୍ ନୁହେଁ ଯାହା ମୁଁ କରିଅଛି । ଭାଇ ବ୍ରାନହାମ୍, ମୁଁ *ଏହା, ତାହା*, କିମ୍ଵା *ଅନ୍ୟ* କିଛି କରିଅଛି । ମୁଁ ମିଛ କହିବାରେ ଦୋଷୀ ଅଟେ । ମୁଁ ଚୋରି କରିବାରେ ଦୋଷୀ ଅଟେ । ମୁଁ କିଛି ବିଷୟ ପାଇଁ ଦୋଷୀ ଅଟେ । ମୋତେ ଯେପରି ପରମେଶ୍ୱରଙ୍କ ସେବା କରିବା କଥା ମୁଁ ସେହିପରି କରି ନାହିଁ, ଏବଂ ମୁଁ ନିଜ ବିଷୟରେ ଲଜ୍ଜିତ ଅଟେ, ଏବଂ ମୁଁ ଚାହେଁ ଯେ ମୋର ଜୀବନ ସଠିକ୍ କରାଯାଉ । କଅଣ ଆପଣ ଆଜି ରାତି ମୋ ପାଇଁ ପ୍ରାର୍ଥନା କରିବେ ନାହିଁ କି, ଭାଇ ବ୍ରାନହାମ୍?" ମୁଁ ଏହା କରିବା ପାଇଁ ଖୁସି ହେବି ।

258 ଯଦି ପରମେଶ୍ୱର ରୋଗୀ, ଅନ୍ଧ, ଏବଂ ପୀଡିତ ଲୋକମାନଙ୍କ ଶୁଣିବାରେ, ମୋର ପ୍ରାର୍ଥନାଗୁଡିକୁ ଉତ୍ତର ଦେବେ, ତାହାହେଲେ ସେ ନିଶ୍ଚିତ ଭାବରେ ସେହି ପାପୀ ନିମନ୍ତେ ଏକ ପ୍ରାର୍ଥନା ଶୁଣିବେ । କଅଣ ଆପଣ ଆଜି ରାତି ଆସି, ସେହି କନ୍ୟାର ଅଂଶ ହେବେ ନାହିଁ କି? ମୁଁ ଆପଣଙ୍କୁ ଆସିବା ପାଇଁ ନିମନ୍ତ୍ରଣ କରୁଅଛି ।

259 ଆପଣଙ୍କୁ ଧନ୍ୟବାଦ, ମୋ ଭାଇ । ମୁଁ ସେହି ପ୍ରକାରର ଏକ ସାହସକୁ ପ୍ରଶଂସା କରେ, ଯିଏକି ଚାଲିକରି ଆସିବ ଏବଂ ଭୁଲ୍ କରିଛି ବୋଲି ସ୍ୱୀକାର କରିବ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ । ଠିକ *ଏଠା*ରେ ଛିଡା ରୁହନ୍ତୁ ।

260 କଅଣ ଆପଣ ମୋତେ ଏହା କହିବାକୁ ଚାହୁଁଛନ୍ତି, ଯେ ଆପଣ ନିଜର ହାତ ଉଠାଇବେ ଏବଂ ଏହା ବିଷୟରେ ନିଷ୍ଠାବାନ ରହିପାରିବେ ନାହିଁ? ଲୋକମାନଙ୍କ ସହିତ କଅଣ ଘଟଣା ଘଟିଅଛି? ଭାଇ, ମାମଲା କଅଣ ଅଟେ? ଏହି ଦିନରେ ଆମ ଲୋକମାନଙ୍କ ସହିତ ମାମଲା କଅଣ ଅଟେ? ଆପଣଙ୍କ କହିବାର ଅର୍ଥ ଯେ ଆପଣ ନିଜର ହାତକୁ ଉଠାଇବେ, ଯେ ଆପଣ ଭୁଲ ଥିଲେ, ଏବଂ ତାହାପରେ ଆସିବେ ନାହିଁ? ଏବଂ ଜାଣନ୍ତୁ, "ଯିଏ ଭଲ କାମ କରିବାକୁ ଜାଣେ, କିନ୍ତୁ ତାହା କରେ ନାହିଁ, ତାହା ପ୍ରତି ଏହା ମନ୍ଦ ଅଟେ ।" କଅଣ ଆପଣ ଆସିବେ ନାହିଁ କି?

ଯେତେବେଳେକି ସେହି ପିଆନୋବାଦକ, ଯଦି ଆପଣ ଇଚ୍ଛା କରନ୍ତି, ଭଉଣୀ, ସେହି ବାଦ୍ୟଯନ୍ତ୍ର ବାଦକ, କେବଳ ଅଳ୍ପ ଟିକିଏ ସଂଗୀତ ଦିଅନ୍ତୁ ।

261 ମୁଁ ଆପଣଙ୍କୁ ନିମନ୍ତ୍ରଣ କରୁଛି । ମୁଁ ଆପଣଙ୍କୁ ପଚାରିବାକୁ ଚାହେଁ । ଏହି ଶ୍ରୋତାବୃନ୍ଦଙ୍କ ମଧ୍ୟରୁ କେତେ ଜଣ ସେହି ସଭାଗୁଡ଼ିକରେ ରହିଛନ୍ତି ଯେତେବେଳେ...ଆପଣମାନେ ଜାଣନ୍ତି ମୁଁ ଜଣେ ପ୍ରଚାରକ ନୁହେଁ । ମୋର କୌଣସି ଶିକ୍ଷା ନାହିଁ ।

262 ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ହେ ସାନ ମହିଳା । ତାହା କରିବା ପାଇଁ ଏକ ପ୍ରକୃତ ଝିଅର ସ୍ୱଭାବ ଦରକାର । ଏହି ଛୋଟ ସାମୂହିକ ଗାୟନ ଦଳ ଏଠାକୁ ଆସୁଛନ୍ତି, ଆଶୀର୍ବାଦ କରନ୍ତୁ, ମୋ ଭଉଣୀ । ତାହା ପ୍ରକୃତ ସାହସ ଅଟେ । ମୁଁ—ମୁଁ ସେହି ସାନ ମହିଳାଙ୍କୁ ପ୍ରଶଂସା କରେ । ହେ ପ୍ରିୟ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମୋ ଘରେ ଏକ ସାନ ଝିଅ ଅଛି, ପ୍ରାୟଃ ଆପଣ-ସମସ୍ତଙ୍କର ବୟସର ହେବ, ସାନ ରିବିକା । ମୁଁ ତୁମକୁ ପ୍ରଶଂସା କରୁଛି । ସାନ ଭାରତୀୟ ଝିଅ? ପରମେଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ, ପ୍ରିୟ, ଏହି ଛୋଟ ରାଜକୁମାରୀଟି । ପରମେଶ୍ୱର ତୁମ ସହିତରେ ରୁହନ୍ତୁ, ପ୍ରିୟ । ତୁମେ, ସାନ ଭଉଣୀ, ପରମେଶ୍ୱର ତୁମ ସହିତରେ ରୁହନ୍ତୁ । ଏବଂ ଆପଣଙ୍କ ସହିତରେ, ଭଉଣୀ ।

263 ତେବେ, ଏଠାରେ ଦେଖନ୍ତୁ । ଯଦି ସେହିପରି ଭାବରେ ଯୁବା ମହିଳାମାନେ, ସାନ ଝିଅମାନେ, ଯିଏକି ବିବେକରେ କୋମଳ ମତି ଥାଆନ୍ତି; ଏବଂ ଏପରି ଏକ ଉପଦେଶ ପ୍ରଚାର କରାହୁଏ ଯାହାକି ସେମାନଙ୍କୁ ଆଘାତ ଦେଇଥାଏ, ଏବଂ ସେମାନେ ଏଠାରେ ଉପରକୁ ଆସନ୍ତି, ଏହା ଜାଣି ଯେ ସେମାନେ ଭୁଲ୍ ଅଟନ୍ତି, ଏଠାରେ ଶ୍ରୋତାବୃନ୍ଦଙ୍କ ସମ୍ମୁଖରେ ଏକ ସ୍ୱୀକାରୋକ୍ତି କରିବା ନିମନ୍ତେ ଛିଡା ହୁଅନ୍ତି । ନିଶ୍ଚିତ ଭାବରେ, ନିଶ୍ଚିତରେ ଆପଣ ବୃଦ୍ଧ ମହିଳାମାନେ, କଅଣ ଆପଣମାନେ ଆସିବେ ନାହିଁ କି? ଏଠାରେ ଉପରକୁ ଆସି, ଏଠାରେ ଛିଡା ହୁଅନ୍ତୁ ।

> କଅମୁଁ ତୁମ୍ଭର ମୁଖ ଅନ୍ୱେଷଣ କରିବି;
> ମୋର କ୍ଷତବିକ୍ଷତ, ଭଗ୍ନ ଆତ୍ମାକୁ ସୁସ୍ଥ କର ।

ଆସନ୍ତୁ ଆମେମାନେ ଏହାକୁ ଗାଇବା ।

> ତୁମ୍ଭର ଅନୁଗ୍ରହରେ ମୋତେ ରକ୍ଷା କର ।
>
> ତ୍ରାଣକର୍ତ୍ତା, ତ୍ରାଣକର୍ତ୍ତା,
> ଶୁଣ...

264 ନିଶ୍ଚିତ ଭାବରେ ଆପଣ ଏକ ବିନମ୍ର ପ୍ରାର୍ଥନା କରିବା ହେତୁ ଯଥେଷ୍ଟ ନିଷ୍ଠାବାନ ଅଟନ୍ତି, "ହେ ପ୍ରଭୁ, ମୋତେ ଡାକ, ପରୀକ୍ଷା କର, ଏବଂ ଦେଖ ଯଦି ମୋ ଠାରେ କିଛି ଭୁଲ ରହିଛି କି ।"

> ମୋତେ ଅତିକ୍ରମ କରି ଯାଅ ନାହିଁ ।

ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭଉଣୀ ପ୍ରିୟ ।

265 କେତେଜଣ ଏହି ସଭାରେ ଛିଡା ହୋଇ ଏହା ଆସିବାର ଦେଖିଛନ୍ତି, ଶ୍ରୋତାବୃନ୍ଦଙ୍କ ମଧ୍ୟରେ, ସ୍ତ୍ରୀ, ପୁରୁଷଗଣ, ଏବଂ ସମସ୍ତେ, ଯେତେବେଳେ ମୁଁ ରୋଗୀମାନଙ୍କ ପାଇଁ ପ୍ରାର୍ଥନା

କରିବାକୁ ଛିଡା ହେଉଥିଲି, ଏବଂ ପବିତ୍ରଆତ୍ମା ସେମାନଙ୍କୁ ସେମାନଙ୍କର ପାପଗୁଡିକ, ଓ ଅନ୍ୟାନ୍ୟ ବିଷୟଗୁଡିକ ସମ୍ବନ୍ଧରେ କହିଥିଲେ, ଏବଂ ତାହା ଜାଣିଛନ୍ତି? ଆପଣମାନଙ୍କ ମଧ୍ୟରୁ କେତେଜଣ ତାହା ସତ୍ୟ ବୋଲି ଜାଣନ୍ତି? କଦାପି ବିଫଳ ହୋଇନାହିଁ। ପବିତ୍ରଆତ୍ମା ମୋତେ କହୁଛନ୍ତି, ସେହି ସମାନ ପବିତ୍ରଆତ୍ମା, ଯେ ଆଜି ରାତି ଏଠାରେ କିଛି ଗୋଟାଏ ବିଷୟ ଅଛି ଯାହାକି ତାହାଙ୍କୁ ଦୁଃଖିତ କରୁଅଛି। ତେବେ, ତାହା **ସଦାପ୍ରଭୁ ଏହି କଥା କୁହନ୍ତି** ଅଟେ। ତେବେ, ଏହାକୁ ଏଠାରେ ସାକ୍ଷାତ କରନ୍ତୁ, କିମ୍ବା ସେଠାରେ କରନ୍ତୁ।

266 ମୁଁ ଭାବନା ଅଧୀନରେ ସମର୍ପିତ ହେବାର ଜଣେ ବ୍ୟକ୍ତି ନୁହେଁ। ନା, ମହାଶୟ। ମୁଁ ଅବିକଳ ଭାବେ ଜାଣେ ଯେ ମୁଁ କେଉଁଠାରେ ଛିଡା ହୋଇଅଛି, ଏବଂ ମୁଁ—ମୁଁ ପରମେଶ୍ୱରଙ୍କୁ ଜାଣେ। ତାହା ଠିକ୍। ଏଠାରେ ଆପଣମାନଙ୍କ ମଧ୍ୟରୁ ଅନେକଙ୍କୁ ଛିଡା ହେବାର ଆବଶ୍ୟକ ଅଟେ ଯେଉଁଠାରେକି ଏହି ସାନ ଝିଅମାନେ ଛିଡା ହୋଇଛନ୍ତି। ତେବେ, କଅଣ ଆପଣ ଆସିବେ ନାହିଁ କି? ମୁଁ ଆପଣଙ୍କୁ ନିମନ୍ତ୍ରଣ କରୁଅଛି। ମୁଁ ବଳାଇବି ନାହିଁ। ମୁଁ ତ କେବଳ ଆପଣମାନଙ୍କୁ କହୁଅଛି।

267 କେହି ଜଣେ କହିଲେ, "ମୁଁ କଦାପି ଏକ ବେଦୀର ଡାକରା ଶୁଣି ନାହିଁ ଯେଉଁଠାରେ ଜଣେ ସେବକ ଶ୍ରୋତାବୃନ୍ଦଙ୍କୁ, ସେହିପରି ବିଷୟଗୁଡିକରେ ଭର୍ତ୍ସନା କରିଥାଆନ୍ତି।"

268 ତାହାହିଁ ସେହି ଉପାୟରେ ହିଁ କରାଯିବା ଉଚିତ୍ ଅଟେ। ଆପଣ ଏପରି କିଛି ହୃଦୟ ଭଗ୍ନକାରୀ କାହାଣୀ ସହିତ, କୌଣସି ମାଆର ବିୟୋଗ କିମ୍ବା ସେହିପରି କିଛି ବିଷୟ ନେଇ ଆସନ୍ତି ନାହିଁ। ତାହା, ତାହା ତ ଭାବପ୍ରବଣତା ଅଧୀନରେ ଅଟେ। ଏହା ତ ପରମେଶ୍ୱରଙ୍କ ବାକ୍ୟ ଅଟେ ଯାହା ଉପରେ ଆପଣମାନେ ଆସନ୍ତି। ଆପଣ କୌଣସି ଭାବପ୍ରବଣତା ଅଧୀନ ନିମନ୍ତେ ଆସନ୍ତି ନାହିଁ। ଆପଣ ତ ଏହା ବିଶ୍ୱାସ କରିଆସନ୍ତି ଯେ ପରମେଶ୍ୱର ହେଉଛନ୍ତି ପରମେଶ୍ୱର, ଏବଂ ଆପଣ ପ୍ରଭୁଙ୍କ ବିଚାର ଗୃହରେ ଅଛନ୍ତି। ଏବଂ ଆପଣ ନିଜର ମାମଲାକୁ, ନିବେଦନ କରି ଆସନ୍ତି।

269 ମୋ ଭାଇ, ମୋ ଭଉଣୀ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଆପଣଙ୍କର ସହିତ ହାତ ମିଶାଇ, ଏହା କହିବାକୁ ଚାହେଁ ଯେ ମୁଁ ଆପଣଙ୍କର ସଚ୍ଚୋଟ ବିଶ୍ୱାସକୁ ପ୍ରଶଂସା କରେ। ହେ ସାନ ମହିଳା, ମୁଁ ଆପଣଙ୍କୁ ପ୍ରଶଂସା କରେ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଏହା ହେଉ ଯେ ସେ ଆପଣଙ୍କୁ ସେହି ସାହସିକ ଆତ୍ମା ପ୍ରଦାନ କରନ୍ତୁ। ମୋର ଭାଇ, ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କ ସହିତରେ ରୁହନ୍ତୁ।

270 ପୁଣି ଥରେ, ତେବେ ଆମେମାନେ ବନ୍ଦ କରିବାକୁ ଯାଉଅଛୁ। ଏହା ଶେଷ ଥରକ ପାଇଁ, ମଧ୍ୟ ବନ୍ଦ ହୋଇ ଯାଇପାରେ। ବୁଝିଲେ? ମୁଁ ଜାଣେ ନାହିଁ ଯେ କେବେ। ମୁଁ ଆଶା କରେ ଯେ ଏହା ହୁଏ ନାହିଁ। ମାତ୍ର ଏହା ହୋଇପାରେ। ବୁଝିଲେ?

ତ୍ରାଣକର୍ତ୍ତା...

271 ମୋ ଭଉଣୀ, ଏଠାକୁ ଆସନ୍ତୁ । ମୁଁ ଆପଣଙ୍କ ସହିତ ହାତ ମିଶାଇବାକୁ ଚାହେଁ, ଆପଣଙ୍କୁ ଧନ୍ୟବାଦ । ମୁଁ ସେହି ବିଶ୍ୱାସକୁ ପ୍ରଶଂସା କରେ । ତାହାହିଁ ହେଉଛି ଖଣ୍ଟି ବିଶ୍ୱାସ ।

272 ମୋ ଭାଇ, ଏଠାକୁ ଆସନ୍ତୁ । ମୁଁ ଆପଣଙ୍କ ସହିତ, ଠିକ୍ ଏଠାରେ ହାତ ମିଶାଇବାକୁ ଚାହେଁ । ମୁଁ ଆପଣଙ୍କର ନିଷ୍ଠାପରତାକୁ ପ୍ରଶଂସା କରେ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

273 ଏଠାକୁ ଆସନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମୁଁ ଆପଣଙ୍କର ନିଷ୍ଠାପରତାକୁ ପ୍ରଶଂସା କରେ, ଯେ ଆପଣ ପକ୍ଷ ନେଇଛନ୍ତି…

…ମୋତେ ଅତିକ୍ରମ କର ।

ତ୍ରାଣକର୍ତ୍ତା…

274 କଅଣ? "ମେଷଶାବକଙ୍କ ବିବାହର ସମୟ ଉପସ୍ଥିତ, ଏବଂ ତାହାଙ୍କ କନ୍ୟା ଆପଣାକୁ ପ୍ରସ୍ତୁତ କରିଅଛି ।"

…ବିନମ୍ର କ୍ରନ୍ଦନ;
ଯେତେବେଳେକି ସେଥିରେ…
ମୋତେ ଅତିକ୍ରମ କରି ଯାଅ ନାହିଁ । (କଅଣ?)

ମୁଁ ତ କେବଳ ତୁମର ଯୋଗ୍ୟତା ଉପରେ ଭରସା କରୁଅଛି,
କଅଣ ମୁଁ ତୁମ୍ଭର ମୁଖ ଅନ୍ୱେଷଣ କରିବି;
ମୋର କ୍ଷତବିକ୍ଷତ, ଭଗ୍ନ ଆତ୍ମାକୁ ସୁସ୍ଥ କର, (ଯେଉଁଠାରେକି ବାକ୍ୟ
ଘାତ କରିଥିଲା ।)
ତୁମ୍ଭର ଅନୁଗ୍ରହରେ ମୋତେ ରକ୍ଷା କର ।

ତ୍ରାଣକର୍ତ୍ତା, ତ୍ରାଣକର୍ତ୍ତା,
ମୋର ବିନମ୍ର କ୍ରନ୍ଦନକୁ ଶୁଣ…
ଯେତେବେଳେକି ତୁମେ ଅନ୍ୟମାନଙ୍କୁ ଡାକ ଦେଉଥାଅ,
ଓଃ, ମୋତେ ଅତିକ୍ରମ କରି ଯାଅ ନାହିଁ ।

275 ମନେରଖନ୍ତୁ, ଯେ ପବିତ୍ରଆତ୍ମା ହିଁ ତାହା ଥିଲେ ଯିଏକି ଆପଣଙ୍କ ହୃଦୟକୁ ଆଘାତ କରିଥିଲେ, ଏବଂ ଆପଣ ଏଠାକୁ ଆସିଲେ । କେବଳ ସେ ଘାତ କରିଥିବା ସ୍ଥାନଗୁଡିକ ବିଷୟରେ ଚିନ୍ତା କରନ୍ତୁ, ଏବଂ ସେହି ବ୍ୟକ୍ତି କେବେବି ସେହିପରି ଭାବରେ ଜୀବନଯାପନ କରିବେ ନାହିଁ । ସେମାନେ ତାହା ସର୍ବଦା ମନେ ରଖିଥିବେ । "ଯଦି ଆମର ହୃଦୟ ଆମକୁ ନିନ୍ଦା ନ କରେ ।" ମାତ୍ର ଯେତେବେଳେ ଆପଣ ପରମେଶ୍ୱରଙ୍କ ବାକ୍ୟରେ ଥିବା କୌଣସି ବିଷୟ ସହିତ ଆସନ୍ତି, ଏବଂ ଆପଣ ଏହାକୁ ଅଣଦେଖା କରି ଦିଅନ୍ତି, ତେବେ ତାହା ଅବ୍ରହାମଙ୍କ ବଂଶ

ନୁହେଁ । ଅବ୍ରହାମ ପରମେଶ୍ୱରଙ୍କ ପ୍ରତିଜ୍ଞାକୁ ନିଜ ହୃଦୟରେ ରଖିଥିଲେ, ଯାଏ ଆସେ ନାହିଁ ଯେ କଅଣ ଆସିଥିଲା କିମ୍ୱା ଯାଇଥିଲା ।

276 ମୁଁ ଯଜ୍ଞବେଦି ଚାରିପାଖରେ ଛିଡା ହୋଇଥିବା ସମସ୍ତଙ୍କୁ ପ୍ରଶଂସା କରେ । ଆପଣମାନଙ୍କ ପାଇଁ ମୋର ପ୍ରାର୍ଥନା ହେଲା, ଯେ ପରମେଶ୍ୱର ଆଜି ରାତି ଆପଣମାନଙ୍କର ହୃଦୟର ଇଚ୍ଛାକୁ ଆପଣଙ୍କୁ ପ୍ରଦାନ କରିବେ, ଏବଂ ଆପଣମାନଙ୍କୁ ପ୍ରକୃତ ସାଧୁ ଲୋକ କରିବେ ।

277 ଏହି ଯୁବା ବର୍ଗମାନଙ୍କ ମଧ୍ୟରୁ କେତେକେ ତ, ଏଠାରେ ଭାରତୀୟ, ସ୍ପାନିସ୍, ମେକ୍ସିକାନ୍ ଅଟନ୍ତି, ସମସ୍ତେ ଚାରିଆଡ଼େ ଛିଡା ହୋଇଛନ୍ତି, ଏପରି ଲୋକମାନେ ଯେଉଁମାନେକି ନିଜକୁ ଖ୍ରୀଷ୍ଟିଆନ ବୋଲି ଦାବି କରିଛନ୍ତି, ହୋଇପାରେ, ବର୍ଷ ବର୍ଷ ଧରି ରହିଛନ୍ତି, ମାତ୍ର ଦେଖିଲେ ଯେ ତାହା ଭୁଲ ଅଟେ । ସେମାନେ ଠିକ୍ ହେବାକୁ ଚାହାଁନ୍ତି । "ସେମାନେ ଧନ୍ୟ ଯେଉଁମାନେକି ଧାର୍ମିକତା ପାଇଁ କ୍ଷୁଧିତ ଓ ତୃଷାର୍ତ୍ତ, କାରଣ ସେମାନେ ପୂର୍ଣ୍ଣ କରାଯିବେ ।" ଦୋଷୀ ହୋଇ, ପରମେଶ୍ୱରଙ୍କ ବିଚାରର ଅଗ୍ନିମୟ ବେଦୀ ମାଧ୍ୟମରେ, ଏହାକୁ ପରମେଶ୍ୱରଙ୍କ ସହିତ ଠିକ୍ କରିବାକୁ ପ୍ରସ୍ତୁତ ଅଟନ୍ତି ।

278 ବନ୍ଧୁଗଣ, ଏହାକୁ ତ କୌଣସି ସ୍ଥାନରେ ଭେଟିବାକୁ ହିଁ ପଡିବ । ଆପଣଙ୍କୁ ତ ଏହାକୁ କୌଣସି ସ୍ଥାନରେ ଭେଟିବାକୁ ପଡିବ, ତେଣୁ ଏହାକୁ ଏଠାରେ ହିଁ ସାକ୍ଷାତ କରି ନିଅନ୍ତୁ । ସକାଳ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ନାହିଁ । ହୋଇପାରେ ଯେ ଆପଣ ଆଜି ରାତିରେ ହିଁ, ଘରକୁ ଯାଉଥିବାବେଳେ, ଏକ ଦୁର୍ଘଟଣାରେ ମରିଯିବେ ।

279 ସମ୍ପ୍ରତି ଠିକ ଏକ ସଭାରେ, ମୁଁ ଏକ ଯଜ୍ଞବେଦୀର ଡାକରା ଦେଲି, ଏବଂ—ଏବଂ ମୁଁ ଡାକିଲି, ଯେପରିକି ତାହା ଓହାୟୋରେ ହୋଇଥିଲା । ଏବଂ ସେହି ରାତି, ମୁଁ ଭବନରୁ ବାହାରି, ପ୍ରାୟଃ ପନ୍ଦର ମିନିଟ୍ ହେବ ଚାଲି ଆସିଲି । ମୁଁ କାହାରି ଜଣକାକୁ, ରାସ୍ତାରେ କଡରେ ଚିତ୍କାର କରୁଥିବାର ଶୁଣିଲି । ମୁଁ ଅଟକି ଗଲି, ସେଠାକୁ ଗଲି । ଗୋଟିଏ କାର ଦୁର୍ଘଟଣାଗ୍ରସ୍ତ ହୋଇ, ଅନ୍ୟ ଜଣକ ଉପରେ ଚଢି ଯାଇଥିଲା । ଏବଂ ସେଠାରେ ଜଣେ ସ୍ତ୍ରୀଲୋକ, ଏତେ ଅଧୀର ଅବସ୍ଥାରେ ବସିଥିଲେ, ଯେ ସେ ନିଜର ମୁଦ୍ରିକାକୁ ବାହର କରି ନେଇଥିଲେ, ସେ ଏତେ ଅଧୀର ହୋଇ ଯାଇଥିଲେ । ସେ ମୃତ୍ୟୁବରଣ କରିଥିଲେ । ଏବଂ ରାସ୍ତାରେ ଆସିବା ବେଳେ, ସେ ନିଜର ଝିଅ ସହିତ କଥାବାର୍ତ୍ତା କରୁଥିଲେ, ଯିଏକି ଗାଡି ଚଳାଉଥିଲା । ସେମାନେ ତାଙ୍କୁ ସେଠାରେ ରଖିଥିଲେ, ଡାକ୍ତରଖାନାକୁ ନେଇଯିବା ପାଇଁ ପ୍ରସ୍ତୁତ କରୁଥିଲେ । ଏବଂ ଉଭୟ ସେମାନଙ୍କୁ ଯଜ୍ଞବେଦୀକୁ ଆସିବାର ଉଚିତ୍ ଥିଲା । ଏବଂ ସେହି ଝିଅଟି କହିଲା, "ମାଆ, ସେହି କାର ଧକ୍କା ମାରିବା ପୂର୍ବରୁ ଶେଷ ଶବ୍ଦ ଯାହା ସେ ମୋତେ କହିଲା, 'ଆଜି ରାତିରେ ମୁଁ ଭୁଲ୍ କଲି । ମୁଁ ଜାଣେ ଯେ ମୁଁ କଲି ।'" ଏବଂ ସେହିଠାରେ ତାଙ୍କ ଜୀବନକୁ ନେଇ ନିଆଗଲା ।

ଓଃ, ଆପଣ କୁହନ୍ତି, "ତାହା ମୋ ସହିତ ଘଟିବ ନାହିଁ ।" ଏହା ହୋଇପାରେ । ଏହା ଘଟିପାରେ ।

280 ଏବଂ କଅଣ ହୁଏ ଯଦି ପବିତ୍ରଆତ୍ମା ଆପଣଙ୍କୁ ଆଉ ଅଧିକ ନିନ୍ଦା ନ କରନ୍ତି ଏବଂ

ଆପଣ ଭୁଲ୍ ଅଛନ୍ତି ବୋଲି ନ କୁହନ୍ତି? ତେବେ ଆପଣ ତ ଅନନ୍ତତା ମଧ୍ୟକୁ ସେହିପରି ଭାବରେ ଚାଲିଯିବେ। ଏବଂ ଆପଣ ଜାଣନ୍ତି, ସେହି ପ୍ରକାରର ଏକ ଆତ୍ମା ସହିତ, ଆପଣ ତାହା କରିପାରନ୍ତି ନାହିଁ। ମହାଶୟ, ନିଜ ଜୀବନ ଦେଇ ପଛକୁ ଦେଖନ୍ତୁ, ଦେଖନ୍ତୁ ଯେ ଆପଣ କିପରି ଭାବରେ ଜୀବନ ଯାପନ କରିଛନ୍ତି। ଏବଂ ସେଠାରେ ପଶ୍ଚାତ୍ ସମୟକୁ ଅନାନ୍ତୁ ଏବଂ ଦେଖନ୍ତୁ ଯେ କଅଣ ତାହା ଖ୍ରୀଷ୍ଟଙ୍କର ସେହି ମଧୁର, ନମ୍ର ଜୀବନ, ତାହାଙ୍କର ସମସ୍ତ ବାକ୍ୟ ସହିତ ସହମତିରେ ରହିଛି କି ନାହିଁ। ଯଦି ତାହା ନାହିଁ, ତାହାହେଲେ ଫେରି ଆସି ଠିକ୍ କରି ନିଅନ୍ତୁ। ସେଠାରେ ତ...କାହିଁକି—କାହିଁକି ଏକ ବିକଳ୍ପକୁ ନେବେ, ଯେତେବେଳେକି ସେହି ଆକାଶଟି ପ୍ରକୃତ ପେଣ୍ଟିକଷ୍ଟାଲ ଆଶୀର୍ବାଦରେ ପରିପୂର୍ଣ୍ଣ ରହିଅଛି ଯାହାକି ଆପଣଙ୍କର ହୃଦୟକୁ ପରିଷ୍କାର କରି ଦେବ, ଆପଣଙ୍କର ପ୍ରାଣକୁ ଶୁଦ୍ଧ କରି ଦେବ? କଅଣ ତାହା ଠିକ୍ ନୁହେଁ କି?

281 ଆଜି ରାତି ଏଠାରେ କେତେଜଣ ସେବକ ଅଛନ୍ତି? ମୁଁ ଚାହେଁ ଯେ ଆପଣ ଭାଇମାନଙ୍କ ମଧ୍ୟରୁ କେତେକ ଏଠାରେ ଉପରକୁ ଆସି ଆମ ସହିତରେ ରୁହନ୍ତୁ। କଅଣ ତାହା ଠିକ୍ ଅଛି କି, ଭାଇ? ହଁ। ଭାଇମାନେ, କଅଣ ଏଠାରେ ଉପରକୁ ଆସିବେ କି, କଅଣ ଆପଣ, ମାତ୍ର ଗୋଟିଏ ମିନିଟ୍ ପାଇଁ? ତାହା ଠିକ୍।

282 ଯୀଶୁ ତାହାଙ୍କ ବାକ୍ୟରେ, କହିଥିଲେ, "ଯିଏ ମୋହର ବାକ୍ୟ ଶୁଣେ, ଏବଂ ମୋର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି; ସେ ନିନ୍ଦା ମଧ୍ୟକୁ ଆସିବ ନାହିଁ, ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି।" ସାଧୁ ଯୋହନ 6 କୁହେ, "ଏବଂ ମୁଁ ତାକୁ ଶେଷ ଦିନରେ ପୁନର୍ବାର ଉତ୍ଥିତ କରିବି," ଏକ ପୁନରୁତ୍ଥାନ।

283 ଲୋକମାନେ, ଆମେ, ଆମକୁ ତ ତାହା ସହ୍ୟ କରିବାକୁ ଅଛି। ଆମକୁ ତାହା ନିଶ୍ଚିତରେ କରିବାକୁ ଅଛି। ଏହାକୁ ତ କେବଳ କରାଯିବାକୁ ହିଁ ଅଛି। ତେଣୁକରି ସେହି...ଏହା ଭାବାବେଗ ନୁହେଁ। ଅବଶ୍ୟ, ଭାବାବେଗ ଏହା ସହିତରେ ଗତି କରିଥାଏ। ତାହା ଠିକ୍ ଅଟେ। ମାତ୍ର ଏହାର ମୂଳ ବିଷୟ ହେଉଛି, ଏକ ପବିତ୍ରୀକୃତ ହୃଦୟ।

284 ପରମେଶ୍ୱରଙ୍କ ବାକ୍ୟକୁ କେବଳ ନିଅନ୍ତୁ, ଏବଂ କୁହନ୍ତୁ, "ହେ ପରମେଶ୍ୱର, ମୁଁ ଭୁଲ୍ କରିଛି। ମୁଁ ଦୁଃଖିତ ଯେ ମୁଁ ତାହା କରିଛି। ତୁମେ ମୋର ହୃଦୟକୁ ଜାଣିଛ। ମୁଁ ଭୁଲ୍ କରିଛି। ଠିକ୍ ଏଠାରେ ଏହି କାରଣରୁ, ମୁଁ ମୋର ଭୁଲ୍ ସ୍ୱୀକାର କରୁଛି। ଏବଂ ଏହି ରାତିରୁ, ପରଠାରୁ, ମୁଁ ତୁମ ସହିତ ନିର୍ବନ୍ଧିତ ଅଟେ। ମୁଁ କନ୍ୟାର ଅଂଶ ଅଟେ। ମୁଁ *ତାହା* ଆଉ କେବେ ପୁନର୍ବାର କରିବି ନାହିଁ; ମୋର କ୍ରୋଧକୁ ଆଉ କେବେବି ପୁନର୍ବାର ଅସଂଯତ ହେବାକୁ ଦେବି ନାହିଁ। ମୁଁ—ମୁଁ ଜଣେ ମହିଳା ପରି ଆଚରଣ କରିବି। ମୁଁ ଜଣେ ଭଦ୍ରଲୋକଙ୍କ ପରି ଆଚରଣ କରିବି। ବାଇବଲ ଯାହା କୁହେ ମୁଁ ସେହି ବିଷୟଗୁଡ଼ିକ କରିବି। ମୁଁ ବର୍ତ୍ତମାନ ହିଁ ତୁମକୁ ତୁମ ବାକ୍ୟରେ ଗ୍ରହଣ କରିବି।" ସେତେବେଳେ ଆପଣ କୌଣସି ସ୍ଥାନକୁ ଯାଉଅଛନ୍ତି।

285 ସୁସମାଚାର ପ୍ରଚାରକଗଣ, କଅଣ ଆପଣମାନେ ତାହା ବିଶ୍ୱାସ କରନ୍ତି କି? କଅଣ

ତାହା ସତ୍ୟ କି? ତାହା ଠିକ୍।

286 ତେବେ, ଆସନ୍ତୁ ଆମେମାନେ ବର୍ତ୍ତମାନ ପ୍ରାର୍ଥନାରେ ନିଜର ମସ୍ତକଗୁଡିକୁ ନତ କରିବା, ଠିକ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ, ନିଜ ନିଜ ଉପାୟରେ।

287 ମନେରଖନ୍ତୁ, ଠିକ ଆପଣଙ୍କ ପାର୍ଶ୍ୱରେ ଖ୍ରୀଷ୍ଟ ଅଛନ୍ତି। ଆପଣଙ୍କ ସମ୍ମୁଖରେ, ଏଠାରେ ଯଜ୍ଞବେଦୀ ଉପରେ, ଖ୍ରୀଷ୍ଟିଆନମାନେ ଛିଡା ହୋଇ ପ୍ରାର୍ଥନା କରୁଛନ୍ତି। ଆପଣଙ୍କ ପଛରେ; ସୁସମାଚାର ସେବକମାନେ ପ୍ରାର୍ଥନା କରୁଛନ୍ତି। ତେବେ, ତାହା ଆପଣଙ୍କୁ ଏକ ପ୍ରାର୍ଥନାର ପରିବେଶରେ ରଖି ଦେଇଥାଏ।

288 ତେବେ, ଆପଣମାନଙ୍କର ସ୍ୱୀକାରୋକ୍ତି, ଆପଣମାନଙ୍କର ହୃଦୟରେ, ଆପଣଙ୍କର ନିଜ ଉପାୟରେ: "ପ୍ରଭୁ, ମୁଁ ଭୁଲ୍ ଅଟେ। ମୁଁ ଦୁଃଖିତ, ଯେ ପ୍ରଭୁ, ମୁଁ ଏହିସବୁ ବିଷୟ କଲି। ମୁଁ ବର୍ତ୍ତମାନ ମୋର ପାପକୁ ସ୍ୱୀକାର କରୁଅଛି। ମୁଁ ତୁମ ଉପରେ ବିଶ୍ୱାସ କରୁଅଛି। ମୁଁ ବର୍ତ୍ତମାନ ତୁମକୁ ଗ୍ରହଣ କରୁଅଛି। ମୁଁ କନ୍ୟାର ଅଂଶ ହେବାକୁ ଚାହୁଁଅଛି। ଯୀଶୁଙ୍କ ନାମରେ ମୁଁ ପ୍ରାର୍ଥନା କରେ।"

ତେବେ, ନିଜର ସ୍ୱୀକାରୋକ୍ତିକୁ ବର୍ତ୍ତମାନ ନିଜ ହୃଦୟରେ ରଖନ୍ତୁ। ବର୍ତ୍ତମାନ ମୁଁ ଆପଣମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛି।

289 ସ୍ୱର୍ଗସ୍ଥ ପିତା, ଏହା ମୋତେ ବେଳେବେଳେ କିପରି ଦୁଃଖିତ କରିଥାଏ ଯେତେବେଳେ ମୋତେ ଭଲ ପାଉଥିବା ଏହି ଲୋକମାନଙ୍କୁ ମୁଁ ଅନାଏ, ଏବଂ ଦେଖେ ଯେ ତୁମେ କିପରି ବାକ୍ୟକୁ ନେଇ ସେଠାରେ ଉପସ୍ଥାପିତ କରିଅଛ। ଏହା ତ କେବଳ ହାଡର ସେହି ମଜ୍ଜାକୁ ଛେଦୀ ପକାଇଥାଏ, ମାତ୍ର ତାହାପରେ ଏହା ସତ୍ୟ ବୋଲି ସୁପ୍ରମାଣିତ କରିବା ପାଇଁ ତୁମେ ଏହାର ଚାରିପାଖେ ଆସିଥାଅ। ଏହା ସତ୍ୟ ଅଟେ।

290 ଏଠାରେ ପୁରୁଷ ଏବଂ ମହିଳାମାନେ ଛିଡା ହୋଇଛନ୍ତି, ଏପରିକି ସାନ ସାନ ମହିଳାମାନେ, ଛୋଟ ଛୋଟ ଝିଅମାନେ ଏଠାରେ ମସ୍ତକଗୁଡିକ ନତ କରି ଛିଡା ହୋଇଛନ୍ତି, ଏବଂ ସେମାନଙ୍କ ଆଖିରେ ଲୁହ ରହିଛି, ଓ ଜୀବନର ଚାରିଛକରେ ଛିଡା ହୋଇଛନ୍ତି। ମୁଁ ଭାବୁଛି ଯେ ସେମାନେ ଯେଉଁଠାରେ ଶେଷ କରିପାରିବେ, ତାହା ସେଠାରେ ତଳେ ସେହି ଟ୍ୱିଷ୍ଟ ନାଚରେ, ରକ୍-ଏଣ୍ଡ୍-ରୋଲ୍, ଶୟତାନ-ଗ୍ରସିତ, ଭୂତ-ଆକ୍ରାନ୍ତ ଦଳରେ। ଏଠାରେ ସେମାନେ ଅଛନ୍ତି, ଆଜି ରାତି ମସ୍ତକଗୁଡିକୁ ନତ କରି ଛିଡା ହୋଇଛନ୍ତି, ଏପରି କିଛି ବିଷୟ ଚାହୁଁଛନ୍ତି ଯାହା ଉପରେ ସେମାନେ ନିଜର ହାତକୁ ରଖିପାରିବେ, ଏପରି କହିପାରିବେ, "ପ୍ରଭୁ ପରମେଶ୍ୱର, ମୋତେ ଜଗତର ସମସ୍ତ ବିଷୟ ବସ୍ତୁଠାରୁ ପରିଷ୍କାର କର।"

291 ଏଠାରେ ମଧ୍ୟ-ବୟସ୍କ ପୁରୁଷମାନେ, ଯୁବା ଲୋକମାନେ, ବୃଦ୍ଧ ମହିଳାମାନେ, ଯୁବା ସ୍ତ୍ରୀଲୋକମାନେ, ସମସ୍ତେ ଏକାଠି ଛିଡା ହୋଇଛନ୍ତି। ସେମାନେ ଏହା ସ୍ୱୀକାର କରୁଛନ୍ତି ଯେ ସେଠାରେ ଭୁଲ ଅଛି। ତୁମେ ସେମାନଙ୍କ ହୃଦୟରେ କଥା କହିଛ; ଅନ୍ୟଥା ସେମାନେ ଏଠାରେ କଦାପି ରହି ନ ଥାଆନ୍ତେ। ତାହା ଏହା ଦର୍ଶାଏ ଯେ ସେମାନେ ତ

ଏପରିକି ସେମାନଙ୍କର ଆସନରୁ ସୁଦ୍ଧା ଉଠି ପାରିବେ ନାହିଁ, ଯେପର୍ଯ୍ୟନ୍ତକି ପୂର୍ବରୁ କୌଣସି ନିଷ୍ପତ୍ତି କରା ନ ଯାଇଥାଏ । ପରମେଶ୍ୱରଙ୍କ ଏକ ଆତ୍ମା ସେମାନଙ୍କ ଚାରିପାଖରେ ରହିଥିଲା, ଏବଂ—ଏବଂ କହିଥିଲା, "ତୁମେ ଭୁଲ୍ ଅଟ ।"

ଏବଂ ସେମାନଙ୍କର ଛୋଟ ଜୀବନଟି କହିଲା, "ପ୍ରଭୁ, ତେବେ ମୁଁ ତୁମକୁ ଚାହୁଁଅଛି ।"

ଆଉ ଶୟତାନ କହିଲା, "ଚୁପ୍ କରି ବସିଥାଅ ।"

292 ମାତ୍ର ପରମେଶ୍ୱରଙ୍କ ଆତ୍ମା କହିଲେ, "ଉଠ ।" ଏବଂ ସେମାନେ ଆଜ୍ଞାବହତାରେ ଚାଲିଅଛନ୍ତି, ଏବଂ ଏଠାରେ ଯଜ୍ଞବେଦୀ ନିକଟରେ ଛିଡା ହୋଇଛନ୍ତି ।

293 ତେବେ, ଯେତେବେଳେ ମୁଁ ତୁମକୁ ତୁମର ବାକ୍ୟ ଉଦ୍ଧୃତ କରିଅଛି, "ଯିଏ ମୋ ପାଖକୁ ଆସିବ, ମୁଁ କୌଣସି ପ୍ରକାରେ ବାହାର କରି ଦେବି ନାହିଁ । ଯଦିଓ ତୁମର ପାପ ଲାଲ ରଙ୍ଗର ହୋଇଥାଏ, ସେଗୁଡ଼ିକ ହିମ ପରି ଧଳା ହୋଇଯିବ; ଲାଲ ରଙ୍ଗର ପରି ନାଲି, ପଶମ ପରି ଧଳା । ଆସ ଏବଂ ମୋ ଠାରୁ, ଦ୍ରାକ୍ଷାରସ ଓ ତେଲ କ୍ରୟ କର । ମୋର ଅନୁଗ୍ରହ ଯଥେଷ୍ଟ ଅଟେ । ଯିଏ ମୋହର ବାକ୍ୟ ଶୁଣେ ଏବଂ ମୋର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି; ଏବଂ ବିଚାର ମଧ୍ୟକୁ ଆସିବ ନାହିଁ, ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି । ଏବଂ ବର୍ତ୍ତମାନ ମେଷଶାବକଙ୍କ ବିବାହ ଉପସ୍ଥିତ ଅଟେ, ଏବଂ ତାହାଙ୍କର କନ୍ୟା ଆପଣାକୁ ସଜ୍ଜିତ କରିଅଛି ।"

294 ପିତା, ସେମାନେ ତୁମର ଅଟନ୍ତି । ସେମାନେ ତୁମ ବାକ୍ୟର ପୁରସ୍କାରମାନ ଅଟନ୍ତି । ସେମାନେ ଏଠାରେ ବାକ୍ୟରୂପ ଜଳ ଦ୍ୱାରା ଧୌତ ହେବା ପାଇଁ ଅଛନ୍ତି, କାରଣ ଏହା ସମ୍ପୂର୍ଣ୍ଣ ସୁସମାଚାର ଅଟେ । ଏହା କୌଣସି ବିଷୟକୁ ଉଇହ୍ୟ କରିବା ନୁହେଁ । ଏହାକୁ ଭଙ୍ଗାଯାଇ, ଶିଶୁତୁଲ୍ୟ ଉପଯୁକ୍ତ ଅବସ୍ଥାକୁ ଅଣା ଯାଇଅଛି । ଏହା ତ ସେହି ମୂଳକୁ, ତିକ୍ତତାର ମୂଳ, ଉଦାସୀନତାର ସେହି—ସେହି—ସେହି ମୂଳକୁ, ଜଗତର ସେହି ମୂଳକୁ ଖୋଳି ବାହାର କରୁଅଛି । ହେ ପ୍ରଭୁ, ପବିତ୍ରଆତ୍ମାଙ୍କ ଦ୍ୱାରା, ସେଗୁଡିକୁ ଖୋଳି ବାହାର କରି ଦିଅ । ସେଗୁଡିକୁ ଏହି ଲୋକମାନଙ୍କଠାରୁ ଦୂରେଇ ଦିଅ ।

295 ଯୀଶୁ, ମୁଁ ଆଜି ସେମାନଙ୍କୁ ତୁମର ବ୍ୟକ୍ତିଗତ ଧନ ରୂପେ, ତୁମର ମୁକୁଟରେ ରତ୍ନ ପରି, ତୁମ କନ୍ୟାର ସଦସ୍ୟ ଭାବରେ, ତୁମ ପାଇଁ ଦାବି କରୁଛି । ମୁଁ ସେମାନଙ୍କର ଜୀବନଗୁଡିକୁ ଦାବି କରୁଛି । ମୁଁ ମୋର ସମସ୍ତ ହୃଦୟ ସହିତ, ଏହି ସେବକମାନଙ୍କ ସହିତରେ, ଜୀବନ୍ତ ପରମେଶ୍ୱରଙ୍କ ଏହି ସେବକମାନଙ୍କ ସହିତରେ ପ୍ରାର୍ଥନା କରୁଛି । ମୁଁ ପ୍ରାର୍ଥନା କରୁଛି ଯେ ତୁମେ ସେମାନଙ୍କଠାରୁ ସେହି ବିଷୟକୁ ଦୂରେଇ ନେବ, ପ୍ରଭୁ, ଜଗତର ସେହି ଜିନିଷଗୁଡ଼ିକୁ, ଏବଂ ସେମାନଙ୍କୁ ଶୟତାନର ସମ୍ମୁଖରେ ଛିଡା ଠିଆ ହେବା ପାଇଁ ସାହସ ଦେବ । ହେ ପ୍ରଭୁ, ଏହାକୁ ପ୍ରଦାନ କର । ଆମେମାନେ ବିଶ୍ୱାସ କରୁ ଯେ ତୁମେ ଏହା କରିବ । ତୁମେ କହିଛ, "ମୋ ନାମରେ ପିତାଙ୍କୁ ଯାହା କିଛି ମାଗ, ମୁଁ ତାହା କରିବି ।" ତେବେ, ତୁମେ ଏହା କେବେବି କହି

ନାହିଁ, "ଉଃ, ବୋଧହୁଏ ମୁଁ ଏହା କରିବି।" ତୁମେ କହିଛ, "ମୁଁ ଏହା କରିବି।" ଏବଂ ମୁଁ ବିଶ୍ୱାସ କରେ ଯେ ଏହା ସତ୍ୟ ଅଟେ।

296 ବର୍ତ୍ତମାନ, ଏହା ଶାସ୍ତ୍ରରେ ମଧ୍ୟ ଲେଖାଯାଇଛି, "ମୋ ନାମରେ ସେମାନେ ଭୂତମାନଙ୍କୁ ବାହାର କରିବେ।" ଏହା ତ ଏକ ଶୟତାନ ଅଟେ ଯାହାକି ଜଣେ ଯୁବା ମହିଳା କିମ୍ବା ଜଣେ ସ୍ତ୍ରୀଲୋକଙ୍କୁ ନେଇ, ତାଙ୍କ ଜୀବନକୁ ନଷ୍ଟ କରିଦିଏ। ଏହା ତ ଏକ ଶୟତାନ ଅଟେ ଯିଏକି ଜଣେ ମନୁଷ୍ୟକୁ ନେଇ ତାଙ୍କ ଜୀବନକୁ ନଷ୍ଟ କରିଥାଏ। ଏବଂ ହେ ପ୍ରଭୁ, ମୁଁ ମୋର ପ୍ରାର୍ଥନାରେ, ଏହି ଛୋଟ କାହାଣୀକୁ ଉଦ୍ଧୃତ କରିବି। ଏବଂ ମୁଁ ପ୍ରାର୍ଥନା କରେ ଯେ ତୁମେ ମୋର କଥାକୁ ଶୁଣିବ, ଏବଂ ମୋର ପ୍ରାର୍ଥନାର ଉତ୍ତର ଦେବ, ଯେପରିକି ଆଜି ରାତି ରାଜ୍ୟର ରତ୍ନ ଅଳଙ୍କାର ପାଇଁ ଏମାନଙ୍କ ମଧ୍ୟରୁ ସମସ୍ତେ ଦାବି କରାଯିବେ। ସେମାନେ ଆସି ଅଛନ୍ତି। ଏବଂ ଆଜି ରାତି ମୋତେ ମୋର ଶବ୍ଦଗୁଡିକ ପାଇଁ ଉତ୍ତର ଦେବାକୁ ଅଛି। ଏବଂ ଏଠାରେ ସେମାନେ ମୋ ସହିତ ଛିଡା ହେବା ପାଇଁ, ଏବଂ ଖ୍ରୀଷ୍ଟଙ୍କ ପାର୍ଶ୍ୱରେ ଆମର ସ୍ଥାନକୁ ଗ୍ରହଣ କରିବା ପାଇଁ ଆସିଛନ୍ତି।

297 ତେବେ, ଶୟତାନ, ତୁ ଏହାକୁ ହାରି ଯାଇଛୁ। ତୁ ସେମାନଙ୍କ ମଧ୍ୟରୁ ଅଳ୍ପ କେତେକଙ୍କୁ ରଖି ପକାଇଅଛୁ, ମାତ୍ର ତୁ ଯୁଦ୍ଧ ଜିତି ନାହୁଁ। ଯୀଶୁ କହିଲେ, "ଯିଏ ମୋ ପାଖକୁ ଆସେ, ମୁଁ କୌଣସି ପ୍ରକାରେ ବାହାର କରିଦେବି ନାହିଁ।"

298 ଶୟତାନ, ମୁଁ ତୋତେ କହୁଛି, ଯେ ଦିନେ ସେଠାରେ ଏକ ଛୋଟ ବାଳକ ଥିଲା ଯିଏକି ତାର ପିତାର ମେଣ୍ଢାଗୁଡିକୁ ଚରାଉଥିଲା। ଏବଂ ଏକ ସିଂହ ଭିତରକୁ ଆସିଲା ଓ ସେମାନଙ୍କ ମଧ୍ୟରୁ ଗୋଟିଏକୁ ଧରି, ପଳାଇଗଲା, ଦୁଷ୍କର୍ମ କରି ଅପବ୍ୟବହାର କଲା, ଏବଂ ଏହାକୁ ଗ୍ରାସ କରିବାକୁ ଯାଉଥିଲା। ମାତ୍ର ଏହି ପ୍ରକୃତ ଛୋଟ ମେଷପାଳକଟି, ତାହା ପାଖରେ ବହୁତ ଅଧିକ କିଛି ନ ଥିଲା କିନ୍ତୁ ଏକ ବାଟୁଳିଟିଏ ଥିଲା, ମାତ୍ର ତାର ଜୀବନ୍ତ ପରମେଶ୍ୱରଙ୍କ ଉପରେ ବିଶ୍ୱାସ ରହିଥିଲା। ସେ ସେହି ସିଂହର ପଛେ ଗୋଡାଇଲା, ଏବଂ ସେ ତାକୁ ଧରିଲା, ଏବଂ ସେ—ସେ ତାକୁ ବଧ କଲା। ସେହି ସିଂହ ତାହା ବିରୁଦ୍ଧରେ ଉଠିଲା, ଆଉ ସେ ସେହି ସିଂହକୁ ତାର ଦାଢୀରେ ଧରି ତାକୁ ହତ୍ୟା କଲା। ସେ ତାର ପାଟିରୁ ସେହି ମେଣ୍ଢାକୁ ବାହାର କରି, ତାର ଆରୋଗ୍ୟତା ପାଇଁ ପୁଣି ଥରେ ଚାରଣଭୂମିକୁ ନେଇଗଲା।

299 ତୁ ପରମେଶ୍ୱରଙ୍କ ଏହି ବହୁମୂଲ୍ୟ ମେଷଗୁଡ଼ିକୁ ନେଇଅଛୁ, ଏହି ମହିଳାମାନଙ୍କୁ, ଯାହାକି ସେମାନଙ୍କୁ ନିଜର କେଶ ଛୋଟ କରି କାଟିବାକୁ ଏବଂ ସୌନ୍ଦର୍ଯ୍ୟ ପ୍ରସାଧନ ଲଗାଇବାକୁ ପ୍ରବର୍ତ୍ତାଇ ଅଛି, ଏବଂ ଦେଖାଯିବା ହେତୁ ଏହିପରି କରିଅଛି ଯେଉଁ ବିଷୟକି ବାଇବଲ ନିନ୍ଦା କରେ, ଆଉ ତୁ ଭାବିଲୁ ଯେ ତୁ ସେମାନଙ୍କୁ ଅଧିକାର କରି ନେଇଛୁ। ମାତ୍ର ମୁଁ ପ୍ରାର୍ଥନାର ଏହି ସରଳ ଛୋଟ ବାଟୁଳି ସହିତ ଆସୁଛି। ମୁଁ ଆଜି ରାତି ସେମାନଙ୍କୁ ଫେରାଇ ଆଣୁଛି। ତୁ ଆଉ ଅଧିକ ସେମାନଙ୍କୁ ଧରି ରଖିପାରିବୁ ନାହିଁ। ତୁ ଯୁଦ୍ଧ ହାରିଯାଇଛୁ। ଏଠାରେ ଛିଡା ହୋଇଥିବା ଏହି ମୂଲ୍ୟବାନ ବ୍ୟକ୍ତିମାନେ, ପରମେଶ୍ୱରଙ୍କ ମେଷଶାବକମାନେ, ସେମାନଙ୍କୁ

ମୁକ୍ତ କରି ଦେ। ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମେ ତୋତେ ଧମକ ଦେଉଅଛୁ। ମୁଁ ଏହି ଅଭ୍ୟାସ ଏବଂ କ୍ରୋଧ, ଓ ଅନୈତିକତା ଏବଂ ଏହା ଯାହାକିଛି ବି ହୋଇପାରେ ତାହା ମଧ୍ୟରେ ରଖେ, ମୁଁ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତକୁ ରଖେ, ବିଶ୍ୱାସ ଦ୍ୱାରା, ସେମାନଙ୍କର ଏବଂ ସେହି ଜିନିଷ ମଧ୍ୟରେ ପୁନର୍ବାର ରଖେ। ତୁ ଆଉ ଅଧିକ ସେମାନଙ୍କୁ ଧରିବୁ ନାହିଁ। ସେମାନେ ପିତାଙ୍କ ଚାରଣଭୂମିରେ ଅଛନ୍ତି। ସେମାନେ ତାହାଙ୍କର ସନ୍ତାନ ଅଟନ୍ତି। ସେମାନଙ୍କଠାରୁ ଦୂରରେ ରହ। ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ତୋତେ ଧମକ ଦେଉଅଛି।

300 ଯଦି ଆପଣ ବିଶ୍ୱାସ କରିବେ, ତାହାହେଲେ ସେଠାରେ ନରକରେ ଏପରି କୌଣସି ଶୟତାନ ନାହିଁ ଯିଏକି ଆପଣଙ୍କୁ ସ୍ପର୍ଶ କରିପାରେ। ଆପଣ ରକ୍ତ ଦ୍ୱାରା ଆଚ୍ଛାଦିତ ଅଟନ୍ତି। ଆପଣ ପ୍ରାର୍ଥନା, ସୁସମାଚାରର ସେବକଗଣ, ଏବଂ ନିୟମର ବାର୍ତ୍ତାବହମାନଙ୍କ ଦ୍ୱାରା ଘେରା ହୋଇ ରହିଛନ୍ତି, ପ୍ରାର୍ଥନା। ଏଠାରେ ଛିଡା ହୋଇଥିବା ଆପଣ ପ୍ରତ୍ୟେକଜଣ ବ୍ୟକ୍ତି, ଏଠାରେ ଉପରକୁ ଆସନ୍ତୁ, ଏହା ଜାଣି ଯେ ଆପଣଙ୍କର ଏପରି ଅଭ୍ୟାସ, ତ୍ରୁଟି, ଏବଂ ବିଷୟଗୁଡିକ ରହିଥିଲା ଯାହା ପାଇଁ ଆପଣମାନେ ଲଜ୍ଜିତ ହୋଇଥିଲେ। ଯଦି ଆପଣ ବର୍ତ୍ତମାନ ସେଗୁଡିକୁ ପରମେଶ୍ୱରଙ୍କ ବିଚାରର ପିତ୍ତଳ ବେଦୀ ଉପରେ ରଖି ଦେବେ, ଏବଂ ବର୍ତ୍ତମାନ ଏହାକୁ ନିଜର କ୍ଷମା ଭାବରେ ଗ୍ରହଣ କରି ନେବେ, ଯାହାକି ଖ୍ରୀଷ୍ଟ ଆପଣଙ୍କୁ ଏହା ଦିଅନ୍ତି, ତାହାହେଲେ କଅଣ ଆପଣ ବିଶ୍ୱାସ ଦ୍ୱାରା ସେହି ଅର୍ପଣକୁ କରିବେ କି, ଯେ ନିଜର ହାତକୁ ଉଠାଇ ଏହା କହିବେ, "ମୁଁ ବର୍ତ୍ତମାନ ଏହାକୁ ଗ୍ରହଣ କରେ। ଏହା ଚାଲିଯାଇଛି। ଏବଂ ଏହି ଦିନଠାରୁ, ମୁଁ ଏହାକୁ ଆଉ ଅଧିକ କରିବି ନାହିଁ"? ଆପଣ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଉଦ୍ଧାର କରା ଯାଇଛନ୍ତି। ଆମେନ୍। ଆମେନ୍। ପରମେଶ୍ୱରଙ୍କର ପ୍ରଶଂସା ହେଉ।

କଅଣ ଆଉ ଏପରି କେହି ଅଛନ୍ତି କି, ଯିଏକି ଆସି ଏହି ସମୂହରେ ଯୋଗଦେବାକୁ ଚାହାଁନ୍ତି?

301 କଅଣ ଏହି ଭବନରେ ଆଉ କେହି ଅସୁସ୍ଥ ଅଛନ୍ତି କି, ଯିଏକି ଠିକ ଏହି ସମୟରେ ପ୍ରାର୍ଥନା ନିମନ୍ତେ ଛିଡ଼ା ହେବାକୁ ଚାହାଁନ୍ତି? ଛିଡା ହୋଇଯାଆନ୍ତୁ।

302 ମୁଁ ଚାହେଁ ଯେ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଏଠାରେ, ଯଦି ଆପଣ ଜଣେ—ଯଦି ଆପଣ ଜଣେ କୌଣସି ଉତ୍ତମ ପୂର୍ଣ୍ଣ ସୁସମାଚାର ମଣ୍ଡଳୀର ସଦସ୍ୟ ନୁହଁନ୍ତି, ତାହାହେଲେ ଗୋଟିଏକୁ ଯାଆନ୍ତୁ, ଏହି ଗୋଟିକକୁ ଯଦି ଆପଣ ଯାଇପାରୁଛନ୍ତି, ଯଦି ଆପଣ ଏଠାରେ ଆଖପାଖରେ ରୁହନ୍ତି। ପାଳକଙ୍କ ସହିତ ସାକ୍ଷାତ କରନ୍ତୁ ଏବଂ ବାପ୍ତିଜିତ ହୁଅନ୍ତୁ। ଏବଂ ତାହାପରେ ଯଦି ଆପଣ ପବିତ୍ରଆତ୍ମା ଗ୍ରହଣ କରିନାହାଁନ୍ତି, ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ଯେ ଆପଣଙ୍କୁ ପବିତ୍ରଆତ୍ମା ଦେବେ ଓ ଆପଣଙ୍କୁ ପରିପୂର୍ଣ୍ଣ କରିବେ, ଆପଣଙ୍କୁ କନ୍ୟାର ଏକ ସଦସ୍ୟ କରିବେ।

303 ଭାଇ ଓ ଭଉଣୀମାନେ, ସେଠାରେ ଆର ପାର୍ଶ୍ୱରେ, ଅସୁସ୍ଥ ଲୋକମାନଙ୍କୁ ଦେଖନ୍ତୁ। ଶୟତାନ ସେହି ଲୋକମାନଙ୍କୁ ଧରି ରଖିପାରେ ନାହିଁ। ଏହା ତ ହୁଗୁଳା କରିବାର ସମୟ

ଅଟେ । ହାଲ୍ଲେଲୁୟା! କଅଣ ଆପଣ ତାହା ବିଶ୍ୱାସ କରନ୍ତି ନାହିଁ କି?

ତେବେ ଆସନ୍ତୁ ଆମେମାନେ ପ୍ରାର୍ଥନା ପାଇଁ ମସ୍ତକଗୁଡିକୁ ନତ କରିବା ।

304 ଏବଂ ସେଠାରେ ଥିବା ଆପଣମାନେ ପ୍ରତ୍ୟେକ ଜଣ, ଯେଉଁମାନେକି ଅସୁସ୍ଥ ଅଟନ୍ତି, ଆପଣ ଯେଉଁମାନେ ଛିଡା ହୋଇଛନ୍ତି, ପରସ୍ପର ଜଣେ ଅନ୍ୟ ଉପରେ ନିଜର ହାତକୁ ରଖନ୍ତୁ । ଯୀଶୁ ଖ୍ରୀଷ୍ଟ କହିଲେ, "ଏହି ଚିହ୍ନଗୁଡିକ ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କର ଅନୁବର୍ତ୍ତୀ ହେବ । ଯଦି ସେମାନେ ରୋଗୀମାନଙ୍କ ଉପରେ ନିଜର ହାତ ରଖିବେ, ସେମାନେ ସୁସ୍ଥ ହୋଇଯିବେ । ପରସ୍ପର ଜଣେ ଅନ୍ୟ ଉପରେ ନିଜର ହାତକୁ ଧରି ରଖିଥାନ୍ତୁ । ବର୍ତ୍ତମାନ, ଆପଣ ନିଜ ପାଇଁ ପ୍ରାର୍ଥନା କରନ୍ତୁ ନାହିଁ । ଆପଣ ସେହି ପରବର୍ତ୍ତୀ ବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା କରନ୍ତୁ ଯାହାଙ୍କ ଉପରେ ଆପଣ ନିଜର ହାତ ରଖିଛନ୍ତି, କାରଣ ସେମାନେ ଆପଣଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି ।

ଆସନ୍ତୁ ଆମେମନେ ବର୍ତ୍ତମାନ ଏକ ଖ୍ରୀଷ୍ଟିଆନ ମଣ୍ଡଳୀ ଭାବରେ ଏକାଠି ପ୍ରାର୍ଥନା କରିବା ।

305 ପ୍ରଭୁ ଯୀଶୁ, ଆମେମାନେ ଆଜି ରାତି ସେହି ବିଜୟ ପାଇଁ, ତୁମ ନିକଟରେ ପ୍ରାଣଗୁଡିକୁ ଆସୁଥିବା ପାଇଁ ଧନ୍ୟବାଦୀ ଅଟୁ। ତେବେ, ଶୟତାନ ତୁମର କେତେକ ମେଷଗୁଡିକୁ ଅସୁସ୍ଥତାରେ, ଆକ୍ରାନ୍ତ କରି ଦେଇଛି । ଆମେ ସେମାନଙ୍କୁ ଫେରାଇ ଆଣିବା ନିମନ୍ତେ ଦାବୀ କରିବାକୁ ଆସିଅଛୁ । ଏବଂ ଜୀବନ୍ତ ପରମେଶ୍ୱରଙ୍କ ଏକ ମଣ୍ଡଳୀ ଭାବରେ, ଆମେ ଶୟତାନକୁ ଭର୍ତ୍ସନା କରୁଅଛୁ, ଏବଂ କହୁଅଛୁ, "ଶୟତାନ, ଏହି ଅସୁସ୍ଥ ଲୋକମାନଙ୍କୁ ମୁକ୍ତ କରି ଦେ । ଆମେମାନେ ଯୀଶୁଖ୍ରୀଷ୍ଟଙ୍କ ନାମରେ ତୋତେ ଧମକ ଦେଉଅଛୁ, ଯେପରି ସେମାନେ ସୁସ୍ଥ ହୋଇପାରନ୍ତି ।" ବାଇବଲ କୁହେ, "ଏହି ଚିହ୍ନଗୁଡିକ ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କର ଅନୁବର୍ତ୍ତୀ ହେବ । ଯଦି ସେମାନେ ରୋଗୀମାନଙ୍କ ଉପରେ ହାତ ରଖିବେ, ସେମାନେ ସୁସ୍ଥ ହୋଇଯିବେ ।" ତାହା ପରମେଶ୍ୱରଙ୍କ ପ୍ରତିଜ୍ଞା ଅଟେ, ଏବଂ ଆମେମାନେ ଜାଣୁ ଯେ ତାହା ସତ୍ୟ ଅଟେ । ସେମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ କୋରଡାଘାତ ଦ୍ୱାରା ସୁସ୍ଥ ହୋଇଛନ୍ତି ।

306 ବର୍ତ୍ତମାନ, ଯଦି ଆପଣମାନେ ଏହାକୁ ବିଶ୍ୱାସ କରନ୍ତି, ତେବେ ନିଜର ହାତ ଉଠାଇ ତାହାଙ୍କୁ ପ୍ରଶଂସା କରନ୍ତୁ । ଆମେନ୍ ।

307 ଠିକ ଅଛି, ପାଳକ ମହୋଦୟ, ଏହା ସବୁ ଆପଣଙ୍କର ଅଟେ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ । ଆଜି ରାତିରେ ଆପଣମାନଙ୍କ ସହିତରେ ରହିବା ବହୁତ ଉତ୍ତମ ଅଟେ । ପରମେଶ୍ୱର ଆପଣମାନଙ୍କ ସହିତରେ ରୁହନ୍ତୁ ।

ଏଠାରେ ଥିବା ଭାଇମାନେ, ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

62-0121E ମେଷଶାବକଙ୍କ ବିବାହ
ଫେଲୋଶିପ ଟାବର୍ନେକଲ
ଫିନିକ୍ସ, ଏରିଜୋନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ୱା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।


ଅଧିକ ସୂଚନା ନିମନ୍ତେ କିମ୍ୱା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:


VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org